୬ ଏସିଆ କପ୍‌ରେ ଭାରତୀୟ ଟି-୨୦ ଦଳର ଅଧିନାୟକ ହେବେ ସୂର୍ଯ୍ୟକୁମାର : ଗମ୍ଭୀର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
E-mail : sambadkalikanews@gmail.com
● ବର୍ଷ–୩୨ ● ସଂଖ୍ୟା–୨୦୦ ● ୧୮ ଅଗଷ୍ଟ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-200 ● 18th August 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଦିଲ୍ଲୀ-ଏନସିଆରକୁ ଟ୍ରାଫିକ ଜାମ୍‌ରୁ ମିଳିବ ମୁକ୍ତି

# ୧୧,୦୦୦କୋଟି ଟଙ୍କାର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୭।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦେଶକୁ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉପହାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାୟ ୧୧,୦୦୦ କୋଟି ଟଙ୍କା ମୂଲ୍ୟର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ସମାପ୍ତ ହେବା ପରେ ଦିଲ୍ଲୀ-ଏନସିଆର ଟ୍ରାଫିକ ଜାମରୁ ମୁକ୍ତି ପାଇବ।

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ସଂଯୋଗୀକରଣକୁ ବହୁ ପରିମାଣରେ ଉନ୍ନତ କରିବା। ଯାତ୍ରା ସମୟ ହ୍ରାସ କରିବା ଏବଂ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ ହ୍ରାସ କରିବା।

ଦ୍ୱାରକା ଏକ୍ସପ୍ରେସୱେ ଏବଂ ସହରାଞ୍ଚଳ ବିସ୍ତାର ରାସ୍ତା-୨ର ଦିଲ୍ଲୀ ସେକ୍ସନକୁ ଉଦଘାଟନ କରିବା ପରେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ, ଏହି ଏକ୍ସପ୍ରେସୱେର ନାମ ଦ୍ୱାରକା। ଯେଉଁଠାରେ ଏହି କାର୍ଯ୍ୟକ୍ରମ ହେଉଛି ତାହା ରୋହିଣୀ।



ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ଏକ ରୋଡ୍ ଶୋ କରିଥିଲେ ଏବଂ ଦ୍ୱାରକା ଏକ୍ସପ୍ରେସୱେ ଓ ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତା-୨ର ଦିଲ୍ଲୀ ସେକ୍ସନର ନିର୍ମାଣ ଶ୍ରମିକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ - ଦ୍ୱାରକା ଏକ୍ସପ୍ରେସୱେ ଏବଂ ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତା-୨ର ଦିଲ୍ଲୀ ସେକ୍ସନ। ରାଜଧାନୀର ଭିଡ଼ କମ କରିବା ପାଇଁ ସରକାରଙ୍କ ବ୍ୟାପକ ଯୋଜନାର ଅଂଶ ଭାବରେ ଏହା ବିକଶିତ କରାଯାଇଛି।

ଏହାର ଲକ୍ଷ୍ୟ ହେଉଛି ସଂଯୋଗୀକରଣକୁ ବ୍ୟାପକ ଭାବରେ ଉନ୍ନତ କରିବା। ଯାତ୍ରା ସମୟ ହ୍ରାସ କରିବା ଏବଂ ଦିଲ୍ଲୀ ତଥା ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ୍ ଭିଡ଼ କମ କରିବା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତାର ଆଉ ଏକ ବିଶେଷତ୍ୱ ଅଛି। ଏହା ଦିଲ୍ଲୀକୁ ଅଳିଆ ପାହାଡ଼ରୁ ମୁକ୍ତ କରିବାରେ ସାହାଯ୍ୟ କରିବ। ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତା ନିର୍ମାଣରେ ଲକ୍ଷ ଲକ୍ଷ ଟନ୍ ଅଳିଆ ବ୍ୟବହାର କରାଯାଇଛି।

ଅଳିଆ ପାହାଡ଼କୁ ହ୍ରାସ କରି, ରାସ୍ତା ନିର୍ମାଣରେ ଅଳିଆ ସାମଗ୍ରୀ ବ୍ୟବହାର କରାଯାଇଛି ଏବଂ ଏହା ବୈଜ୍ଞାନିକ ଉପାୟରେ କରାଯାଇଛି। ଭାଲସ୍ୱା ଲ୍ୟାଣ୍ଡଫିଲ୍ ନିକଟରେ ଅବସ୍ଥିତ। ଆମେ ସମସ୍ତେ ଜାଣୁ ଯେ, ଏଠାରେ ରହୁଥିବା ପରିବାର ପାଇଁ କେତେ ସମସ୍ୟା ଅଛି। ଆମ ସରକାର ଦିଲ୍ଲୀର ଲୋକମାନଙ୍କୁ ଏପରି ପ୍ରତ୍ୟେକ ସମସ୍ୟାରୁ ମୁକ୍ତ କରିବାରେ ନିୟୋଜିତ ଅଛନ୍ତି।

# ସରକାରୀ ଓ ବିରୋଧୀ ଦଳ ସବୁ ସମାନ : ଇସିଆଇ

**ନୂଆଦିଲ୍ଲୀ, ୧୭।୮**

ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ର ସାମ୍ବାଦିକ ସମ୍ମିଳନୀ ନୂଆଦିଲ୍ଲୀର ରାଇସିନା ରୋଡ୍‌ରେ ଥିବା ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ରବିବାର କରାଯାଇଛି। ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହି ସମୟରେ ଭୋଟରମାନଙ୍କୁ ଏକ ବାର୍ତ୍ତା ଦେଇ କହିଛନ୍ତି, ସମ୍ବିଧାନ ଅନୁଯାୟୀ ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୁବକ ଓ ଯୁବତୀ ଭୋଟର ହୋଇ ଭୋଟ ଦେବା ଉଚିତ୍। ପ୍ରତ୍ୟେକ ରାଜନୈତିକ ଦଳ ନିର୍ବାଚନ କମିଶନରେ ପଞ୍ଜୀକରଣ ପରେ ହିଁ ଗଠିତ ହୁଏ। ନିର୍ବାଚନ କମିଶନ ପାଇଁ କୌଣସି ଶାସକ ଦଳ କିମ୍ବା ବିରୋଧୀ ଦଳ ନାହିଁ। ସମସ୍ତେ ସମାନ। ନିର୍ବାଚନ କମିଶନ କେବେବି ନିଜର କର୍ତ୍ତବ୍ୟରୁ ପଛକୁ ହଟି ନାହିଁ କି ହଟିବ ନାହିଁ। ନିର୍ବାଚନ କମିଶନଙ୍କର କେହି ପକ୍ଷ କିମ୍ବା ବିପକ୍ଷ ଦଳ ନାହାଁନ୍ତି। ନିର୍ବାଚନ କମିଶନ କୌଣସି ଦଳ ପାଇଁ ପକ୍ଷପାତିତା କରନ୍ତି ନାହିଁ। ଅଭିଯୋଗ ଆସିଥିବା ବିହାର ପ୍ରସଙ୍ଗରେ ମଧ୍ୟ ସ୍ପଷ୍ଟୀକରଣ ରଖିଛନ୍ତି। ବିହାରର ୭ କୋଟିରୁ ଅଧିକ ମତଦାତା କେବେ ପ୍ରଶ୍ନ କରି ନାହାଁନ୍ତି। ନିର୍ବାଚନ କମିଶନ ସହ ଛିଡା ହୋଇଛନ୍ତି ୭ କୋଟିରୁ ଅଧିକ ଭୋଟର। ଭୋଟ୍ ଚୋରି ଶବ୍ଦ ସମ୍ବିଧାନକୁ ଅପମାନ। ଭୋଟ୍ ଚୋରି ଭଳି ଭୁଲ୍ ଶବ୍ଦ ପ୍ରୟୋଗ କରି ଭ୍ରମିତ କରାଯାଉଛି। ଭୋଟରଙ୍କ ବିନା ଅନୁମତିରେ ଫଟୋ କେମିତି ସାମ୍ନାକୁ ଅଣାଗଲା। ମାଆ, ଭଉଣୀଙ୍କ ସିସିଟିଭି ଭିଡିଓ ସାମ୍ନାକୁ ଆସିବା ଜରୁରୀ।



ନିର୍ବାଚନ କମିଶନରଙ୍କ କାନ୍ଧରେ ବନ୍ଧୁକ ରଖି ରାଜନୀତି କରାଯାଉଛି। ସାମ୍ବିଧାନିକ ଅଧିକାରରୁ ନିର୍ବାଚନ ଆୟୋଗ ପଛଘୁଞ୍ଚା ଦେବେ ନାହିଁ। ମିଥ୍ୟା ଆରୋପରେ କେବେ ନିର୍ବାଚନ ଆୟୋଗ ଡରିଯିବେ ନାହିଁ। ନିର୍ବାଚନ କମିଶନର କହିଛନ୍ତି ଯେ ସମସ୍ତ ରାଜନୈତିକ ଦଳର ଦାବି ଅନୁଯାୟୀ ବିହାରରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଆରମ୍ଭ ହୋଇଛି। ୧.୬ ଲକ୍ଷ ବିଏଲଏ ମିଳିତ ଭାବରେ ଏକ ଡ୍ରାଫ୍ଟ ଭୋଟର ତାଲିକା ପ୍ରସ୍ତୁତ କରିଛନ୍ତି। ଏହାର କପି ସମସ୍ତ ରାଜନୈତିକ ଦଳକୁ ଦିଆଯାଇଛି। ଯେତେବେଳେ ଏହି ତାଲିକା ପ୍ରସ୍ତୁତ କରାଯାଉଥିଲା, ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଏଥିରେ ଦସ୍ତଖତ କରିଥିଲେ, ତେବେ କେଉଁ ଆଧାରରେ ଡ୍ରାଫ୍ଟ ଭୋଟର ତାଲିକା ଉପରେ ପ୍ରଶ୍ନ ଉଠାଯାଉଛି ବୋଲି ସେ କହିଛନ୍ତି।

## ୪ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୭।୮ : ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲା ପୁଲିସ ନିକଟରେ ଦୁଇ ମହିଳା କ୍ୟାଡରଙ୍କ ସମେତ ୪ ଜଣ ମାଓବାଦୀ ଆସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏପି ଜିତେନ୍ଦ୍ର ଚନ୍ଦ୍ରକାର ସମେତ ସିଆରପିଏଫ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଗୁଣ୍ଡା ଅପରାଧ ଦମନ ପାଇଁ ନୂଆ ଆଇନ ଆସିବ: ମୁଖ୍ୟମନ୍ତ୍ରୀ।
- ସୀମାନ୍ତ କୋଟିଆ ପଞ୍ଚାୟତରେ ଓଡ଼ିଶା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ଜାତୀୟ ପତାକା ଉତ୍ତୋଳନ ଓ ରାଲିରେ ଓଡ଼ିଶାର ଦାବି ଜୋରଦାର।
- କଟକ ଚଣ୍ଡୀ ମନ୍ଦିର ପୁନରୁଦ୍ଧାନ ୨୦୨୬ ମାର୍ଚ୍ଚରେ ସମାପ୍ତ ହେବ।
- ଓଡ଼ିଶାରେ ୪,୦୦୯ କୋଟିର ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ଅନୁମୋଦନ।
- ବରଗଡ଼ରେ ନାବାଳିକାଙ୍କ ଆତ୍ମଦାହ ଘଟଣାର ତଦନ୍ତ ଆରମ୍ଭ।
- ନୂଆପଡ଼ାରେ ମହିଳା କନ୍‌ଷ୍ଟେବଲ ରୁକ୍ମିଣୀ ନାଗଙ୍କ ମୃତ୍ୟୁ ଘଟଣାର ତଦନ୍ତ ଜାରି।
- ଗଞ୍ଜାମର ଏକ ଗୁହାଳ ଘରୁ ବିସ୍ଫୋରକ ଜବତ କଲା ପୋଲିସ।
- 'ହର ଘର ତିରଙ୍ଗା' କ୍ୟାମ୍ପେନ୍: ୭.୫ କୋଟି ସେଲ୍‌ଫି ଅପଲୋଡ୍।

# ନବୀନ ବାବୁ ଅସୁସ୍ଥ: ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ସମର୍ଥକ-ପ୍ରଶଂସକ

**ଭୁବନେଶ୍ୱର, ୧୭।୮**
**ନ୍ୟୁଜ୍ ବ୍ୟୁରୋ**

ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଅସୁସ୍ଥତା ନେଇ ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କୁ ମନ୍ତ୍ରୀ, ବିଧାୟକ, ନେତା ଓ ସମର୍ଥକ ଭେଟୁଛନ୍ତି। ନବୀନ ବାବୁ ଶୀଘ୍ର ଆରୋଗ୍ୟଲାଭ କରନ୍ତୁ ବୋଲି ତାଙ୍କର ସମର୍ଥକ ଓ ପ୍ରଶଂସକମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି। ସୋସିଆଲ ମିଡିଆରେ ନବୀନଙ୍କ ଆରୋଗ୍ୟ କାମନା କରି ଫଲୋଅର୍ସମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି।



ନବୀନ ପଟ୍ଟନାୟକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ମନ୍ତ୍ରୀ, ବିଧାୟକ, ନେତା, ସମର୍ଥକ ଓ ପ୍ରଶଂସକମାନେ ସମ୍ ଅଲ୍ଟିମେଟ୍ ମେଡିକେୟାର ଆଡ଼କୁ ଅଗ୍ରସର ହେଉଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, *(ପୃଷ୍ଠା ୭ରେ)*

### ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧୭।୮**
**ନ୍ୟୁଜ୍ ବ୍ୟୁରୋ**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଅସୁସ୍ଥତା ନେଇ ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କୁ ମନ୍ତ୍ରୀ, ବିଧାୟକ, ନେତା ଓ ସମର୍ଥକ ଭେଟୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ନେତା ଓ ମନ୍ତ୍ରୀ ସୋସିଆଲ ମିଡିଆରେ ନବୀନଙ୍କ ଆରୋଗ୍ୟ କାମନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ *(ପୃଷ୍ଠା ୭ରେ)*

# ସି.ପି. ରାଧାକୃଷ୍ଣନ ହେଲେ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ

**ନୂଆଦିଲ୍ଲୀ, ୧୭।୮**

ମହାରାଷ୍ଟ୍ରର ରାଜ୍ୟପାଳ ସି.ପି ରାଧାକୃଷ୍ଣନ ହେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ। ରବିବାର ତାଙ୍କ ନାଁ ଘୋଷଣା କରିଛନ୍ତି ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା। ବିଜେପି ସଂସଦୀୟ ବୈଠକରେ ତାଙ୍କ ନାଁ ଉପରେ ମୋହର ବାଜିବା ପରେ ଏହି ଘୋଷଣା କରାଯାଇଛି।

ଚନ୍ଦ୍ରପୁରମ ପୋନୁସ୍ୱାମୀ ରାଧାକୃଷ୍ଣନ ବା ସି.ପି ରାଧାକୃଷ୍ଣନ ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁର ତିରୁପ୍ପୁରରେ ଜନ୍ମ ହୋଇଥିଲେ। ୧୬ ବର୍ଷ ବୟସରୁ ସେ ଆରଏସ୍‌ଏସ୍ ଓ ଜନସଂଘ ସହ ଜଡ଼ିତ ହୋଇଥିଲେ। ତାଙ୍କର ଦୀର୍ଘ ରାଜନୀତିକ କ୍ୟାରିୟରରେ ସେ ଅନେକ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି।



୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଭାବେ କାର୍ଯ୍ୟ କରିଥିଲେ ସି.ପି ରାଧାକୃଷ୍ଣନ। ତା'ପୂର୍ବରୁ ୧୯୯୮ ଓ ୧୯୯୯ରେ ସେ ଦୁଇ ଥର ତାମିଲନାଡୁର କୋଏମ୍ବାଟୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

୨୦୨୪ ଜୁଲାଇ ୩୧ ତାରିଖରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ସି.ପି ରାଧାକୃଷ୍ଣନ। ତା'ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ। ୨୦୨୩ ଫେବୃୟାରୀ ୧୮ରୁ ୨୦୨୪ ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡର ରାଜ୍ୟପାଳ ରହିଥିଲେ। ୨୦୨୪ ମାର୍ଚ୍ଚରୁ ଜୁଲାଇ ମାସ ପର୍ଯ୍ୟନ୍ତ ସେ ତେଲଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ୨୦୨୪ ମାର୍ଚ୍ଚରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ସେ ପୁଡୁଚେରୀର ଉପ-ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଥିଲେ।

ତାମିଲନାଡୁ ବିଜେପିର ସଭାପତି ଥିବା ବେଳେ ସି.ପି ରାଧାକୃଷ୍ଣନ ଏକ ୯୩ ଦିନିଆ ରଥ ଯାତ୍ରା କରିଥିଲେ। *(ପୃଷ୍ଠା ୭ରେ)*

# ବଦଳିବ ପିଏମଓର ଠିକଣା

**ନୂଆଦିଲ୍ଲୀ, ୧୭।୮**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳ (ପିଏମ୍‌ଓ)ର ଠିକଣା ପରିବର୍ତ୍ତନ ହେବାକୁ ଯାଉଛି। ବର୍ତ୍ତମାନ ପିଏମଓ ସାଉଥ୍ ବ୍ଲକରେ ଅବସ୍ଥିତ, ଯାହା ଆସନ୍ତା ମାସରେ ଏକଜିକ୍ୟୁଟିଭ୍ ଏନକ୍ଲେଭ୍‌କୁ ସ୍ଥାନାନ୍ତରିତ ହେବ। ସେଣ୍ଟ୍ରାଲ୍ ଭିଷ୍ଟା ପ୍ରୋଜେକ୍ଟ ଅଧୀନରେ ନିର୍ମିତ ଏହି ନୂତନ ଏନକ୍ଲେଭରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବ୍ୟତୀତ କ୍ୟାବିନେଟ ସଚିବାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ ଉନ୍ନତ କନଫରେନ୍ସିଂ ରୁମ୍ ସୁବିଧା ମଧ୍ୟ ରହିବ। ଏହା ଉଲ୍ଲେଖନୀୟ ଯେ ନୂତନ ପିଏମଓ ପ୍ରଧାନମନ୍ତ୍ରୀଙ୍କ ବାସଭବନର ନିକଟତର ଓ ସାଉଥ୍ ବ୍ଲକରେ ଥିବା ପିଏମଓରେ ଆଧୁନିକ ସୁବିଧାର ଅଭାବ ଅଛି।



ସେହି ସମୟରେ ସ୍ଥାନର ମଧ୍ୟ ଅଭାବ ଅଛି। ସୂଚନା ଅନୁଯାୟୀ, ନୂତନ ପିଏମଓକୁ କିଛି ନୂତନ ନାମ ମଧ୍ୟ ଦିଆଯାଇପାରିବ। ପ୍ରଧାନମନ୍ତ୍ରୀ ତାଙ୍କର *(ପୃଷ୍ଠା ୭ରେ)*

# କାଠୁଆରେ ବାଦଲଫଟା ବର୍ଷା : ୭ ମୃତ

**ଶ୍ରୀନଗର, ୧୭।୮**

ଜମ୍ମୁ-କଶ୍ମୀରର କାଠୁଆରେ ରବିବାର ସକାଳେ ବାଦଲଫଟା ବର୍ଷା ହେବା କାରଣରୁ ଅଘଟଣ ଘଟି ସନ୍ଧ୍ୟା ସୁଦ୍ଧା ୭ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଥିରେ ୫ ଜଣ ନାବାଳକ ନାବାଳିକା ମଧ୍ୟ ଅଛନ୍ତି। ୧୭ ଅଗଷ୍ଟ ସକାଳେ ଜମ୍ମୁ ଓ କଶ୍ମୀରର କାଠୁଆରେ ବାଦଲ ଫଟା ବର୍ଷା ପରେ ସମଗ୍ର ଅଞ୍ଚଳ ପାଣିରେ ବୁଡ଼ି ଯାଇଥିଲା। ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁ-ପଠାନକୋଟ୍ ରାଜମାର୍ଗର କିଛି ଅଂଶ ବିଚ୍ଛିନ୍ନ ହୋଇଯାଇଛି। ରେଳ ଧାରଣା ଗୁଡିକ ପାଣିରେ ବୁଡି ରହିଛି। ଘାଟି ଓ ଜଙ୍ଗଲୋଟରେ ସକାଳେ ପ୍ରବଳ ବର୍ଷା କାରଣରୁ ଘର ଗୁଡିକ ପାଣିରେ ବୁଡି ରହିଥିଲା। ପୁଲିସ କହିଛି ଯେ, କାଠୁଆ ପୁଲିସ ଷ୍ଟେସନ ଓ ଅନ୍ୟ ଅଟ୍ଟାଳିକା ପାଣିରେ ବୁଡି ରହିଛି। ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଅନେକ ଲୋକେ ଏବେ ମଧ୍ୟ ଫସି ରହିଛନ୍ତି।



## ଆଜିଠୁ ମାଲକାନଗିରିରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା

**ମାଲକାନଗିରି, ୧୭।୮**
**ନ୍ୟୁଜ୍ ବ୍ୟୁରୋ**

ସୋମବାରଠାରୁ ମାଲକାନଗିରିରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା। ୧୨ ବିଶେଷଜ୍ଞ ଡାକ୍ତର ଏହି ବିମାନରେ ଯାଇ ମାଲକାନଗିରିରେ ପହଞ୍ଚିବେ। କଟକର ଏସସିବି ଓ ରାଜଧାନୀର କ୍ୟାପିଟାଲ ହସ୍ପିଟାଲର ୧୨ଜଣିଆ ବିଶେଷଜ୍ଞ ଦଳ ସେଠାରେ ୪ ଦିନ ଧରି ରୋଗୀ ସେବା ଯୋଗାଇବେ। ୧୨ ବିଶେଷଜ୍ଞ ଡାକ୍ତର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ଯୋଗାଇବେ। ଏନେଇ ମାଲକାନଗିରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ଏକାଳ ପଖାଳ



ଏୟା ବଞ୍ଚାଅ ସେୟା ବଞ୍ଚାଅ
ଏଟାଚୋରି ସେଟା ଚୋରି
କୁମାର ଆଜ୍ଞାଙ୍କୁ ବୟସ ହେଲାଣି
ଅଭିଯୋଗ କରି କରି
ପାଦ ଚପଲକୁ ଘୋରି
ବୁଲିକି କୁହାଟ ମାରନ୍ତି ସବୁଠି
କେତେ ଖେଳନାକୁ ଧରି।

# ଟାରିଫ : ଭାରତୀୟ ବଜାରରୁ ମୁହଁ ମୋଡୁଛନ୍ତି ବିଦେଶୀ ନିବେଶକ




**ନୂଆଦିଲ୍ଲୀ, ୧୭।୮**

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ବିବାଦ, ଟଙ୍କାର ମୂଲ୍ୟହ୍ରାସ ଓ କମ୍ପାନୀମାନଙ୍କର ପ୍ରଥମ ତ୍ରୈମାସିକରେ ଦୁର୍ବଳ ଫଳାଫଳ ଯୋଗୁଁ ବିଦେଶୀ ସାଂସ୍ଥାନିକ ନିବେଶକ (ଏଫଆଇଆଇ) ଭାରତୀୟ ସେୟାର ବଜାରରୁ ଲଗାତାର ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଅଗଷ୍ଟର ପ୍ରଥମ ଦୁଇ ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ପ୍ରାୟ ୨୧,୦୦୦ କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି।

ଡିପୋଜିଟୋରୀ ତଥ୍ୟ ଅନୁସାରେ, ୨୦୨୫ରେ ଏପର୍ଯ୍ୟନ୍ତ ଏଫପିଆଇ ମୋଟ ୧.୧୬ ଲକ୍ଷ କୋଟି ଟଙ୍କାର ସେୟାର ଉଠାଇଛନ୍ତି। ଏଞ୍ଜେଲ ୱାନର ବରିଷ୍ଠ ବିଶ୍ଳେଷକ ବକାର ଜାଭେଦ ଖାନ କହିଛନ୍ତି, ଆମେରିକା ଓ ଋଷିଆ ମଧ୍ୟରେ ଟଣାଓଟରା କମିବା ଓ ନୂଆ ପ୍ରତିବନ୍ଧକର ଅଭାବ ଯୋଗୁଁ ଭାରତ ଉପରେ ପ୍ରସ୍ତାବିତ ୨୫% ଅତିରିକ୍ତ ଶୁଳ୍କ ୨୭ ଅଗଷ୍ଟ ପରେ ଲାଗୁ ହେବାର ସମ୍ଭାବନା କମ ରହିଛି। ଏସ ଆଣ୍ଡ ପି ଭାରତର କ୍ରେଡିଟ ରେଟିଂକୁ ବିବିବିରୁ ବିବିବିକୁ ଉନ୍ନୀତ କରିଛି, ଯାହା ଏଫପିଆଇ ମନୋଭାବକୁ ସୁଧାରିପାରେ।

ଅଗଷ୍ଟ ୧୪ ପର୍ଯ୍ୟନ୍ତ ଏଫପିଆଇ ୨୦,୯୭୫ କୋଟି ଟଙ୍କାର ସେୟାର ଉଠାଇଛନ୍ତି, ଜୁଲାଇରେ ୧୭,୭୪୧ କୋଟି ଟଙ୍କା *(ପୃଷ୍ଠା ୭ରେ)*

# ବଙ୍ଗୋପସାଗରରେ ଲଘୁଚାପ ୨୧ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୭।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ହେଉଛି। ତେବେ ସୋମବାର ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ



ମତ୍ସ୍ୟଜୀବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, *(ପୃଷ୍ଠା ୭ରେ)*



# ଜଳବାୟୁ ପରିବର୍ତ୍ତନରେ ବଢୁଛି ହାଡ଼ଫୁଟି ସଂକ୍ରମଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଧାରଣତଃ ନଭେମ୍ବରଠାରୁ ଫେବ୍ରୁୟାରୀ ମାସ ଭିତରେ ହାଡ଼ଫୁଟି ଦେଖାଦେଇଥାଏ । ହେଲେ ବର୍ତ୍ତମାନ ସଂକ୍ରମଣ କ୍ଷେତ୍ରରେ ପରିବର୍ତ୍ତନ ଆସିଛି । ଏବେ ସବୁ ଋତୁରେ ହାଡ଼ଫୁଟି ଦେଖାଗଲାଣି । ଯାହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାରେ ଅଛନ୍ତି । ଏବେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ହାଡ଼ଫୁଟିରେ ସଂକ୍ରମିତ ହେଲେଣି । ଜଳବାୟୁରେ ପରିବର୍ତ୍ତନ ଓ ଭୂତାଣୁ ଯୋଗୁ ସଂକ୍ରମଣ ବ୍ୟାପୁଥିବା ବିଶେଷଜ୍ଞ ମତ ରଖିଛନ୍ତି । ନୟାଗଡ଼, ଗଞ୍ଜାମ, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଯାଜପୁର, ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାରେ ହାଡ଼ଫୁଟି ସଂକ୍ରମଣ ହୋଇଛି । ସଂକ୍ରମଣ ସ୍ଥିତି ସେଭଳି ଗମ୍ଭୀର ନଥିଲା ବେଳେ ଅଦିନରେ ଦେଖା ଦେଇଛି । କ୍ୟାପଟାଲ ହସ୍ପିଟାଲ ଭେଷଜ ବିଶେଷଜ୍ଞ ଡାକ୍ତର ରଞ୍ଜନ ରାଜ ଦାସ କହିଛନ୍ତି, ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ ଓ ଭୂତାଣୁ ସଂକ୍ରମଣ ଯୋଗୁ ହାଡ଼ଫୁଟିରେ ବ୍ୟାପୁଛି । ଏହି ସଂକ୍ରମଣ ସାଧାରଣତଃ ଶୀତ ଓ ବସନ୍ତ ଋତୁରେ ଦେଖା ଦେଇଥାଏ । ହେଲେ ଆରଏମ୍ଆରସି କହିଛି, ଏହି ରୋଗ ଏତେ ମାରାତ୍ମକ ନୁହେଁ । ରୋଗୀ ଶୀଘ୍ର ସୁସ୍ଥ ହେଇଯାଆନ୍ତି । ଯେହେତୁ ଜଳବାୟୁ ପରିବର୍ତ୍ତନ ଲାଗି ହେଉଛି, ରାଜ୍ୟରେ ସେଭଳି କୌଣସି ବଡ଼ ଧରଣର ସଂକ୍ରମଣ ଖବର ଆସିନି । କ୍ୟାପିଟାଲ ହସ୍ପିଟାଲ ଚର୍ମ ବିଭାଗ ବିଶେଷଜ୍ଞ କହିଛନ୍ତି, ଏହି ମାସେ ଭିତରେ ୨୦ ପାଖାପାଖି ହାଡ଼ଫୁଟି ରୋଗୀ ଆସିଛନ୍ତି । ଯେଉଁମାନଙ୍କ ଚର୍ମ ଅଧିକ ପ୍ରଭାବିତ ହେଉଛି ସେମାନେ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି । ସଂକ୍ରମିତ ଅତିକମ୍‌ରେ ୭ଦିନ ଏକାନ୍ତବାସରେ ରହିବା ଉଚିତ। ଆଉ ପରିବାର ଲୋକଙ୍କ ସଂସ୍ପର୍ଶରେ ଆସିବା କଥା ନୁହେଁ ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ହାଡ଼ଫୁଟି ହୋଇଥାଏ। ଏଥିରେ ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଆକ୍ରାନ୍ତ ହୋଇଥାନ୍ତି । ହେଲେ ବର୍ତ୍ତମାନ ରାଜ୍ୟରେ ହାଡ଼ଫୁଟି ବଢ଼ିଥିବା ନେଇ ସେଭଳି କୌଣସି ସୂଚନା ନାହିଁ । ଭାରିସେଲା ଜୋଷ୍ଟର ଭୂତାଣୁ ଯୋଗୁଁ ହାଡ଼ଫୁଟି ହୋଇଥାଏ। ଏହି ରୋଗରେ ସଂକ୍ରମିତଙ୍କ ଦେହସାରା ଫୋଟକା ଭଳି ଫଳିଯାଏ। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ, ୨୦୨୧ରେ ଦେଶରେ ୧୦ ହଜାରରୁ ଅଧିକ ମାମଲା ନଜରକୁ ଆସିଥିଲା । ୨୦୨୨ରେ ଏହା ୨୦ହଜାର ଟପିଥିଲା । ଏହି ବର୍ଷ ମୃତ୍ୟୁ ସଂଖ୍ୟା ୧୦ରୁ ଅଧିକ ରହିଥିଲା। ୨୦୨୨ରେ ଓଡ଼ିଶାରେ ୫ଶହରୁ ଅଧିକ ସଂକ୍ରମଣ ମାମଲା ନଜରକୁ ଆସିଛି । ହେଲେ ଓଡ଼ିଶା ସରକାରଙ୍କ ପାଖରେ ସଂକ୍ରମିତଙ୍କ ସମ୍ପର୍କରେ କିଛି ତଥ୍ୟ ନାହିଁ । ଟିକା ନେଇଥିବା ପିଲା ହାଡ଼ଫୁଟିରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ । ଯେଉଁମାନେ ବି ସଂକ୍ରମିତ ହୋଇଥାନ୍ତି, ସେମାନଙ୍କଠାରେ କମ୍ ଲକ୍ଷଣ ଦେଖିବାକୁ ମିଳିଥାଏ । ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ରହିଥିବା ଟିକାକରଣ କାର୍ଯ୍ୟକ୍ରମରେ ହାଡ଼ଫୁଟି ପାଇଁ କୌଣସି ଟିକା ଦିଆଯାଉନାହିଁ। ଏଥିପାଇଁ ଅଭିଭାବକମାନଙ୍କୁ ବାହାରୁ ଟିକା କିଣି ଦେବାକୁ ପଡୁଛି ।

# ପଶ୍ଚିମ ଓଡ଼ିଶା ପାଇଁ ଆଲୋକବର୍ତ୍ତିକା ରାଉରକେଲା ବାଳସୁଧାର ଗୃହ

## ସୁନ୍ଦର ଭବିଷ୍ୟତ ପାଇଁ ମିଳୁଛି ବିଭିନ୍ନ ଶିକ୍ଷା



**ରାଉରକେଲା, ନ୍ୟୁଜ ବ୍ୟୁରୋ**

ପରିପକ୍ୱତା ଅଭାବରୁ ପରିସ୍ଥିତିରେ ପଡ଼ି କୌଣସି ଅପରାଧ ଘଟାଉଥିବା ନାବାଳକଙ୍କ ନୂଆ ଭବିଷ୍ୟତ ଗଢୁଛି ରାଉରକେଲା ସହରର ଟିସ୍କୋ କଲୋନିରେ ରହିଥିବା ବାଳସୁଧାର ଗୃହ। ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦିଆଯାଉଛି ଶିକ୍ଷା । ସିଲେଇ ଶିକ୍ଷାଠୁ ନେଇ ବିଦ୍ୟୁତ ସରଞ୍ଜାମ ମରାମତି ପାଇଁ ତାଲିମ ନେଇଛନ୍ତି ସେମାନେ । ସଙ୍ଗୀତ ଶିକ୍ଷା ହାସଲ ପ୍ରକ୍ରିୟାରେ କିଏ ତବ୍‌ଲା ବଜାଉଛି ତ ଆଉ କିଏ ପିଆନୋ । କେହି କେହି ପ୍ରଶିକ୍ଷଣ ଆଧାରରେ ଅଦରକାରୀ କାଗଜ ଓ ଚକୋଲେଟ୍ ଜରିରେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ସାମଗ୍ରୀ । ମାଟିର ଖପର ଏବଂ ନଡିଆ ସଢ଼େଇରେ ଆଙ୍କୁଛନ୍ତି ଭଳିକି ଭଳି ଚିତ୍ର । ଏହିସବୁ ଶିକ୍ଷାଦାନ ଯୋଗୁଁ ଭୁଲ କରି ବାଳସୁଧାର ଗୃହକୁ ଆସୁଥିବା ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ପରିବର୍ତ୍ତନ ମୁହାଁ କରିବା ସହିତ ନିଜର ନୂଆ ଭବିଷ୍ୟତ ଗଢିବାରେ ସଫଳ ହେଉଛନ୍ତି । ସହରର ଛେଣ୍ଡ କଲୋନି ନିକଟସ୍ଥ ଟିସ୍କୋ କଲୋନୀରେ ଥିବା ବାଳସୁଧାର ଗୃହ ୧୯୮୬ ମସିହା ଅଗଷ୍ଟ ୩୧ରେ ସ୍ଥାପିତ ହୋଇଛି । ଏଠାରେ ପ୍ରାୟ ୧୨୫ ଜଣ ଅନ୍ତେବାସୀ ରହିବା ବ୍ୟବସ୍ଥା ରହିଛି । ପଶ୍ଚିମ ଓଡ଼ିଶାର ପ୍ରାୟ ୭ଟି ଜିଲ୍ଲା ପାଇଁ ଏହା ହେଉଛି ଏକମାତ୍ର ବାଳସୁଧାର ଗୃହ। ସବିଶେଷ ସୂଚନା ଅନୁଯାୟୀ, ଏଠାରେ ପ୍ରାୟ ୮୦ରୁ ୯୦ ଜଣ ଅନ୍ତେବାସୀ ରହିଛନ୍ତି । ସପ୍ତାହର ସାତ ଦିନ ଧରି ସେମାନଙ୍କୁ ଭିନ୍ନଭିନ୍ନ ପ୍ରକାରର ଜଳଖିଆ, ମଧ୍ୟାହ୍ନ ଓ ରାତ୍ରୀ ଭୋଜନ ଦିଆଯାଉଛି । ଏଠାରେ ରହୁଥିବା ଅନ୍ତେବାସୀଙ୍କ ମନରେ ଯେପରି ନକାରାତ୍ମକ ଚିନ୍ତାଧାରା ନ ଆସେ, ସେଥିପାଇଁ ବାଳସୁଧାର ଗୃହରେ ସେମାନଙ୍କୁ ବିଭିନ୍ନ ପ୍ରକାର ଶିକ୍ଷା ପ୍ରଦାନ କରାଯାଉଛି। ଅନେକ ଏଠାରେ ରହି ପାଠ ପଢୁଛନ୍ତି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଅନ୍ତେବାସୀ କୃତକାର୍ଯ୍ୟ ହୋଇଛନ୍ତି । ବାଳସୁଧାର ଗୃହରେ ଅନ୍ତେବାସୀଙ୍କ ଅଧ୍ୟୟନ ପାଇଁ ପ୍ରାୟ ୫ହଜାରରୁ ଅଧିକ ପୁସ୍ତକଥିବା ଲାଇବ୍ରେରି ରହିଛି । ସଙ୍ଗୀତ ଶିକ୍ଷା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି । ସେଠାରେ ସମସ୍ତ ପ୍ରକାର ବାଦ୍ୟଯନ୍ତ୍ର ରହିଥିବା ବେଳେ ଖୋଦ୍ ଅନ୍ତେବାସୀ ସେସବୁ ବଜାଇ ସଙ୍ଗୀତ ଶିକ୍ଷା ନେଉଛନ୍ତି । ବିନା ତାଲିମରେ କେତେକ ଅନ୍ତେବାସୀ ନିଜସ୍ୱ ପ୍ରଚେଷ୍ଟାରେ ଚକୋଲେଟ୍ ଓ ବିସ୍କୁଟ ଜରି ସମେତ ପୁରୁଣା ଖବର କାଗଜରେ ସୁନ୍ଦର ସୁନ୍ଦର ଘରକରଣା ଜିନିଷ ତିଆରି କରି ନିଜ ପାଠପଢ଼ା କକ୍ଷର ଶୋଭା ବର୍ଦ୍ଧନ କରିଛନ୍ତି। ବାଳସୁଧାର ଗୃହରେ ରହୁଥିବା ଅନ୍ତେବାସୀଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇବା ଲାଗି ଏଠି କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି।

# ଏମ୍‌କେସିଜିରେ ବିଚିତ୍ର ଚିକିତ୍ସା ପଦ୍ଧତି: ଗୋଟେ ସିଲିଣ୍ଡରରୁ ୨ ନବଜାତକଙ୍କୁ ଅକ୍ସିଜେନ୍

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଆଗରେ ଜଣେ ଆଟେଣ୍ଡାଣ୍ଟ ସିଲିଣ୍ଡର ଗଡ଼ାଇ ଚାଲିଛନ୍ତି । ପଛରେ ଚାଲିଛନ୍ତି ଦୁଇ ଜଣ ମାଆ, କୋଳରେ ସେମାନଙ୍କ ନବଜାତ (୮ରୁ ୧୪ ଦିନ) ଶିଶୁ । ଶିଶୁଙ୍କ ନାକରେ ଲାଗିଛି ଅକ୍ସିଜେନ୍ । ସମସ୍ତେ ଅସୁସ୍ଥ । ସେମାନଙ୍କୁ ନିଆଯାଉଛି ଇକୋକାର୍ଡିଓଗ୍ରାମ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଦାନ ପାଇଁ। ଏହିଭଳି ଅବସ୍ଥାରେ ଶିଶୁମାନଙ୍କୁ ପ୍ରାୟ ୫ଶହ ମିଟର ନିଆଯାଇଥିଲା । ଦୃଶ୍ୟ କିଛି ଏମିତି ସେମିତି ଡାକ୍ତରଖାନାର ନୁହେଁ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଏହି ଦୃଶ୍ୟ ରୋଗୀ ଚିକିତ୍ସା ବ୍ୟବସ୍ଥା ଏବଂ ଚିକିତ୍ସକଙ୍କ ସମ୍ବେଦନଶୀଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଦୁଇ ନବଜାତ ଶିଶୁଙ୍କୁ ଏସ୍‌ଏନ୍‌ସିୟୁ (ସ୍ପେଶାଲ୍ ନ୍ୟୁ ବର୍ନ କେୟାର ୟୁନିଟ୍)ରୁ ନିଆଯାଉଥିଲା ହୃଦ୍‌ରୋଗ ବିଭାଗକୁ। ଦୁଇ ଶିଶୁଙ୍କୁ ଇକୋକାର୍ଡିଓଗ୍ରାମ୍ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ଦୁଇ ଶିଶୁଙ୍କର ଅକ୍ସିଜେନ୍ ଆବଶ୍ୟକ ନ ଥିବାବେଳେ ୱାର୍ଡରେ ଥିବା ମହିଳା ଆଟେଣ୍ଡାଣ୍ଟ୍ ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ୨ ଜଣ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇଥିଲେ। ଅକ୍ସିଜେନ୍ ସିଲିଣ୍ଡର ଧରି ଆଟେଣ୍ଡାଣ୍ଟ୍ ଆଗେ ଆଗେ ଯାଉଥିବା ବେଳେ ୨ ଜଣ ମାଆ ଓ ସମ୍ପର୍କୀୟ ଶିଶୁଙ୍କୁ କୋଳରେ ଧରି ପଛରେ ଯାଉଥିଲେ । ଏହି ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ଶିଶୁମାନେ ହୃଦ୍‌ରୋଗ ବିଭାଗରେ ପହଞ୍ଚିବା ପରେ ଉପସ୍ଥିତ ଡାକ୍ତର ବିରକ୍ତ ହୋଇଥିଲେ । ଏକାସାଙ୍ଗରେ କିପରି ଇକୋ କରିବେ ବୋଲି ପଚାରିଥିଲେ । ପରେ ଅବଶ୍ୟ ଡାକ୍ତର ଶିଶୁମାନଙ୍କ ଇକୋ କରିଥିଲେ । ଶିଶୁଙ୍କ ଅବସ୍ଥା ଗୁରୁତର ଥିବାରୁ ଏଭଳି ଅନ୍ୟ ସ୍ଥାନକୁ ନେବା ଏବଂ ଗୋଟିଏ ସିଲିଣ୍ଡରରୁ ୨ଜଣଙ୍କୁ ଅକ୍ସିଜେନ୍ ଯୋଗାଇବା ଘଟଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା । ଜଣେ ବରିଷ୍ଠ ଶିଶୁରୋଗ ଡାକ୍ତର କହିଛନ୍ତି, ଗୋଟିଏ ସିଲିଣ୍ଡରରୁ ୨ଜଣ ଶିଶୁଙ୍କୁ ଅକ୍ସିଜେନ୍ ସଂଯୋଗ ଚିକିତ୍ସା ବିଜ୍ଞାନରେ ନାହିଁ । ଗୁରୁତର ଶିଶୁଙ୍କ ପାଇଁ ଶଯ୍ୟାରେ ହିଁ ଇକୋକାର୍ଡିଓଗ୍ରାମ କରାଯାଏ । କିନ୍ତୁ ଏମ୍‌କେସିଜିରେ ସେହି ବ୍ୟବସ୍ଥା ନାହିଁ। ଶିଶୁଟି ସୁସ୍ଥ ହେବା ପରେ ଅକ୍ସିଜେନ୍ ଆବଶ୍ୟକ ନ ଥିବା କିମ୍ବା ଡିସଚାର୍ଜବେଳେ ଇକୋକାର୍ଡିଓଗ୍ରାମ୍ କରାଯାଇପାରିବ। ଉକ୍ତ ଅବ୍ୟବସ୍ଥାକୁ ସେ ନାପସନ୍ଦ କରିଛନ୍ତି । ଏମ୍‌କେସିଜି ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ କହିଛନ୍ତି, ଶିଶୁ ବିଭାଗ ମୁଖ୍ୟଙ୍କୁ ରିପୋର୍ଟ ମଗାଯାଇଛି । ଅକ୍ସିଜେନ୍ ସିଲିଣ୍ଡର ଅଭାବ ଥିଲା ନା ଆଟେଣ୍ଡାଣ୍ଟ ନଥିଲେ। କାହିଁକି ଗୋଟିଏ ସିଲିଣ୍ଡରରେ ଦୁଇଜଣଙ୍କୁ ଅକ୍ସିଜେନ୍ ଲଗାଯାଇଥିଲା ରିପୋର୍ଟ ମଗାଯିବ । ସୂଚନାଯୋଗ୍ୟ, ୨୦୨୨ରେ ୩ଜଣ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ୍ ଦିଆଯାଇ ବିପଜ୍ଜନକ ଭାବେ ନିଆଯାଉଥିବା ଦେଖିବାକୁ ମିଳିଥିଲା। ଭବିଷ୍ୟତରେ ଏଭଳି ନକରିବାକୁ ତତ୍କାଳୀନ ଡିନ୍ ଏବଂ ଅଧୀକ୍ଷକ ତାଗିଦ୍ କରିଥିଲେ ।



# ଜାତୀୟ ଶିକ୍ଷା ନୀତି ଅନୁସାରେ ରାଜ୍ୟରେ ୪୪ ହଜାର ଶିକ୍ଷକଙ୍କୁ ମିଳିବ ନିଯୁକ୍ତି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତୀୟ ଶିକ୍ଷା ନୀତି -୨୦୨୦କୁ ଓଡ଼ିଶାରେ ଲାଗୁ କରିବା ଦିଗରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ପ୍ରାଥମିକ ବିଦ୍ୟାଳୟସ୍ତରରେ ଖାଲି ପଡ଼ିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ପଦ ପୂରଣ ସହ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ସିଗମାଟିକଙ୍କୁ ନିୟମିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୨୫-୨୬ରୁ ପ୍ରାଥମିକ ବିଦ୍ୟାଳୟ ସହ ଶିଶୁ ବାଟିକା ଯୋଡ଼ି ହୋଇଥିବାରୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ବ୍ୟାପକ କରାଯାଉଛି । ତଥ୍ୟ ଅନୁସାରେ, ଏବେ ୪୫ ହଜାର ୨୯୨ ବିଦ୍ୟାଳୟରେ ୧ ଲକ୍ଷ ୯୯ ହଜାର ୬୮୫ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ସେଥିମଧ୍ୟରୁ ୩୯ ହଜାର ୩୬୬ ଶିକ୍ଷକ ପଦ ଖାଲି ପଡ଼ିଛି। ଡିସେମ୍ବର ସୁଦ୍ଧା ୫,୦୬୭ ଶିକ୍ଷକ ଆବଶ୍ୟକ ହେବେ । ତେଣୁ ମୋଟ ୪୪ ହଜାର ୪୩୩ ଶିକ୍ଷକ ନିଯୁକ୍ତି କରିବାକୁ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ସେହିପରି ୧୭ ଜିଲ୍ଲାରେ ସୀମିତ ଥିବା ବହୁଭାଷୀ ଶିକ୍ଷାକୁ ରାଜ୍ୟର ସମସ୍ତ ଜିଲ୍ଲାରେ ପହଞ୍ଚାଇବାକୁ ଯୋଜନା ହୋଇଛି। ୨୧ଟି ଆଦିବାସୀ ଭାଷାରେ ଶିକ୍ଷକ ନିଯୁକ୍ତି ପାଇବେ। ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ସହ ଆଲୋଚନା କରି ଓସେପା ଏ ଦିଗରେ ପଦକ୍ଷେପ ଗ୍ରହଣ କରିବ। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ବହୁଭାଷୀ ଶିକ୍ଷକ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି । ଅନ୍ୟପଟେ ଦୁଇ ବର୍ଷରେ ୪,୧୬୦ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇବେ। ୨୦୨୫-୨୬ ଶିକ୍ଷାବର୍ଷରେ ୧୨୬୪ ଶିକ୍ଷକ ନିଯୁକ୍ତି ହେବାକୁ ଥିବା ବେଳେ ଆସନ୍ତା ଶିକ୍ଷାବର୍ଷରେ ଆଉ ୨୮୯୬ ଶିକ୍ଷକ ନିଯୁକ୍ତି କରାଯିବ ।

# ୩ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ ନାମଲେଖା ପ୍ରକ୍ରିୟା ଆରମ୍ଭ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୩ ବର୍ଷୀୟା ଇଣ୍ଟିଗ୍ରେଟେଡ୍ ବିଏଡ୍ ଓ ଏମ୍‌ଏଡ୍ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍‌ଲାଇନ୍‌ରେ ଆବେଦନ ଆରମ୍ଭ ହୋଇଛି । ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ ୧୮ ତାରିଖରେ ସଂଶୋଧନ ସୁଯୋଗ ଦିଆଯିବ । ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ୨୨ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ । ସମସ୍ତ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୩ ତାରିଖ ସୁଦ୍ଧା ଶେଷ ହେବ । ମାତ୍ର ସେପ୍ଟେମ୍ବର ୮ ତାରିଖରୁ ପାଠପଢ଼ା ଆରମ୍ଭ କରାଯିବ। ଆବେଦନକାରୀଙ୍କ କ୍ୟାରିୟର ମାର୍କକୁ ନେଇ ନାମଲେଖା ହେବ । ୨୨ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ଛାତ୍ରଛାତ୍ରୀ ୨୩ରୁ ୨୬ ତାରିଖ ମଧ୍ୟରେ ନାମ ଲେଖାଇବେ । ସେପ୍ଟେମ୍ବର ୧ରେ ଦ୍ୱିତୀୟ ରାଉଣ୍ଡ ତଥା ଶେଷ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ଛାତ୍ରଛାତ୍ରୀ ସେପ୍ଟେମ୍ବର ୨ରୁ ୪ ତାରିଖ ମଧ୍ୟରେ ନାମ ଲେଖାଇବେ । ସେପ୍ଟେମ୍ବର ୮ ତାରିଖରେ ତୃତୀୟ ରାଉଣ୍ଡ (ୱେଟିଂ ଲିଷ୍ଟ/ସ୍ୱଟ୍) ନାମଲେଖା ପାଇଁ ଏକ ୱେଟିଂ ର୍‍ୟାଙ୍କ ତାଲିକା ପ୍ରକାଶ ପାଇବ । ୯ରେ ନାମଲେଖା ପାଇଁ ଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ ପାଇବ। ଏଥିପାଇଁ ୧୦ରୁ ୧୧ ତାରିଖ ମଧ୍ୟରେ ନାମ ଲେଖାହେବ । ଦିଆଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ, ଜଣେ ଆବେଦନକାରୀ ସର୍ବାଧିକ ୪ଟି ଉଚ୍ଚଶିକ୍ଷାନୁଷ୍ଠାନର ନାମ ଦେଇପାରିବେ । ଯଦି କୌଣସି ଛାତ୍ରଛାତ୍ରୀ ଭୁଲରେ ଫ୍ରିଜ୍ କିମ୍ବା ସ୍ଲାଇଡ୍ ଅପସନ୍‌ରେ କ୍ଲିକ୍ କରିଥାନ୍ତି ତେବେ ନାମଲେଖା ସମୟରେ ଓଟିପି ଯାଞ୍ଚ ପ୍ରକ୍ରିୟା ଦ୍ୱାରା ଏହାକୁ ରିଭର୍ଟ କରାଯାଇ ପାରିବ । ଶିକ୍ଷାର୍ଥୀ ନାମଲେଖା ସମୟରେ କଲେଜ ଲିଭିଂ ସାର୍ଟିଫିକେଟ୍ ଆଣି ନଥିଲେ ଅଣ୍ଡରଟେକିଂ ଲେଖି ୧୫ ଦିନ ମଧ୍ୟରେ ସିଏଲ୍‌ସିକୁ ଦାଖଲ କରିପାରିବେ।

# ଆଇଏମ୍‌ଡି ଡିଜି ହେଲେ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ପୁଣି ଥରେ ମିଳିଲା ଗୁରୁଦାୟିତ୍ୱ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପାଇଁ ପୁଣି ଗର୍ବ ଆଣିଛନ୍ତି ଓଡ଼ିଆ ପୁଅ ଡ. ମୃତ୍ୟୁଞ୍ଜୟ ମହାପାତ୍ର । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଡିଜି ଭାବେ ପୁଣି ଥରେ ନିଯୁକ୍ତି ପାଇଛନ୍ତି ଡ. ମୃତ୍ୟୁଞ୍ଜୟ ମହାପାତ୍ର । ସାଇକ୍ଲୋନମ୍ୟାନ୍ ଭାବେ ପରିଚିତ ତଥା ଓଡ଼ିଆ ପୁଅ ଶ୍ରୀ ମହାପାତ୍ର ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବିରେ କାର୍ଯ୍ୟ କରୁଥିଲେ । ତାଙ୍କ ନିଯୁକ୍ତି ଅବଧି ସରୁଥିବାରୁ କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି ବ୍ୟାପାର କମିଟି ତାଙ୍କୁ ପୁନଃ ନିଯୁକ୍ତି ପ୍ରସ୍ତାବକୁ ମଞ୍ଜୁରି ଦେଇଛି । କେନ୍ଦ୍ର ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ଆଇଏମ୍‌ଡିର ଡିଜି ଭାବେ ଆସନ୍ତା ଦୁଇ ବର୍ଷ ପାଇଁ ସେ କାର୍ଯ୍ୟ କରିବେ । ୬୦ ବର୍ଷୀୟ ଡ଼.ମହାପାତ୍ର ଏବେ ଆଇଏମଡିରେ ମହାନିର୍ଦ୍ଦେଶକ(ଏଡିଜି) ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୨ ଅଗଷ୍ଟ ୧୯୬୫ ଭଦ୍ରକରେ ଜନ୍ମ ଗ୍ରହଣ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସେ ପ୍ରଥମେ ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ)ରେ ସାଇଣ୍ଟିଫିକ୍ ଆସିଷ୍ଟାଣ୍ଟ ଭାବେ ଯୋଗ ଦେଇଥିଲେ । ପରେ କୌଣସି କାରଣରୁ ଚାକିରିରୁ ଇସ୍ତଫା ଦେଇ ଭୁବନେଶ୍ୱର ସ୍ଥିତ ଏକ ସରକାରୀ କଲେଜରେ କିଛି ମାସ ଅଧ୍ୟାପନା କରିଥିଲେ । କିଛି ଦିନ ପରେ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ରେ ଯୋଗ ଦେଇଥିଲେ । ମୃତ୍ୟୁଞ୍ଜୟ ନିଜ କାର୍ଯ୍ୟକାଳରେ ଫାଇଲିନ, ତିତଲି ଓ ଲୁବନା ପରି ଅନେକ ବାତ୍ୟାର ମାର୍ଗ ସଠିକ୍ ଭାବେ ଆକଳନ କରିଥିଲେ। ୧୯୯୯ ମସିହାର ମହାବାତ୍ୟା ସମୟରେ ସେ ଭୁବନେଶ୍ୱର ସ୍ଥିତ ଆଇଏମଡି କାର୍ଯ୍ୟାଳୟର ସାଇକ୍ଲୋନ ୱାର୍ଣ୍ଣିଂ ଡିଭିଜନରେ କାର୍ଯ୍ୟ କରୁଥିଲେ । ରାଜଧାନୀ ଦିଲ୍ଲୀ ସ୍ଥିତ ଆଇଏମଡି କାର୍ଯ୍ୟାଳୟକୁ ବଦଳି ହେବା ପରେ ସେ ମୁଖ୍ୟତଃ ବାତ୍ୟାଗୁଡ଼ିକର ମାର୍ଗର ସଠିକ୍ ଆକଳନ କରିବା ଏବଂ ଏସମ୍ପର୍କିତ ଅନ୍ୟ ତଥ୍ୟ ନିର୍ଦ୍ଧାରଣରେ ନିୟୋଜିତ ହୋଇଥିଲେ । ସେ ପ୍ରାୟ ୪୦ରୁ ଅଧିକ ବାତ୍ୟା ଉପରେ ନଜର ରଖିଥିଲେ । ଏକଦା ସେ ଏକ ଗଣମାଧ୍ୟମ ସଂସ୍ଥାକୁ ଦେଇଥିବା ସାକ୍ଷାତକାରରେ କହିଥିଲେ, ପିଲାଦିନେ ବାତ୍ୟାର ପ୍ରକୋପ ଏବଂ ତା'ଯୋଗୁ ଲୋକଙ୍କ ଦୁର୍ଦ୍ଦଶାକୁ ଦେଖି ସେ ଖୁବ ପ୍ରଭାବିତ ହୋଇଥିଲେ । ତାଙ୍କର ପୈତୃକ ଗ୍ରାମ ବଙ୍ଗୋପସାଗର ଠାରୁ ମାତ୍ର କିଛି କିଲୋମିଟର ଦୂରରେ ଅବସ୍ଥିତ। ୧୯୭୧ ଅକ୍ଟୋବରରେ ଏକ ବାତ୍ୟା ଓଡ଼ିଶାକୁ ପ୍ରଭାବିତ କରିଥିଲା । ତାଙ୍କୁ ସେତେବେଳେ ୬ ବର୍ଷ ବୟସ ହୋଇଥିଲା। ସେ ଏହି ବାତ୍ୟାରେ ନିଜର କେତେକ ସମ୍ପର୍କୀୟଙ୍କୁ ହରାଇଥିଲେ । ସେହିପରି ୧୯୮୨ ଅକ୍ଟୋବରରେ ଆଉ ଏକ ବାତ୍ୟା ଯୋଗୁ ବି ଭଦ୍ରକ ସମେତ ଓଡ଼ିଶାର ବିଭିନ୍ନ ଭାଗରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏହି ବାତ୍ୟାରେ ମୃତ୍ୟୁଞ୍ଜୟଙ୍କ ପରିବାର ଦ୍ୱାରା କରାଯାଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା । ଏହା ତାଙ୍କ ପରିବାର ପାଇଁ ଆୟର ମୁଖ୍ୟସ୍ରୋତ ହୋଇଥିବାରୁ ସେମାନେ ଭାଙ୍ଗି ପଡ଼ିଥିଲେ । ସେସମୟରେ ପାଣିପାଗ ବିଶେଷ କରିବ ବାତ୍ୟା ଏବଂ ତା'ର ମାର୍ଗ ସମ୍ପର୍କରେ ଏଭଳି ଆକଳନ କରାଯାଉନଥିଲା । ତେଣୁ ଧନଜୀବନ କ୍ଷୟକ୍ଷତି ଅଧିକ ହେଉଥିଲା । ଏସବୁ ଘଟଣା ତାଙ୍କ ମନ ଉପରେ ଗଭୀର ପ୍ରଭାବ ପକାଇଥିଲା ଯାହାଯୋଗୁ ସେ ପରବର୍ତ୍ତୀ ଜୀବନରେ ପାଣିପାଗ ବିଭାଗରେ କାମ କରିବା ଏବଂ ବାତ୍ୟା ସମ୍ପର୍କରେ ଆଗୁଆ ସୂଚନା ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଗତ ୫ ବର୍ଷ ହେବ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଡିଜି ଭାବେ କାର୍ଯ୍ୟ ସମ୍ଭାଳି ଆସୁଛନ୍ତି। ପୁଣି ଆସନ୍ତା ଦୁଇ ବର୍ଷ ପାଇଁ ସେ କାର୍ଯ୍ୟ କରିବେ ।

# କୋଟିପତି ହେବାକୁ ପ୍ରତିବର୍ଷ ମୌସୁମୀରେ ଲୋକେ ଆନ୍ଧ୍ରକୁ ଆସନ୍ତି



**ଅମରାବତୀ:**

ଅନେକ ଥର ଶୁଣିବାକୁ ମିଳିଥାଏ ଯେ, ଜଣେ ବ୍ୟକ୍ତି ମାଟି ଖୋଳୁଥିବା ସମୟରେ ହୀରା ପାଇ ରାତାରାତି ଧନୀ ହୋଇଗଲେ। ଏହା କୌଣସି କାହାଣୀ ନୁହେଁ। ଏହା ଏକ ବାସ୍ତବତା। ଆନ୍ଧ୍ରପ୍ରଦେଶର ଅନନ୍ତପୁରର ବୈରାକାରୁର ଏବଂ କୁର୍ଣ୍ଣୁଲ ଗାଁର କ୍ଷେତରେ ହୀରା ଖୋଜିବା ପାଇଁ ଲୋକମାନେ ଦୂରଦୂରାନ୍ତରୁ ଆସିଥାନ୍ତି। ଅନେକ ସମୟରେ ଲୋକମାନେ ସେମାନଙ୍କ ସନ୍ଧାନରେ ସଫଳତା ପାଆନ୍ତି ଏବଂ ଲକ୍ଷ ଲକ୍ଷ ମୂଲ୍ୟର ହୀରା ପାଆନ୍ତି। କିଛି ଲୋକ ୧-୨ ଲକ୍ଷ ଟଙ୍କା ମୂଲ୍ୟର ହୀରା ପାଇଥାନ୍ତି। କିଛି ଲୋକଙ୍କ ଭାଗ୍ୟ ଚମକି ଯାଇଥାଏ। ସେମାନେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ହୀରା ପାଇଥାନ୍ତି। ମୌସୁମୀ ଆରମ୍ଭ ହେବା ମାତ୍ରେ, ଲୋକମାନେ ଆନ୍ଧ୍ରପ୍ରଦେଶର ବୈରାକାରୁର, ଜୋନ୍ନାଗିରି, ଟୁଗାଲି ଏବଂ ମଦିକେରାରେ ପହଞ୍ଚି ନିଜର ଭାଗ୍ୟ ପରୀକ୍ଷା କରିଥାନ୍ତି। କାରଣ ମୌସୁମୀର ପ୍ରଥମ ବର୍ଷା ମାଟିର ଉପର ସ୍ତରକୁ ଧୋଇଦିଏ ଏବଂ ତା'ପରେ ଏଠାକାର କିଛି ଚାଷୀଙ୍କ କ୍ଷେତରୁ ହୀରା ଅମଳ ଆରମ୍ଭ ହୁଏ। ତେଲେଙ୍ଗାନା ଏବଂ କର୍ଣ୍ଣାଟକରୁ ଲୋକମାନେ ଏହି ଜିଲ୍ଲାଗୁଡ଼ିକୁ ଆସନ୍ତି। ସେମନେ ବିଭିନ୍ନ ପ୍ରକାରର ମାଟି ଖୋଳା ଉପକରଣ ସାଙ୍ଗରେ ନେଇ ଆସିଥାନ୍ତି। କେତେକ ବାଇକ୍‌ରେ ଆସନ୍ତି, କେତେକ ରିକ୍ସାରେ ଆସିଥାନ୍ତି। ସମସ୍ତେ ସମାନ ଜିନିଷ ଖୋଜିଥାନ୍ତି। ତାହା ହେଉଛି ହୀରା। ଏକ ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ବର୍ଷା ଋତୁରେ କେବଳ ମାଡିକେରା ଏବଂ ଟୁଗାଲିରୁ ୫ କୋଟି ଟଙ୍କାର ହୀରା ମିଳିଥାଏ। ହୀରାକୁ ମୁମ୍ବାଇ କିମ୍ବା ସୁରଟକୁ ନିଆଯାଇ ଭଲ ମୂଲ୍ୟରେ ବିକ୍ରି କରାଯାଇଥାଏ। ଲୋକମାନେ ସମ୍ପୂର୍ଣ୍ଣ ଋତୁ ପାଇଁ ସେମାନଙ୍କ ପରିବାର ସହିତ ଗୋଟିଏ ସ୍ଥାନରେ ରହିଥାନ୍ତି। କେତେକ ମନ୍ଦିରରେ ରୁହନ୍ତି, ଅନ୍ୟ କେତେକ ଗଛ ତଳେ ତମ୍ବୁ ଟାଣି ରହି ହୀରା ଖୋଜନ୍ତି। କେତେକଙ୍କ ପାଇଁ, ଏହି ସନ୍ଧାନ ସେମାନଙ୍କ ଭାଗ୍ୟ ବଦଳାଇ ଦିଏ। ହୀରା କ୍ରେତାମାନେ ମଧ୍ୟ ବର୍ଷା ସମୟକୁ ଅପେକ୍ଷା କରି ରହିଥାନ୍ତି। ହୀରା ମିଳିବାର ଅନେକ ରିପୋର୍ଟ ଆସିଛି। ଗତ ବର୍ଷ ମେ' ମାସରେ, ମାଡିକେରା ଏବଂ ଟୁଗାଲିରେ ଚାରୋଟି ହୀରା ମିଳିଥିଲା। ଏହି ହୀରାଗୁଡ଼ିକର ମୂଲ୍ୟ ୭୦ ଲକ୍ଷ ଟଙ୍କା ଥିଲା। ଏହା ପରେ, ଜୁନ୍ ମାସରେ, ଜଣେ ମହିଳାଙ୍କୁ ଏକ ହୀରା ମିଳିଥିଲା। ଏହା ୧୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ସେହିପରି, ଅନେକ ଥର ଲୋକମାନେ ଏଠାକୁ ଆସି ହୀରା ପାଇ ଲକ୍ଷ ଲକ୍ଷ ଟଙ୍କାର ମାଲିକ ହୋଇଥିବାର ନଜିର ରହିଛି। ଅନେକ ଅନୁଷ୍ଠାନ ଆନ୍ଧ୍ରପ୍ରଦେଶର ଏହି ଅଞ୍ଚଳଗୁଡ଼ିକୁ ହୀରା ଉତ୍କର୍ଷ ସ୍ଥାନ ଭାବରେ ଘୋଷଣା କରିଛନ୍ତି। ଏଠାକାର ଲୋକମାନେ ମଧ୍ୟ ଏହାର ଲାଭ ପାଇଛନ୍ତି। ଏଠାରେ ହୀରା ଖୋଜିବା ପାଇଁ ଖୋଳିବାକୁ ପଡ଼ିବ ନାହିଁ। କାରଣ ବର୍ଷା ପରେ ମାଟିର ପ୍ରଥମ ସ୍ତର ଅପସାରିତ ହୋଇଯାଏ ଏବଂ ତା'ପରେ ଲୋକମାନେ ମାଟିରେ ଛୋଟ ପଥର ପରି ହୀରା ପାଆନ୍ତି। ତେଣୁ, ଅଧିକାଂଶ ଲୋକ ହୀରା ଖୋଜିବା ଏବଂ ହୀରା ବାହାର କରିବା ପାଇଁ ଚାଲୁଣୀ ଏବଂ ଚାମଚ ବ୍ୟବହାର କରିଥାନ୍ତି। ଗବେଷଣାରୁ ଜଣାପଡିଛି ଯେ, ଅନନ୍ତପୁରରେ ୪୫ରୁ ଅଧିକ ଆଗ୍ନେୟଗିରି ଯୋଗୁ ପୃଥିବୀ ପୃଷ୍ଠରେ ପ୍ରାକୃତିକ ଭାବରେ ସୃଷ୍ଟି ହୋଇଥିବା ଗାତ ବା କିମ୍ବରଲାଇଟ୍ ପାଇପ୍ ଅଛି। ଏହି ପାଇପ୍ ଗୁଡ଼ିକ ଭୂମି ଭିତରୁ ହୀରାକୁ ଭୂପୃଷ୍ଠକୁ ଆଣିଥାନ୍ତି। ବର୍ଷା ପରେ, ଯେତେବେଳେ ପ୍ରଥମ ସ୍ତର ଅପସାରିତ ହୁଏ, ହୀରା ଖୋଜିବା ପାଇଁ ଲୋକଙ୍କ ଭିଡ଼ ଜମା ହୁଏ। ଯଦିଓ ହୀରା ଖୋଜିବା କେବଳ କିଛି ସପ୍ତାହ ପାଇଁ ରହିଥାଏ, କିନ୍ତୁ ଏହି ସପ୍ତାହଗୁଡ଼ିକରେ, ଭାଗ୍ୟ କିଛି ଲୋକଙ୍କ ସପକ୍ଷରେ ଥାଏ ଏବଂ ସେମାନେ ଧନୀ ହୋଇଯାଆନ୍ତି।

ରିପୋର୍ଟ ଅନୁଯାୟୀ, ଏଠାରେ ହୀରା ଖୋଜିବାର ପରମ୍ପରା ନୂଆ ନୁହେଁ। ବ୍ରିଟିଶ ସମୟରୁ ଏଠାରେ ହୀରା ମିଳିଆସୁଛି। ପ୍ରତିବର୍ଷ ଅନେକ ଲୋକ ହୀରା ଖୋଜିବାକୁ ଆସନ୍ତି। କେତେକ ହୀରା ପାଆନ୍ତି ତ କେତେକ ପାଆନ୍ତି ନାହିଁ। ମେ' ମାସରେ, ଜୋନାଗିରିର ଜଣେ ଶ୍ରମିକ ଭାଗ୍ୟବାନ ହୋଇଥିଲେ। ସେ ୧୪ ଲକ୍ଷ ଟଙ୍କା ମୂଲ୍ୟର ଏକ ହୀରା ପାଇଥିଲେ। ପେରୱାଲିର ଜଣେ ଚାଷୀ ୨ ଲକ୍ଷ ମୂଲ୍ୟର ଏକ ପଥର ପାଇଥିଲେ। ୨୦୦୭ ମସିହାରେ ମଧ୍ୟ ଦୁଇଜଣ ଚାଷୀ ୫୦-୭୦ ଲକ୍ଷ ଟଙ୍କା ମୂଲ୍ୟର ହୀରା ବିକ୍ରି କରିଥିଲେ। ଜଣେ ଡ୍ରାଇଭର ତାଙ୍କ କ୍ଷେତରୁ ୧.୨ କୋଟି ଟଙ୍କା ମୂଲ୍ୟର ହୀରା ପାଇଥିଲେ। ତିନି ଜଣ ବ୍ୟକ୍ତି ଯେଉଁମାନେ ମାତ୍ର ୪୮ ଘଣ୍ଟା ଖୋଜି ୨.୪ କୋଟି ଟଙ୍କା ମୂଲ୍ୟର ହୀରା ପାଇଥିଲେ।

# ବିଜୁଳି ବିଲ୍ ବୃଦ୍ଧି ପାଇଁ ସୁପ୍ରିମକୋର୍ଟଙ୍କ ଗ୍ରୀନ ସିଗନାଲ

**ନୂଆଦିଲ୍ଲୀ :**

ବିଜୁଳି ଜାଳିବା ହେବ ମହଙ୍ଗା। ଉପଭୋକ୍ତାଙ୍କୁ ଲାଗିବ ୪୪୦ ଭୋଲ୍ଟର ଝଟକା। ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ଦର ବଢ଼ିବ । ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ସମୟରେ ଦିଲ୍ଲୀରେ ବିଦ୍ୟୁତ୍ ଦର ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ବିଜୁଳି ଦର ବୃଦ୍ଧିକୁ ଅନୁମତି ଦେବା ଉପରେ କୋର୍ଟ କିଛି ସର୍ତ୍ତ ମଧ୍ୟ ରଖିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ବିଜୁଳି ଦରରେ ବୃଦ୍ଧି ସଠିକ୍ ଭାବେ ହେବା ଉଚିତ୍ । ନ୍ୟାୟାଳୟ ବିଜୁଳି ବିଲ୍ ଦର ବଢାଇବା ପାଇଁ ଅନୁମତି ଦେବା ସହ କିଛି ସର୍ତ୍ତ ରଖିଛନ୍ତି । କୋର୍ଟ କହିଛନ୍ତି ଯେ, ଦର ବୃଦ୍ଧି ଲାଭଦାୟକ ହେବା ଆବଶ୍ୟକ ଓ ଦିଲ୍ଲୀ ନିୟାମକ ଆୟୋଗ ପକ୍ଷରୁ ସ୍ଥିର କରାଯାଇଥିବା ସୀମାରୁ ଅଧିକ ହେବା ଉଚିତ୍ ନୁହେଁ । ସୁପ୍ରିମକୋର୍ଟ ଆହୁରି ମଧ୍ୟ କହିଛନ୍ତି, ଦିଲ୍ଲୀରେ ବିଜୁଳି ଦର ବଢା ଯାଇପାରିବ, ମାତ୍ର ତାହା ପକେଟ୍‌କୁ ସୁହାଇବା ଭଳି ହେବା ଆବଶ୍ୟକ । ତେବେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିର ପ୍ରଭାବ ଦିଲ୍ଲୀ ସମେତ ଦେଶର ଅନ୍ୟ ରାଜ୍ୟ ଉପରେ ମଧ୍ୟ ପଡିପାରେ । ଏହି ମାମଲା ବିଜୁଳି ବିତରଣ କମ୍ପାନୀର ଅଟକିଥିବା ଟଙ୍କାକୁ ନେଇ ବର୍ଷ ବର୍ଷ ଧରି ଚାଲିଥିବା ମକଦ୍ଦମା ଉପରେ ହୋଇଛି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଦିଲ୍ଲୀ ବିଦ୍ୟୁତ ନିୟାମକ ଆୟୋଗ (ଡିଇଆରସି) ରୋଡ୍‌ମ୍ୟାପ୍ ତିଆରି କରିବା ଆବଶ୍ୟକ ଯେ ବିଜୁଳି ବିଲ୍ କେବେ ଓ କେତେ ବଢାଇବା ଉଚିତ୍। ରିପୋର୍ଟ ଅନୁଯାୟୀ, ବୃଦ୍ଧି ବିଜୁଳି ଦର ଯେପରି ସମସ୍ତ ପ୍ରକାର ଉପଭୋକ୍ତାଙ୍କ ଉପରେ ଲାଗୁ କରାଯାଇପାରିବ।





# ଟାଟା ଷ୍ଟିଲ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଟାଟା ଷ୍ଟିଲ ଯୋଡା ପକ୍ଷରୁ ଭାରତର ୭୯ ତମ ସ୍ୱାଧୀନତା ଦିବସକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି । ଯୋଡା ସେଣ୍ଟ୍ରାଲ ଅଫିସ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ କମ୍ପାନୀର ଅନ୍ୟ ବିଭାଗର ଅଫିସର ଓ କର୍ମଚାରୀମାନଙ୍କ ସହ ୟୁନିଅନ୍‌ର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ । ତାଙ୍କ ଅଭିଭାଷଣରେ ରାଜେଶ କୁମାର ଦେଶପ୍ରତି ଉତ୍ସର୍ଗୀକୃତ ହୋଇ ଏହାର ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନୁରୂପ ଭାବରେ, ଯୋଡା ଇଷ୍ଟ, ଖଣ୍ଡବନ୍ଧ ଏବଂ ନୀଳାଚଳ ଖଣି ତଥା କଲମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ଅଫିସରେ ପତାକା ଉତ୍ତୋଳନ କରାଯାଇଥିଲା, ଉଲ୍ଲେଖନୀୟ ସେବା ପାଇଁ ୪୦ ଜଣ ସୁରକ୍ଷା କର୍ମୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଟାଟା ମୁଖ୍ୟ ଚିକିତ୍ସାଳୟ ଯୋଡା ଠାରେ ପତାକା ଉତ୍ତୋଳନ ପରେ ଅନ୍ତଃ ରୋଗୀମାନଙ୍କ ମଧ୍ୟରେ ଫଳ ବଣ୍ଟନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଯୋଡା ସ୍ଥିତ କେନ୍ଦ୍ରୀୟ ଖେଳ ପଡିଆ ଠାରେ, ଟାଟା ଷ୍ଟିଲର ଅଫିସର ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଖେଳର ଆୟୋଜନ କରାଯାଇଥିଲା ।



# ବଲାଙ୍ଗୀ ନାବାଳିକା ପୋଡ଼ି ମାମଲା ସିବିଆଇକୁ ହସ୍ତାନ୍ତର ଦାବି କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବଲାଙ୍ଗୀ ନାବାଳିକା ପୋଡ଼ି ମାମଲା ସିବିଆଇକୁ ହସ୍ତାନ୍ତର କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କଲା ବିଜେଡି । ଭାଇରାଲ୍ ଭିଡିଓକୁ ନେଇ କାହିଁକି ସ୍ୱୀକରଣ ରଖୁନାହିଁ ଓଡ଼ିଶା ପୋଲିସ ବୋଲି ବିଜେଡି ପ୍ରଶ୍ନ କରିଛି । ଭିଡିଓ ସତ କି ମିଛ, ଏହାର ଉତ୍ତର ରଖନ୍ତୁ ସରକାର । ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ଫୋନୋ ଷ୍ଟେଟମେଣ୍ଟକୁ ଦାୟିତ୍ୱହୀନତା କହିଲା ବିଜେଡି । ବଲାଙ୍ଗୀ ପୀଡ଼ିତା ବୟାନ ଦେଉଥିବା ବେଳର କୁହାଯାଉଥିବା ଭିଡିଓ ଭାଇରାଲ୍ ହେବା ପରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ପ୍ରଶ୍ନ କରିଛି ବିଜେଡି । ଭାଇରାଲ ଭିଡିଓକୁ ନେଇ କାହିଁକି ସ୍ୱୀକରଣ ରଖୁନାହିଁ ଓଡ଼ିଶା ପୋଲିସ । ପୋଲିସ ପକ୍ଷରୁ ସ୍ୱୀକର କାହିଁକି ଆସିନାହିଁ । ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ଫୋନୋ ଷ୍ଟେଟମେଣ୍ଟକୁ ଦାୟିତ୍ୱହୀନତା କହିଲା ବିଜେଡି । ବିଜେଡି ଅଭିଯୋଗ ଆଣିଛି କାହା ସ୍ୱାର୍ଥରେ ବୟାନ ରେକର୍ଡ ହୋଇଥିଲା । ଷ୍ଟେଟମେଣ୍ଟ ରେକର୍ଡ ବେଳେ ମାଜିଷ୍ଟ୍ରେଟ ଥିଲେ କି ନାହିଁ । ମୃତ୍ୟୁର ୧୦ ମିନିଟ୍ ପରେ ଓଡ଼ିଶା ପୋଲିସ ପକ୍ଷରୁ ଟ୍ୱିଟ୍ ଆସିବା ଦୁଃଖଦ ଥିଲା । ଏହି ମେସେଜ ମୃତ୍ୟୁ ପୂର୍ବରୁ ଦେବା ପାଇଁ ଓଡ଼ିଶା ପୋଲିସ ପାଖରେ କାହିଁକି ସତ୍ ସାହସ ନଥିଲା । ସତ ବିଷୟରେ ଓଡ଼ିଶା ପୋଲିସ ଅବଗତ ନିଶ୍ଚିତ ଥିବ । ବଲାଙ୍ଗୀ କେସ୍ ସିବିଆଇକୁ ଦେବା ପାଇଁ ଦାବି କଲା ବିଜେଡି । ପୀଡ଼ିତାଙ୍କର ତିନି ଥର ବୟାନ ରେକର୍ଡ କାହିଁକି କରାଗଲା ବୋଲି ବିଜେଡି ପ୍ରଶ୍ନ କରିଛି । ଅନ୍ୟପଟେ ବିଜେଡି ସମୟରେ ଘଟିଥିବା ପିହୁ, ଇତିଶ୍ରୀ ଭଳି ଅନେକ କେସ୍‌କୁ ବିଜେପି ସରକାର କାହିଁକି ଉଠାଉ ନାହିଁ । ସେହି କେସ୍‌କୁ ଉଠାଇବା ପାଇଁ ବିଜେଡି ଦାବି କରିଛି । ସେହି ସବୁ କେସ୍‌ରେ ବିଜେପି କର୍ମୀ ସାମିଲ ଥିବେ ବୋଲି ବିଜେପି ଭୟ କରୁଛି କି ବୋଲି ବିଜେଡି ପ୍ରଶ୍ନ କରିଛି । ସେହିପରି ଲୋକଙ୍କ ପାଖରେ ଅଧିକରୁ ଅଧିକ ପହଞ୍ଚିବାକୁ ମୁଖ୍ୟ ବିରୋଧୀ ଦଳ ବିଜେଡିର ଯୋଜନା । ପଞ୍ଚାୟତ ନିର୍ବାଚନ ପାଇଁ ପାଖାପାଖି ଆହୁରି ୨ ବର୍ଷ ସମୟ ଥିବା ବେଳେ ଦଳ କିନ୍ତୁ ଏଥିପାଇଁ ଏବେଠାରୁ କସରତ ଆରମ୍ଭ କରି ଦେଇଛି । ଦଳ ଉଠାଉଥିବା ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବା ପାଇଁ ରୋଡମ୍ୟାପ କରି ପଞ୍ଚାୟତ ଜଗିବାକୁ ଦଳୀୟ ନେତାଙ୍କ କାନରେ ମନ୍ତ୍ର ଫୁଙ୍କିଛନ୍ତି ବରିଷ୍ଠ ନେତା । ଏଥିପାଇଁ ବୁଥ ସ୍ତରୀୟ ଏଜେଣ୍ଟ, ବ୍ଲକ ସଭାପତିଙ୍କ ତାଲିକା ପ୍ରସ୍ତୁତି କରିଛି ଦଳ । ଗାଁ ଜଗିବାକୁ ବିଜେଡିର ଯୋଜନା । ଲୋକଙ୍କ ପାଖରେ ପହଞ୍ଚିବାକୁ ଦଳର ବଡ଼ ରଣନୀତି । ରାଜ୍ୟରେ ବିଜେଡି ଏବେ ମୁଖ୍ୟ ବିରୋଧୀ ଦଳ । ନିର୍ବାଚନରେ ଅଧିକ ଭୋଟ ପ୍ରତିଶତ ପାଇଥିବା ଦଳ ହେଉଛି ବିଜେଡି । ତେଣୁ ଏହି ଭୋଟକୁ ଦଳ ସହିତ ରଖିବା ପାଇଁ କସରତ ଆରମ୍ଭ କରିଛି ବିଜେଡି । ତୃଣମୂଳ ସ୍ତରର ସଂଗଠନ ମଜବୁତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଦଳ । ବୁଥ ସ୍ତରୀୟ ଏଜେଣ୍ଟ, ବ୍ଲକ ସଭାପତିଙ୍କ ତାଲିକା ପ୍ରସ୍ତୁତି କରିଛି ଦଳ । ଏହା ଉପରେ ଖୁବଶୀଘ୍ର ନବୀନ ମୋହର ମାରିବେ । ଲୋକଙ୍କ ପାଖରେ ପହଞ୍ଚିବାକୁ ହେଲେ ସୋସିଆଲ ମିଡିଆର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ କୁହାଯାଉଛି । ଦଳ ଉଠାଉଥିବା ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବା ପାଇଁ ରୋଡମ୍ୟାପ କରି ପଞ୍ଚାୟତ ଜଗିବାକୁ ଦଳୀୟ ନେତାଙ୍କ କାନରେ ମନ୍ତ୍ର ଫୁଙ୍କିଛନ୍ତି ବରିଷ୍ଠ ନେତା । ସେପଟେ ନିର୍ବାଚନ ମଣ୍ଡଳୀର ସ୍ଥିତି ଜାଣିବାକୁ ବିଜେଡି ଆରମ୍ଭ କରିଛି ସମୀକ୍ଷା ବୈଠକ । ପ୍ରତିଦିନ ବିଧାୟକ, ବିଧାୟକ ପ୍ରାର୍ଥୀ ଓ ଜିଲ୍ଲା ସଭାପତିମାନେ ନିଜ ନିର୍ବାଚନ ମଣ୍ଡଳୀର ସ୍ଥିତି ବାବଦରେ ଦଳୀୟ ନେତାଙ୍କୁ ଅବଗତ କରାଉଛନ୍ତି । ଏମିତି କି ଏବେ ଦଳ ପାଇଁ କଣ କଣ ଚ୍ୟାଲେଞ୍ଜ ରହିଛି ତାହା ମଧ୍ୟ ବରିଷ୍ଠ ନେତାଙ୍କୁ ଅବଗତ କରାଇଛନ୍ତି । ଆଜି ସୁଦାମ ମାରାଣ୍ଡି, ପ୍ରଦୀପ ଦିଶାରୀ, ରୋହିତ ଜୋସେଫ ତିର୍କୀ, ଜଗନ୍ନାଥ ସାରକା, ସାଲୁଗା ପ୍ରଧାନ ଏବଂ ଅଶ୍ୱିନୀ ପାତ୍ର ପ୍ରମୁଖ ନୀବନ ନିବାସରେ ଆଲୋଚନା କରିଛନ୍ତି । ପଞ୍ଚାୟତ ନିର୍ବାଚନକୁ ଆହୁରି ଦୁଇ ବର୍ଷ ବାକି ଅଛି । କିନ୍ତୁ ବିଜେଡି ଗଡ ସମ୍ଭାଳିବାକୁ ଏବେ ଠୁ ଆରମ୍ଭ କରିଛି ରଣନୀତି ।

# ଉପ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ବେଳେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ସମ୍ବଳିତ ୧୨ ଦଫା ଦାବି ସମେତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବା ଆଧ୍ୟାତ୍ମିକ ଜିଲ୍ଲା ସୁବର୍ଣ୍ଣପୁରକୁ ସଂଯୋଗ ଲାଗି ଜିଲ୍ଲାର ଭକ୍ତଙ୍କ ରହଣୀ ସୁବିଧା ପାଇଁ ପୁରୀ ଶ୍ରୀକ୍ଷେତ୍ର ଠାରେ ଶହେ କୋଠରୀ ବିଶିଷ୍ଟ ଏକ ସ୍ୱତନ୍ତ୍ର ଅତିଥି ଭବନ ନିର୍ମାଣର ଦାବୀ ପତ୍ର ପ୍ରଦାନ କଲେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା କର୍ମକର୍ତ୍ତା । ଏହି ଅବସରରେ ସଂଘ ପକ୍ଷରୁ ସାମ୍ବାଦିକଙ୍କ ସାମାଜିକ, ପାରିବାରିକ, ବୃତ୍ତିଗତ କ୍ଷେତ୍ରରେ ସୁରକ୍ଷା ବିଲ୍, ସାମ୍ବାଦିକ ମାନଙ୍କ ପାଇଁ ପେନସନ ଲାଗୁ କରିବା, ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି କରିବା, ମୃତ୍ୟୁ କାଳୀନ ସହାୟତା ରାଶିକୁ ୪ ଲକ୍ଷରୁ ୧୦ ଲକ୍ଷ ବୃଦ୍ଧି କରିବା, ଅବସର ଭତ୍ତା ପ୍ରଦାନ, ବ୍ୟାଙ୍କ ଋଣ ବ୍ୟବସ୍ଥା ଓ ଅଧିସ୍ୱୀକୃତି ବିଧି ବ୍ୟବସ୍ଥା ନୀତିରେ ସରଳୀକରଣ ନୀୟମ ଲାଗୁ ତଥା ସାମ୍ବାଦିକ ମାନଙ୍କ ରହଣି ପାଇଁ ଭୁବନେଶ୍ୱରରେ ଏକ ଶହେ କୋଠରୀ ବିଶିଷ୍ଟ ଗେଷ୍ଟ ହାଉସ ନିର୍ମାଣ କରିବା ପ୍ରମୁଖ ୧୨ ଦଫା ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବୀପତ୍ର ପ୍ରଦାନ ବେଳେ ରାଜ୍ୟ ସାଂଗଠନିକ ସମ୍ପାଦକଙ୍କ ସହ ସଂଘର ସୁବର୍ଣ୍ଣପୁର ଜିଲ୍ଲା କର୍ମକର୍ତା ଓ ସ୍ଥାନୀୟ ବିଭିନ୍ନ ଗଣ ମାଧ୍ୟମ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଲ୍ ହେଲା ବେଆଇନ ଭାବେ ଚାଲିଥିବା ଘରୋଇ କ୍ଲିନିକ

**ରାୟଗଡ଼ା/ ଗୁଣପୁର, ନ୍ୟୁଜ ବ୍ୟୁରୋ**

ବେଆଇନ କ୍ଲିନିକକୁ ପ୍ରଶାସନର ଛାଟ , ସିଲ ହେଲା ବେଆଇନ ଭାବେ ଚାଲିଥିବା ଏକ ଘରୋଇ କ୍ଲିନିକ । ଦୀର୍ଘ ଦିନ ଧରି ଚାଲୁ ରହିଥିବା ଚିକିତ୍ସା ଳୟର କ୍ଲିନିକାଲ ଏଷ୍ଟବ୍ଲିସ୍ମେଂଟ ସାର୍ଟିଫିକେଟ ନଥିବା ଅଭିଯୋଗରେ କ୍ଲିନିକକୁ ସିଲ କଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ । ରାୟଗଡା ଜିଲ୍ଲା ଗୁଣପୁର ମୁନିସିପାଲିଟି ଅନ୍ତର୍ଗତ କପିଳପୁର ଗ୍ରାମ ନିକଟରେ ଚାଲିଥିବା ଲକ୍ଷ୍ମଣ ଲାବଣ୍ୟ ମାତୃ ଚିକିତ୍ସାଳୟ ଏବଂ ଗବେଷଣା କେନ୍ଦ୍ର ଉପରେ ଆଜି ସ୍ୱାସ୍ଥ୍ୟ



ବିଭାଗର ଏକ ଟିମ ଚଢାଉ କରିଛି । ଦୀର୍ଘ ଦିନ ଧରି ଏହି କ୍ଲିନିକ ବେଆଇନ ଭାବେ ଚାଲୁଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି ଉକ୍ତ ଘରୋଇ କ୍ଲିନିକ ଉପରେ ଚଢାଉ କରିଛି । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପଦ୍ମପୁର ତହସିଲଦାର ଶଙ୍କର ବାଗଙ୍କ ଉପସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ସରୋଜିନୀ ଦେବୀଙ୍କ ନେତୃତ୍ୱରେ ଏକ ଟିମ ଏହି କ୍ଲିନିକ ଉପରେ ଚଢାଉ କରି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଲିନିକର ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଏହି ଟିମ ଏହି ଘରୋଇ କ୍ଲିନିକର କ୍ଲିନିକାଲ ଏଷ୍ଟବ୍ଲିସ୍ମେଂଟ ସାର୍ଟିଫିକେଟ ନ ଥିବାର ଜାଣିବାକୁ ପାଇ କ୍ଲିନିକକୁ ସିଲ କରିଛି ସ୍ୱାସ୍ଥ୍ୟ ବିଭାଗ । ଚଢାଉ ସମୟରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଗୁଣପୁର ଅଗ୍ନିଶମ ବିଭାଗ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ ।

# ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ଜେଲ୍ ଓ ଡାକ୍ତରଖାନା ପରିଦର୍ଶନ

**ବାଲେଶ୍ୱର, ନ୍ୟୁଜ**

ସ୍ୱାଧୀନତା ଦିବସ ଅବସରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ବାଲେଶ୍ୱରର ବିଭିନ୍ନ ସ୍ଥାନରେ ପରିଦର୍ଶନ କରିଥିଲେ । ସେ ସଖୀ-ୱାନ ଷ୍ଟପ ସେଣ୍ଟର ଭ୍ରମଣ କରି, ଗୋଟିଏ ଛାତ ତଳେ ଡାକ୍ତରୀ, ଆଇନଗତ, ପୋଲିସ ଓ ମାନସିକ ସହାୟତା ମିଳିବାର ସୁବିଧା ବିଷୟରେ ଆଲୋକପାତ କରିଛନ୍ତି ।

ତା'ପରେ ସେ ବାଲେଶ୍ୱର ଜେଲ ଯାଇ, ଅନ୍ତେବାସୀଙ୍କ ସହ କଥା ହୋଇ, ସେମାନଙ୍କୁ କିପରି ପୁନଃ ସମାଜର ମୁଖ୍ୟସ୍ରୋତରେ ଏକୀଭୂତ କରାଯାଇପାରେ ବୋଲି ବାର୍ତ୍ତା ଦେଇଥିଲେ ।

ଶେଷରେ, ସେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ରୋଗୀମାନଙ୍କ ସହ ଆଲୋଚନା କରି, ସେମାନଙ୍କୁ ଫଳ ପ୍ରଦାନ କଲେ । ତାଙ୍କ ସହ ଜିଲ୍ଲା ସମାଜ ମଂଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି ଉପସ୍ଥିତ ଥିଲେ ।

# ଏକ ଆତ୍ମନିର୍ଭର, ସଶକ୍ତ ଓ ବିକଶିତ ଭାରତ ଗଢ଼ିବା ପାଇଁ ଆହ୍ୱାନ

**ବରଗଡ, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡିଆ ଠାରେ ୭୯ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ମାନନୀୟ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ପରେ ବରଗଡ ଜିଲ୍ଲାର ପଦ୍ମ ପୁରସ୍କାର ପ୍ରାପ୍ତ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସମେତ ଶିକ୍ଷା, କ୍ରିଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରି ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମାରୋହରେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ଅପରେସନ ସିନ୍ଦୁରର ସଫଳତାରରେ ଭାଗିଦାର ଥିବା ଶଶସ୍ତ୍ର ସୀମାବଳରେ ଇନ୍ସପେକ୍ଟର ଜିଡ଼ି ଶ୍ରୀ ସୁମନ୍ତ ସାହୁଙ୍କ ପରିବାର ବର୍ଗ, ମୃତ୍ୟୁ ପରେ ନିଜ ଶରୀରର ସମସ୍ତ ଅଙ୍ଗ ଦାନ କରିଥିବା ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ଓ ଚମ୍ପାବତୀ ପ୍ରଧାନଙ୍କ ସମ୍ପର୍କୀୟ ଏବଂ ଇଣ୍ଡିଆ ବୁକ ରେକର୍ଡ ଧାରୀ



ସ୍ମୃତିସାଲୋମ ଭୋସାଗରଙ୍କ ସମେତ ୭ ଜଣ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା କରଯାଇଥିଲା ଏବଂ ନକ୍ସଲ ଅପରେସନରେ ସହୀଦ ହୋଇଥିବା ସିଆରପିଏଫ ଯବାନ ସ୍ୱର୍ଗତ ପଦ୍ମଲୋଚନ ମାଝୀଙ୍କ ମା ଶ୍ରୀମତୀ ଶର୍ମିଳା ମାଝୀଙ୍କୁ ଚାରି ଡେସିବିଲି ଜମି ପଟ୍ଟା ପ୍ରଦାନ କରିଥିଲେ । ଏତଦବ୍ୟତୀତ ବାଳକ ଏବଂ ବାଳିକା ବର୍ଗର ସର୍ବୋତ୍ତମ ଏନ.ସି.ସି. କେଡେଟ ଏବଂ ବି.ଏସ.ଇ, ସି. ବି.ଏସ.ଇ ଓ ଆଇ.ସି.ଏସ.ଇ. ଦଶମ ବୋର୍ଡ ପରୀକ୍ଷାରେ ବରଗଡ଼ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ବାଳକ ଏବଂ ଜଣେ ବାଳିକାଙ୍କୁ ମିଶାଇ ସର୍ବମୋଟ ୭ ଜଣ ଛାତ୍ରଛାତ୍ରୀଙ୍କ ସମେତ ପ୍ୟାରେଡ ଓ ସଂସ୍କୃତିକ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମିନା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ଖୋସ୍ଲା ମୁଖ୍ୟ ଅତିଥିଙ୍କୁ ପେରେଡ ପଡିଆ ମଂଚ ଉପରକୁ ପାଛୋଟି ଆଣିଥିଲେ । ଜିଲ୍ଲାପାଳ ଶ୍ରୀ ଗୋୟଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପୋଲିସ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରାଷ୍ଟ୍ରୀୟ ସଂଗୀତ ଏବଂ ତତ୍ପରେ ରିଜର୍ଭ ପୋଲିସ ନିରୀକ୍ଷକ ତଥା କମାଣ୍ଡର ଶ୍ରୀ ସନ୍ତୁନୁ ପ୍ରଧାନୀଙ୍କ ଦ୍ୱାରା ପରିଚାଳିତ ପରେଡରେ, ପୋଲିସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡ଼-କ୍ରସ, ଜାତୀୟ ସେବା ଯୋଜନା, ସ୍କାଉଟ୍ ଏବଂ ଗାଇଡ୍ ଓ ସିଭିଲିଆନ ସମେତ ୩୨ ଗୋଟି ଟ୍ରୁପ ରାଷ୍ଟ୍ରୀୟ ଏକତାର ପରିଚୟ ତ୍ରିରଙ୍ଗା ପତାକା ଏବଂ ମୁଖ୍ୟ ଅତିଥିଙ୍କୁ ସମ୍ମାନ ଜଣାଇ ଏହି ପାରମ୍ପରିକ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଗୋୟଲ ନିଜ ଅଭିଭାଷଣରେ ବରଗଡ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଏବଂ ବଳିଦାନର ଇତିହାସ ବିଷୟରେ କହିବ ସହ ଜିଲ୍ଲାରେ ପ୍ରଶାସନ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକଳାପ ଏବଂ ଯୁଗଉପଯୋଗୀ କାର୍ଯ୍ୟ ସମସ୍ତ ବିଷୟରେ କହିଥିଲେ । ଏତଦବ୍ୟତୀତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋକପାତ କରି ଶିକ୍ଷା, ସ୍ୱାସ୍ଥ୍ୟ ସେବା, କ୍ରିଡା, ଗମନାଗମନ ଭଳି ବିଭିନ୍ନ କ୍ଷେତ୍ରରେ ବିକାଶ କରିବା ସହ ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଠନ କରିବା ପାଇଁ ସମସ୍ତ ଜିଲ୍ଲାବାସୀଙ୍କ ସହଭାଗୀତା ଲୋଡିଥିଲେ । ସମ୍ମିଳିତ ପ୍ୟାରେଡର ସମାପ୍ତି ପରେ ମୁଖ୍ୟ ଅତିଥି ଓ ସମସ୍ତ ସମ୍ମାନିତ ଅତିଥି ପେରେଡ ପଡିଆ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରିଥିଲେ । ସମାରୋହରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ଜିଲ୍ଲା କାରାଗାର ସମସ୍ତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଦିଆଯାଇଥିବା ବେଳେ ଜିଲ୍ଲା ମୁଖ୍ୟ କିକିତ୍ସାଳୟରେ ରୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରଯାଇଥିଲା । ଦିବସ ପାଳନ ଅବସରରେ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଡାକବାଜିଯନ୍ତ୍ର ଯୋଗେ ସହର ରେ ରାମଧୂନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଏବଂ ବରିଷ୍ଠ ଜିଲ୍ଲା ସ୍ତରୀୟ ଅଧିକାରୀ ମିଳିତ ଭାବେ ଜିଲ୍ଲା ମୁଖ୍ୟାଳୟରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦିବସର ସମସ୍ତ କାର୍ଯ୍ୟକ୍ରମ ସୁ-ପରିଚାଳନା ପାଇଁ ମୁଖ୍ୟ ଯନ୍ତ୍ରୀ,ପୂର୍ତ୍ତ ବିଭାଗ, ବରଗଡ, ପ୍ୟାରେଡ ପଡିଆରେ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା ।

# ଇନ୍ଦିରାପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଇନ୍ଦିରାଗାନ୍ଧୀ ପାର୍କସ୍ଥିତ ଇନ୍ଦିରାପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ଏହାର ପରିସରରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା । ଆଧ୍ୟାତ୍ମିକବାଦୀ ସ୍ୱାମୀଜୀ ନିତ୍ୟାନନ୍ଦ ସାହୁ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମର୍ଣ୍ଣିଂ ୱାକର୍ସ ଆସୋସିଏସନର ଆବାହକ ତଥା କ୍ରୀଡ଼ା ସଂଗଠକ ଶକ୍ତିରଂଜନ ମହାନ୍ତି ଏବଂ ଜାତୀୟ ସାମ୍ବାଦିକ କଲ୍ୟାଣବୋର୍ଡର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥଶର୍ମା, ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରବୀର କୁମାର ଦାସ, ଦିଲ୍ଲୀପ କୁମାର ପାଢୀ, ସିଦ୍ଧାର୍ଥ ସାମଲ, ଅନୀଲ ପଣ୍ଡା, ମୋହନ ପ୍ରଧାନ, ଲିପନ୍ ସାହୁ, ବିରଞ୍ଚି ପାତ୍ର, ଅଶୋକ ଦାସ, ପଞ୍ଚାନନ ନାୟକ, ହେମନ୍ତ ମହାନ୍ତି, ହିତେନ୍ଦ୍ର ନାରାୟଣ ମହାନ୍ତି, ଦୀନେଶ ପାଠକ, ଅଜିତ୍ ଦାଶ, ବିକ୍ରମ କେଶରୀ ପାତ୍ର, ପ୍ରଦୀପ କୁମାର ଦାଶ, ସ୍ମୃତିରଂଜନ ମହାନ୍ତି, ରାଜେଶ ଦାସ, ପ୍ରତାପ ଜେନା, ମନ୍ମଥ କୁମାର ସାମଲ, ଜିତେନ୍ଦ୍ର କୁମାର କର, ନିଳୟ ଘୋଷ, ପବିତ୍ର ପଟ୍ଟନାୟକ ଓ ଆଇ.ଜି.ପାର୍କ ସୁରକ୍ଷା ଅଧିକାରୀ ବେଣୁଧର ମଲ୍ଲିକ ପ୍ରମୁଖ ଶତାଧିକ ମର୍ଣ୍ଣିଂ ୱାକର୍ସ ଆସୋସିଏସନର ସଦସ୍ୟମାନେ ଯୋଗଦେଇ ଜାତୀୟ ସଂଗୀତ ଗାନ କରିବା ସହିତ ବନ୍ଦେ ମାତରମ୍ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା।୧୮।୮।୨୦୨୫, ଭାଦ୍ରବ ଦି୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୭।୪୫ ଚନ୍ଦ୍ରୋଦୟ- ରାଘ ୧।୧୪।୦୮**

**ଦଶମୀ-** ସଂଘ ୫।୨୩ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ରାଘ ୨।୦୬ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୨।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୨।୪୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ଦିଘ ୨।୪୦ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ ୫।୨୩ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୧ ଗତେ ଘ ୭।୦୬ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୬ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀକ୍ଷେତ୍ରେ ସିଂହଦ୍ୱାରରେ କୋଳିବିକା ଉତ୍ସବ ।

**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।

**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।

**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।

**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।

**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।

**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।

**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।

**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।

**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।

**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।

**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।

**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

# ପାଟଣାଗଡ଼ରେ ନନ୍ଦୋତ୍ସବ ପାଳନ ସହ ସହର ପରିକ୍ରମା

**ପାଟଣାଗଡ଼, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ସମେତ ପାଟଣାଗଡ଼ ଓ ଟିଟିଲାଗଡ଼ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ । ଏହି ଅବସରରେ ପାଟଣାଗଡ଼ ଠାରେ ଶ୍ରୀକୃଷ୍ଣ ଜନ୍ମ ଏବଂ ନନ୍ଦୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଠାରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ । ପାଟଣାଗଡ଼ର କଳା କାହ୍ନୁ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ଶ୍ରୀକୃଷ୍ଣଙ୍କୁ ଏକ ବିମାନରେ ବସାଇ ସହର ପରିକ୍ରମା କରିଥିଲେ । ଏଥିରେ ଯାଦବ ସମାଜର ଅନେକ କାର୍ଯ୍ୟକର୍ତ୍ତା ଓ ଯାଦବ ଭାଇ, ଭଉଣୀ ମାନେ ଯୋଗ ଦେଇଥିଲେ । ସମଲେଇ ମନ୍ଦିର ପହଞ୍ଚିବା ପରେ ସେଠାରେ ଯାଦବ ମାନଙ୍କ ପାରମ୍ପରିକ ଗଉଡ଼ ବାଡି ଖେଳ ପ୍ରଦର୍ଶନ କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ମଧ୍ୟମ ଆୟ ବର୍ଗରେ ପରିଣତ ହେବ

ଆଉ କିଛି ବର୍ଷ ଭିତରେ ଭାରତ ୬ ଟ୍ରିଲିଅନ (ଲକ୍ଷ କୋଟି) ଡଲାର ଅର୍ଥନୀତିରେ ପରିଣତ ହେବ। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଏହାର ଏକ ରିପୋର୍ଟରେ ଏହି ଗୋଲାପୀ ଚିତ୍ର ଆଙ୍କିଛି। ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ଏକ ମଧ୍ୟମ ଆୟ ବର୍ଗର ଦେଶରେ ପରିଣତ ହେବ। ମୁଣ୍ଡପିଛା ଆୟ ୭୦% ବୃଦ୍ଧି ପାଇ ୪୦୦୦ ଡଲାର ହୋଇଯିବ। ସେହି ସମୟରେ ଜିଡିପି ୬ ଟ୍ରିଲିଅନ ଡଲାରକୁ ବୃଦ୍ଧି ପାଇବ। ବର୍ତ୍ତମାନ ଦେଶର ମୁଣ୍ଡପିଛା ଆୟ ୨୪୫୦ ଡଲାର ରହିଛି।

ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ବୈଦେଶିକ ବାଣିଜ୍ୟ ପ୍ରମୁଖ ଭୂମିକା ନିର୍ବାହ କରିବ। ଦେଶର ଜିଡିପି ଏବେ ୩.୭ ଟ୍ରିଲିଅନ ଡଲାର ଥିବା ବେଳେ ସେଥିପ୍ରତି ବୈଦେଶିକ ବାଣିଜ୍ୟର ଅବଦାନ ୧.୨ ଟ୍ରିଲିଅନ ଡଲାର ରହିଛି। ୨୦୩୦ ସୁଦ୍ଧା ତାହା ୨.୧ ଟ୍ରିଲିଅନ ଡଲାରକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ପରିବାରଗୁଡ଼ିକରେ ହେଉଥିବା ବିନିଯୋଗ ମଧ୍ୟ ଅର୍ଥନୀତିକୁ ଆଗକୁ ବଢ଼ାଇବ ବୋଲି ରିପୋର୍ଟରେ କୁହାଯାଇଛି। ଏବେ ଜିଡିପି ପ୍ରତି ପରିବାର ବିନିଯୋଗର ଅବଦାନ ୫୭% ରହିଛି।

ବର୍ତ୍ତମାନ ତେଲେଙ୍ଗାନାର ମୁଣ୍ଡପିଛା ଆୟ ସର୍ବାଧିକ ୨,୭୫,୪୪୩ ଟଙ୍କା (୩୩୬୦ ଡଲାର) ରହିଛି। ଏହା ପଛକୁ ରହିଛନ୍ତି କର୍ଣ୍ଣାଟକ (୨,୬୫,୬୨୩), ତାମିଲନାଡୁ (୨,୪୧,୧୩୧), କେରଳ (୨,୩୦,୬୦୧) ଓ ଆନ୍ଧ୍ରପ୍ରଦେଶ (୨,୦୭,୭୭୧) । ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ଏହାର ରିପୋର୍ଟରେ ଆକଳନ କରିଛି ଯେ, ୨୦୩୦ ସୁଦ୍ଧା ମୁଣ୍ଡପିଛା ଆୟରେ ଗୁଜରାଟ ଶୀର୍ଷ ସ୍ଥାନରେ ପହଞ୍ଚିବ। ଏହା ପଛକୁ ରହିବେ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ହରିୟାଣା, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ। ଦେଶର ଜିଡିପି ପ୍ରତି ତେଲେଙ୍ଗାନା, ଦିଲ୍ଲୀ, କର୍ଣ୍ଣାଟକ, ହରିୟାଣା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ମିଳିତ ଅବଦାନ ୨୦% ରହିବ। ଏହି ରାଜ୍ୟଗୁଡ଼ିକର ମୁଣ୍ଡପିଛା ଆୟ ୬,୦୦୦ ଡଲାର ଟପିଯିବ। ଦୁଃଖର ବିଷୟ ହେଉଛି ଦେଶର ୨୫ ପ୍ରତିଶତ ଲୋକ ବାସ କରୁଥିବା ଦୁଇ ରାଜ୍ୟ ଉତ୍ତରପ୍ରଦେଶ ଓ ବିହାରର ମୁଣ୍ଡପିଛା ଆୟ ୨୦୩୦ରେ ମଧ୍ୟ ୨୦୦୦ ଡଲାରରୁ କମ୍ ରହିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଜନସଂଖ୍ୟାରେ କର୍ମଜୀବୀଙ୍କ ହାର ୨୦୨୦ରେ ୫୪.୨ ପ୍ରତିଶତ ଥିଲା ତାହା ୨୦୪୦ରେ ୬୩.୬ ପ୍ରତିଶତ ଓ ୨୦୫୦ରେ ୬୧.୧ ପ୍ରତିଶତକୁ ହ୍ରାସ ପାଇବ।

# ଓଡ଼ିଶାରେ ଗାନ୍ଧିଜୀ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ମୁକ୍ତିସଂଗ୍ରାମ ହେଲା ତ୍ୱରାନ୍ୱିତ। ଗାନ୍ଧି-ମନ୍ତ୍ର-ବିହ୍ୱଳ ଭାରତବର୍ଷ, ଓଡ଼ିଶା ବି। ଓଡ଼ିଆଏ ଗାନ୍ଧିଜୀଙ୍କୁ ଆପଣାର ମଣିଲେ। ଆତ୍ମାରେ ଠାକୁର ବିବେଚନା କଲେ। ଗାନ୍ଧିଜୀ ମଧ୍ୟ ଓଡ଼ିଶାକୁ ପ୍ରାଣଠୁ ବଳି ଭଲ ପାଇଲେ। ଓଡ଼ିଶାର ଦାରିଦ୍ର୍ୟ ତାଙ୍କୁ ମର୍ମାହତ କଲା। ଏହାର ସର୍ବାଙ୍ଗୀଣ ଉନ୍ନତି ପାଇଁ ସେ ମନ ଦେଲେ। ୧୯୨୧-୧୯୪୬, ଏହାରି ମଧ୍ୟରେ ସେ ଆଠଥର ଓଡ଼ିଶା ଆସିଲେ। ସତ୍ୟାଗ୍ରହ ବାର୍ତ୍ତା ପ୍ରଚାର, କୁଟୀର ଶିଳ୍ପର ପୁନରୁଦ୍ଧାର, ସଂସ୍କାରବାଦୀ କାର୍ଯ୍ୟକ୍ରମ - ଏମିତି ନାନା କଥା ହାତକୁ ନେଲେ। ଓଡ଼ିଶାରେ ପାଇଲେ ଅଭୂତପୂର୍ବ ସଫଳତା। ୧୯୩୮ ମସିହା, ମାର୍ଚ୍ଚ ମାସ, ୨୫ ତାରିଖ। ଗାନ୍ଧିଜୀ ପୁନଶ୍ଚ ଓଡ଼ିଶା ଆସିଲେ। ସାଥିରେ ପତ୍ନୀ, ଆଉ କେତେକ ଛାମୁଆ କଂଗ୍ରେସ ନେତା। ସେମାନଙ୍କ ମଧ୍ୟରେ ସର୍ଦ୍ଦାର ପଟେଲ, ମୌଲାନା ଆଜାଦ୍, ରାଜେନ୍ଦ୍ର ପ୍ରସାଦଙ୍କ ନାମ ଉଲ୍ଲେଖ ଯୋଗ୍ୟ। ପୁରୀ ଡେଲାଙ୍ଗର ବେରବୋଇ, ସେଇଠି ଆୟୋଜିତ ହୋଇଥାଏ ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ। ଏଥି ସହିତ ଉତ୍କଳ ଖଦୀ ଗ୍ରାମୋଦ୍ୟୋଗ ଶିଳ୍ପ ବାର୍ଷିକ ସମ୍ମିଳନୀ। ଗାନ୍ଧିଜୀ ତାଙ୍କ ସହଯୋଗୀଏ, ଏଥିରେ ଯୋଗଦେଲେ। ବିଭିନ୍ନ ପ୍ରକାର ଆର୍ଥନୀତିକ ପ୍ରଗତି; ଏ ସମ୍ପର୍କରେ ନାନାଦି ଚର୍ଚ୍ଚା ହେଲା। ଓଡ଼ିଶାର ନେତାମାନେ ଅଂଶଗ୍ରହଣ କଲେ। ଆଗ୍ରୋ ଏଣ୍ଡ ଭିଲେଜ ଏଣ୍ଟରପ୍ରାଇଜେସ୍ ପ୍ରଦର୍ଶନୀକୁ ଗାନ୍ଧିଜୀ ଉଦ୍‌ଘାଟନ କଲେ। ମାର୍ଚ୍ଚ ୨୫ରୁ ୩୧। ମୋଟ୍ ୭ ଦିନ ସେଠାରେ ଗାନ୍ଧିଜୀ ରହିଲେ। ଗାନ୍ଧିଜୀଙ୍କ ଆଗମନ ବାର୍ତ୍ତା, ପବନ ବେଗରେ ଚହଟି ଯାଇଥାଏ। ସବୁଆଡ଼େ; ହାଟ, ବଜାର, ଦୋକାନ, ପରିବାର, ସବୁଠି ଗୋଟିଏ ଆଲୋଚନା - ମହାତ୍ମା ଆସିବେ, ମହାତ୍ମା ଆସିବେ! ସୁରେନ୍ଦ୍ର ମହାନ୍ତି, ସେ ବର୍ଷ ସାଲେପୁର ହାଇସ୍କୁଲର ଶେଷବର୍ଷ ଛାତ୍ର। ପାଟ୍‌ନା ୟୁନିଭରସିଟି ପରୀକ୍ଷା କରିବ, ପିଲେ ଭଲ କରିବେ, ସେଥିପାଇଁ ନିୟମିତ କୋଚିଂ। ଶିକ୍ଷକମାନେ ଗଳଦ୍‌ଘର୍ମ। ବାହାରକୁ ଯିବା ଅନୁମତି ନଥାଏ। ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ ମନମୋହନ ବାବୁ। ସୁରେନ୍ଦ୍ର ଗାନ୍ଧିଜୀଙ୍କୁ ଟିକେ ଦେଖିବେ। ଏଥି ପାଇଁ ଛୁଟିଦେବାକୁ ତାଙ୍କୁ ଅନୁରୋଧ କଲେ। ସୁପରିଟେଣ୍ଡେଣ୍ଟ ମନାକଲେ। ମାତ୍ର ସୁରେନ୍ଦ୍ରଙ୍କ ଜିଦ୍ ଯିବେ। ବସ୍‌ଷ୍ଟାଣ୍ଡରୁ ଗୋଟେ ବସ୍ ଧରିଲେ। ଜଗତପୁର ରେଲଷ୍ଟେସନ୍, ଖରାବେଳେ କଟକରୁ ଗୋଟେ ସ୍ପେଶାଲ୍ ଟ୍ରେନ୍ ବାହାରିବ। ଡେଲାଙ୍ଗ ଯିବ। ସୁରେନ୍ଦ୍ର, ତାଙ୍କର ଆଉ ତିନି ଚାରିଜଣ ସାଙ୍ଗ ମହାନଦୀ ବାଲିରେ ଚାଲିଲେ। ଯୋବ୍ରା ଘାଟରେ ଡଙ୍ଗା ପାରିହେଲେ। ପହଞ୍ଚିଲେ କଟକ ଷ୍ଟେସନ୍‌ରେ। ସ୍ପେଶାଲ୍ ପାସେଞ୍ଜର ଟ୍ରେନ୍। ଟିକଟ ପଡ଼ିଲାନି। ଟିକଟ ଇନିସ୍‌ପେକ୍ଟରଙ୍କର ଟିକଟ୍ ଯାଞ୍ଚ ନାହିଁ, ପଚରା ଉଚୁରା ବି ନାହିଁ। ଏ ସବୁ ବୋଧେ ମହାତ୍ମାଙ୍କ ଖାତିରରେ! ଟ୍ରେନ୍ ଛାଡ଼ିଲା, 'ମହାତ୍ମା ଗାନ୍ଧିକି ଜେ' ଧ୍ୱନି, ଷ୍ଟେସନ୍ ଛାତି କମ୍ପିଲା। ଯୋଉ ଷ୍ଟେସନ୍‌ରେ ଟ୍ରେନ୍ ରହିଲା। ସବୁଠି ଗାନ୍ଧିଜୀଙ୍କର ଜୟ ଜୟକାର। ଖାଲି ସେତିକି ନୁହେଁ, ପ୍ଲାଟ୍‌ଫର୍ମର ଯାତ୍ରୀଏ, ସେମାନେ ବି ସ୍ଲୋଗାନ୍ ଦେଉଥାଆନ୍ତି - 'ମହାତ୍ମା ଗାନ୍ଧିକି ଜୟ'। ଏ ଥିଲା ସୁରେନ୍ଦ୍ରଙ୍କର ଅଭୁଲା ସ୍ମୃତି, ତାଙ୍କ ପିଲାବେଳର କଥା। ସେ ଦିନେ ଗାନ୍ଧିଜୀଙ୍କୁ ଦେଖିବାକୁ ସୁଯୋଗ ମିଳିଥିଲା। ଅସମ୍ଭବ ଗହଳି। ସେ ଗାନ୍ଧିଙ୍କୁ ଦେଖି ପାରିଲେନି। ମାତ୍ର ପୁରୀ ଡେଲାଙ୍ଗରେ ତାଙ୍କୁ ଦର୍ଶନ କଲେ। ଏ ସବୁ ଅବିସ୍ମରଣୀୟ ସ୍ମୃତି।

ଡେଲାଙ୍ଗ ଷ୍ଟେସନ୍ ବାହାରେ, ନଡ଼ିଆ ବାହୁଙ୍ଗା ଛାପାମାନ, ଏଥିରେ ତିଆରି ହେଇଛି ଶହଶହ କୁଡ଼ିଆ। ତଳେ ବିଛା ଯାଇଛି ନଡ଼ା। ତା'ରି ଉପରେ ବିଛଣା। ରହିଥାଆନ୍ତି ପ୍ରତିନିଧିମାନେ। କ୍ୟାମ୍ପଠାରୁ ଅଳ୍ପଦୂର, ଚାରିଆଡ଼େ କିଆ। ପାଖରେ ବାଲିକୁଦ। ଗାଁ ଗହଳରୁ ଆସିଥାଆନ୍ତି ସ୍ତ୍ରୀଲୋକମାନେ। ତା'ରି ଉପରେ ବସିଥାଆନ୍ତି। ପୁରୁଷଙ୍କ ସଂଖ୍ୟା ଅତି ଅଳ୍ପ। ସବୁ ସ୍ତ୍ରୀ ଲଜ୍ଜାଶୀଳା। ମୁଣ୍ଡରୁ ତଳକୁ ହାତେ ଲମ୍ବର ଓଢ଼ଣା। ସମସ୍ତେ ମହାତ୍ମାଙ୍କ ଅପେକ୍ଷାରେ। ବୋହୂ-ଭୁଆସୁଣୀ ଠାରୁ ଆରମ୍ଭ କରି ବୁଢ଼ୀମାନଙ୍କ ପର୍ଯ୍ୟନ୍ତ - ସବୁ ବୟସର ସ୍ତ୍ରୀଲୋକ। ରୁଣ୍ଡ ହେଉଛନ୍ତି ଠା ଠା। ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ବସାଉ ଥାଆନ୍ତି। ସୁରେନ୍ଦ୍ର, ତାଙ୍କ ସାଙ୍ଗମାନେ, ସେଠାକୁ ଯାଇପାରିଲେନି। ସ୍ୱେଚ୍ଛାସେବୀଏ ବାରଣ କଲେ। ସୁରେନ୍ଦ୍ର କିଆବୁଦା ପାଖରେ ରହିଲେ। ମହାତ୍ମାଙ୍କୁ ସମସ୍ତ ଅପେକ୍ଷା। ଉତ୍ସୁକତା ବେଗଗାମୀ ହେଉଥାଏ। ଶେଷରେ ଆସିଲା ସେଇ ପ୍ରତୀକ୍ଷିତ ମୁହୂର୍ତ୍ତଟି।

ଖଣ୍ଡେ ଖଟ, ତା' ଉପରେ ଚଉକିଟାଏ। ସେଇ ହେଲା ମହାତ୍ମାଙ୍କ ପାଇଁ ମଞ୍ଚ। ମହାତ୍ମା ସେଠାକୁ ଆସିଲେ। ପୁରୁଷଙ୍କ କଣ୍ଠରେ - ମହାତ୍ମାଗାନ୍ଧିକି ଜୟ। ହରିବୋଲ, ହୁଳହୁଳି ଧ୍ୱନି, ସଭାସ୍ଥଳ ଉଛୁଳୁଛି। କିଛି କ୍ଷଣ ଗଲା। ଗାନ୍ଧିଜୀ ଆଶୀର୍ବାଦ ମୁଦ୍ରାରେ ଡାହାଣ ହାତ ଟେକିଲେ। ଭାଷଣ ଆରମ୍ଭ କଲେ। କାହାରିକି କିଛି ଶୁଭିଲାନି। ତାଙ୍କ ଭାଷଣ ଶୁଣିବା ପାଇଁ ବା କିଏ ଆସିଥିଲା? ଖାଲି ଥରୁଟିଏ ଆଖି ପୂରେଇ ଦେଖିବେ। କାନି ଗଣ୍ଠାଗଣ୍ଠି ହୋଇ ଆସିଥିଲେ ସ୍ତ୍ରୀ ଲୋକ। ମୂଲ ମାରା କରି ମୂଲିଆମାନେ, ବିଲବାଡ଼ି ଧନ୍ଦା ଛାଡ଼ି ଚାଷୀମାନେ - ସେମାନେ ଗାନ୍ଧିଜୀଙ୍କ ଭାଷଣ ଅବା ଦର୍ଶନରୁ କ'ଣ ବୁଝିବେ? ମହାତ୍ମାଙ୍କୁ ଥରୁଟିଏ ଦେଖିଲେ, ମନସ୍କାମନା ପୂର୍ଣ୍ଣ। ଏଇଥିରୁ ସେମାନେ ତାଙ୍କ ଲକ୍ଷଣଟା ବୁଝିନେବେ। ସୁରେନ୍ଦ୍ର ଠିଆ ହେଇଥାଆନ୍ତି, ମନେ ପଡ଼ିଗଲା ପୁରୁଣା ସ୍ମୃତି। କାନପୁରର ମେଟକାଫ୍ ସ୍କୁଲ୍‌ର ସେ ଛାତ୍ର। ଗାନ୍ଧିଜୀ ଆସିଲେ। ସାଲେପୁର ଥାନା, ଜିଗିନିପାଟପୁର ଗାଁକୁ। ରାଇ ସୁଙ୍ଗୁଡ଼ା ଠାରୁ ଛଅ, ସାତ ମାଇଲ ବାଟ। ସୁରେନ୍ଦ୍ରଙ୍କର ବୋଉ ଜିଗର କଲେ, ତାଙ୍କ ବାପା ଶଗଡ଼ଟେ ଡାକିଲେ। ସେଦିନ ଡାକ୍ତରଖାନା ବନ୍ଦ। ଚାଲିଲା ଶଗଡ଼। ବାପା ଚାଲିଛନ୍ତି ଆଗେ ଆଗେ, ହାତରେ ଛତା। ବୋଉ ଶଗଡ଼ ଭିତରେ। ସୁରେନ୍ଦ୍ର ପଛରେ ଦଉଡ଼ିଲେ ଧୂଳି ଉଡ଼େଇ, ଉଡ଼େଇ। ସେ ଗାନ୍ଧିଜୀଙ୍କୁ ଦେଖିପାରିଲେନି। ତାଙ୍କ ବୋଉ, ମାଇପି ମେଳରେ। ପାଖରୁ ଗାନ୍ଧିଜୀଙ୍କୁ ଦେଖିଲେ। ଗାନ୍ଧି ମହାତମା କ'ଣ କହିଲେ? ସୁରେନ୍ଦ୍ର ବୁଝିବାକୁ ଚାହିଁଲେ। ବୋଉ କହିଲେ - "ଇରେ, ଗାନ୍ଧି ମହାତମା କହିବେ କ'ଣ? ସିଏ ତ ପଦେ କଥା କହୁଚିନି - ସୂତା କାଟ, ଆଉ ଗହଣାସବୁ ମୋତେ ଦେଇଦିଅ। ଆଉ କହିବେ କ'ଣ? ସୁନା ଖଡ଼ିକା ମତେ 'ଧିଅ'।" ସହଜେତ ବୋଉ ମୁରୁଖ। ଆଉ କ'ଣ ଗପି ଥାଆନ୍ତେ। ସୁରେନ୍ଦ୍ର ଅଧାରୁ ରୋକିଲେ। 'କି ଗହଣା ଦେଲୁ' - ଏକଥା ପଚାରିଲେ। ବୋଉ ମୁହଁ ଛିଞ୍ଚାଡ଼ି କହିଲା, "ମୋ ଗହଣା କାହିଁକି ତାଙ୍କୁ ଦେବିବା? ଗୋଟା ରୂପାଟଙ୍କା ଦେଇ ତାଙ୍କୁ ବନ୍ଦେଇଲି।"

ଆଜି ମଧ୍ୟ ସେଇ ଦୃଶ୍ୟ। ବେରବୋଇ ଲୋକାରଣ୍ୟ, ଗାଁ ଗହଳରୁ ଆସିଥିଲେ ମାଇପିମାନେ। କିଏ ଶଗଡ଼ରେ, ଆଉ କିଏ ଚାଲିଚାଲି। ଗାନ୍ଧିଜୀଙ୍କ ଭାଷଣ ଶୁଣିବା, ଏଥିରେ କୌଣସି ପ୍ରୟୋଜନ ନ ଥିଲା। କେବଳ ଗାନ୍ଧିଜୀଙ୍କୁ ଥରେ ଦେଖିବା, ସେଇ ଯଥେଷ୍ଟ। ଏଇଟି ଥିଲା ଭାରତୀୟ ନାରୀଙ୍କ ଉପରେ ତାଙ୍କର ଐନ୍ଦ୍ରଜାଲିକ ପ୍ରଭାବ। କେବଳ ମହାତ୍ମା ଏହାକୁ ବିସ୍ତାର କଲେ। ଆଉ କୌଣସି ନେତା ତାଙ୍କ ସମକକ୍ଷ ନ ଥିଲେ। ମହାତ୍ମା ଭାରତୀୟମାନଙ୍କ ପାଇଁ ଅବତାରୀ ପୁରୁଷ। ମୁକ୍ତିସଂଗ୍ରାମକୁ ସେ ପୂର୍ଣ୍ଣାଙ୍ଗ ରୂପ ଦେଲେ।। ଅର୍ଥନୀତିର କେତେକ କାର୍ଯ୍ୟକ୍ରମ ହାତକୁ ନେଲେ। ଏହାକୁ ଧର୍ମାଚାରରେ ପରିଣତ କଲେ। ବହୁ ବିଜ୍ଞ ବ୍ୟକ୍ତି, ଏ କଥାକୁ ମଧ୍ୟ ଭାବିପାରି ନ ଥିଲେ।

ସୁରେନ୍ଦ୍ରଙ୍କ ରାତିଟି କଟିଲା ଡେଲାଙ୍ଗରେ। କଟକରେ ପହଞ୍ଚିଲା ବେଳକୁ ପକେଟ୍ ଶୂନ। କେବଳ ଚାରିଣିଟିଏ। ଜଗତପୁରରୁ ସାଲେପୁର। ବସ୍ ଟିକଟ ପାଇଁ ପଇସା ନାହିଁ। ଚାଲିଚାଲି ଆସିଲେ। ପହଞ୍ଚିଲେ ପଦ୍ମପୁର ବଜାରରେ। ଥାଏ ଝଙ୍କାଳିଆ ବରଗଛଟାଏ। ଗଛତଳେ ପକ୍କା ପହଣ୍ଡ। କ୍ଳାନ୍ତି, ଅବସାଦର ସୀମା ନାହିଁ, ସେଇଠି ଶୋଇଗଲେ। ତା' ପରଦିନ, ଚାଲିଚାଲି ଆସିଲେ। ପାଦ ପାଉଁରୁଟି ପରି ଫୁଲି ଯାଇଥାଏ। ହଷ୍ଟେଲରେ ମନ ମୋହନବାବୁ ପଚାରିଲେ - "କିରେ ମହାତ୍ମାଙ୍କୁ ଦେଖିଲୁ।" ସୁରେନ୍ଦ୍ର ସ୍ମିତ ହସିଲେ, 'ହଁ ସାର୍'। ଏତିକିରେ କଥା ସରିଲା। ସୁରେନ୍ଦ୍ର ଜବାହରଙ୍କୁ ଦେଖିବାକୁ ଗଲେ, ପାଇଲେ ବେତ୍ରାଘାତ, ଗାନ୍ଧିଜୀଙ୍କୁ ଦେଖିଲେ, ଦଣ୍ଡ ମିଳିଲାନି। ବୋଧ ହୁଏ ଗାନ୍ଧିଜୀ ସାର୍‌ମାନଙ୍କର ନମସ୍ୟ ଥିଲେ! ଏକଥା ସୁରେନ୍ଦ୍ର ଅନୁଭବ କଲେ।

ଗାନ୍ଧିଜୀ ନାରୀ ସଶକ୍ତୀକରଣ ମନ୍ତ୍ର ଫୁଙ୍କିଲେ। ଓଡ଼ିଶାର ନାରୀଙ୍କୁ ଆଲୋକ ଦେଖାଇଲେ। ନାରୀଙ୍କ ସ୍ଥାନ ରୋଷେଇ ଶାଳରେ। ଏ ପ୍ରକାର ଚିନ୍ତନ ପ୍ରାଚୀନ କାଳର ବର୍ବରତା। ଏ କଥାଟି କହିଲେ। ତାଙ୍କ ଉଦ୍‌ବୋଧନୀ ବାର୍ତ୍ତା, ନାରୀସମାଜ ହେଲା ଆଲୋଡ଼ିତ। ସେମାନେ ଏରୁଣ୍ଡିବନ୍ଧ ଡେଇଁଲେ। ମୁକ୍ତିସଂଗ୍ରାମରେ ଝାସ ଦେଲେ। ସମ୍ଭ୍ରାନ୍ତ, ମଧ୍ୟବିତ୍ତ, ନିଦରବ - ସବୁଶ୍ରେଣୀର ନାରୀ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତା ହେଲେ। ମୁକ୍ତି ସଂଗ୍ରାମକୁ ଆଗେଇ ନେଲେ। ଅଗ୍ରଗଣ୍ୟା ଥିଲେ ରମାଦେବୀ, ମାଳତୀଦେବୀ, ସରଳା ଦେବୀ, ଜାହ୍ନବୀ ଦେବୀ, ରତ୍ନମାଳୀ ଦେବୀ, ସୁଭଦ୍ରା ଦେବୀ। ଏମାନଙ୍କ ସହ ଆହୁରି ଶତ ସହସ୍ର। ପାଇଖାନା ସଫେଇ, ବିକଳାଙ୍ଗ, କୁଷ୍ଠରୋଗୀଙ୍କ ସେବା, ଅନ୍ଧବିଶ୍ୱାସ ବିଲୋପ, ସ୍ୱାସ୍ଥ୍ୟସଚେତନତା ସୃଷ୍ଟି, ଚରଖାରେ ସୂତା କାଟିବା, ଅସ୍ପୃଶ୍ୟତା ନିବାରଣ - ଏମିତି ନାନାଦି ରଚନାତ୍ମକ କାର୍ଯ୍ୟକ୍ରମ। ଓଡ଼ିଶାର ନାରୀ ରହିଲେ ବହୁ ଆଗରେ। ଏଥି ସହ ମୁକ୍ତି ସଂଗ୍ରାମ। ସବୁଥିରେ ଓଡ଼ିଆ ନାରୀଙ୍କ ସଫଳତା। ଗାନ୍ଧିଜୀଙ୍କ ଐତିହାସିକ 'ହରିଜନ ପଦଯାତ୍ରା'। ଏଥିରେ ମଧ୍ୟ ବହୁ ସଂଖ୍ୟକ ନାରୀ ଯୋଗଦେଲେ। ଜାତି ଜାତି ଭିତରେ ବିବାହ ସମ୍ପନ୍ନ ହେଲା। ତଥାକଥିତ ହରିଜନମାନେ, ମନ୍ଦିର ପ୍ରବେଶ ସୁବିଧା ପାଇଲେ। ଯାହା ଶତାବ୍ଦୀ ଶତାବ୍ଦୀ ଧରି ସମ୍ପନ୍ନ ହୋଇନଥିଲା; ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ହେତୁ ସମ୍ଭବ ହେଲା।

ଓଡ଼ିଶାକୁ ଗାନ୍ଧିଜୀ ପ୍ରାଣଠୁ ଆପଣାର ମଣିଥିଲେ। ତାଙ୍କ ଓଡ଼ିଶାଗସ୍ତ ଅନୁଭୂତି। ଏସବୁ ଥିଲା ଚିର ଅଭୁଲା। 'ମାଇଁ ଓଡ଼ିଶା ଟୁର୍'। ଏଇଟି ଥିଲା ତାଙ୍କ ଓଡ଼ିଶା ସମ୍ପର୍କିତ ଧାରଣା। ପ୍ରକାଶ ପାଇଲା 'ନବଜୀବନ' ପତ୍ରିକାରେ। ଆଉ ଗୋଟେ ଲେଖା 'ଓଡ଼ିଶା ଏଣ୍ଡ ଆନ୍ଧ୍ର', ଏଇଟି ୟଙ୍ଗ୍ ଇଣ୍ଡିଆରେ ପ୍ରକାଶିତ। ଓଡ଼ିଶାର କୃଷକ, ଏମାନେ ବିହାରର ଚମ୍ପାରନ୍ କୃଷକଙ୍କ ଠାରୁ ଅତି ଦରିଦ୍ର - ଏ କଥା ଗାନ୍ଧିଜୀ ବୁଝିଥିଲେ। ସେ କେବଳ ନୀରବଦ୍ରଷ୍ଟା ନଥିଲେ। ଓଡ଼ିଶାର ଆର୍ଥନୀତିକ ପ୍ରଗତି ପାଇଁ ଅଣ୍ଟା ଭିଡ଼ିଥିଲେ। ବହୁ ବଦାନ୍ୟ ବ୍ୟକ୍ତି, ସମାଜସେବୀ। ଏମାନେ ଓଡ଼ିଶା ଆଡ଼େ ସାହାଯ୍ୟର ହାତ ଲମ୍ବାଇଲେ। ଖ୍ରୀଷ୍ଟିୟାନ୍ ମିଶନାରୀ ସି.ଏଫ୍. ଆଣ୍ଡ୍ରୁସ୍, ମାସ ମାସ ଓଡ଼ିଶାରେ ରହିଲେ। ବନ୍ୟାଦୁର୍ଗତ ମାନଙ୍କ ଦୁଃଖଦୁର୍ଦ୍ଦଶା ମୋଚନ କଲେ। ଠିକ୍ ସେମିତି। ଜୀବରାମଜୀ କଲ୍ୟାଣଜୀ କୋଠାରୀ, ଆପଣାର ଧନ, ଜୀବନ, ଓଡ଼ିଶା ହିତରେ ଲଗାଇଲେ। ଈଶ୍ୱରଲାଲ ବ୍ୟାସ; ତାଙ୍କ ସହଧର୍ମିଣୀ 'ପୁରୁବାଇ'। ଏମାନେ ଗାନ୍ଧି-ମନ୍ତ୍ର-ଦୀକ୍ଷିତ। ବାଲେଶ୍ୱର ଠାରେ ଆଶ୍ରମଟିଏ ତିଆରି କଲେ। ଓଡ଼ିଶା ବାସୀଙ୍କ ସେବାରେ ବ୍ରତୀ ହେଲେ। ବିଖ୍ୟାତ ଇଂଜିନିୟର ବିଶ୍ୱେଶ୍ୱରାୟା। ତାଙ୍କ ଦୈନିକ ପ୍ରାପ୍ୟ ୧୦,୦୦୦ ଟଙ୍କା। ଗାନ୍ଧିଜୀଙ୍କ ଅନୁରୋଧ ରକ୍ଷା କଲେ। ଦୀର୍ଘ ୧୨ ଦିନ ଓଡ଼ିଶାରେ ବିତାଇଲେ। ବନ୍ୟା ନିୟନ୍ତ୍ରଣ ପାଇଁ ନାନାଦି ଉପାଦେୟ ତଥ୍ୟ ଯୋଗାଇଲେ। କାଣି କଉଡ଼ିଟିଏ ନେଲେନି। ଏସବୁ ଗାନ୍ଧିଜୀଙ୍କର ଓଡ଼ିଶା ପାଇଁ ଅତୁଳନୀୟ ଅବଦାନ।

ସେଦିନର ବେରବୋଇର ଦୃଶ୍ୟ। ସୁରେନ୍ଦ୍ରଙ୍କ ସ୍ମୃତିକୁ ଦୋହରଉ ଥାଏ। ନାରୀ ମୁକ୍ତି, ନାରୀ ସଶକ୍ତୀକରଣ - ଏ ଦୁଇଟି ଗାନ୍ଧିଜୀଙ୍କର ଅସଲ ଲକ୍ଷ୍ୟ ଥିଲା। ଯୁଗଯୁଗର ଅନ୍ଧକାର, ସାମାଜିକ କୁସଂସ୍କାର, ନାରୀ ଜାତି ପ୍ରତି ହୀନମନ୍ୟତା - ଏସବୁ କ୍ରମେ ଦୂରୀଭୂତ ହେଲା। ସବୁ ସେଇ ଗାନ୍ଧି-କିମିଆ। ସୁରେନ୍ଦ୍ରଙ୍କ ବୋଉ ଅପାଠୋଇ। ତଥାପି ତାଙ୍କ ମନ ଦ୍ରବି ଯାଇଥିଲା। ରୂପା ଟଙ୍କାଟିଏରେ ଗାନ୍ଧିଜୀଙ୍କୁ ବନ୍ଦେଇଥିଲେ। ସେଇମିତି ଜଣେ ସାଧାରଣ ନାରୀ। ଇତିହାସରେ ନାହିଁ ତାଙ୍କ ନାଁ, ଗାଁ, ଠିକଣା। ସେଇ ମହୀୟସୀ ମହିଳା ଜଣଙ୍କ ପରୀବେଓ୍ୱା। ଅଗଷ୍ଟ ବିପ୍ଳବର କଥା। ୧୯୪୨ ମସିହା, ସେପ୍ଟେମ୍ବର ମାସ ୨୮ ତାରିଖ। ଭଦ୍ରକର ଇରମ ଗଣହତ୍ୟା। ପରିବେଓ୍ୱା ଅକାତରେ ପ୍ରାଣବଳି ଦେଲେ। ଶହୀଦ୍ ହେଲେ। ଇତିହାସ ରଚିଲେ ଓଡ଼ିଆ ନାରୀ। ଏ ସବୁ ଗାନ୍ଧିଜୀଙ୍କ ଆଦର୍ଶର ଅମୃତମୟ ଫଳ।

# ମହିଳା ସଶକ୍ତିକରଣ : ଏକ ଆହ୍ୱାନ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫, ଭୁବନେଶ୍ୱର
ମୋ: - ୮୨୪୯୬୫୦୪୧୪

ସମାଜର ଦୁଇଟି ମୁଖ୍ୟ ଅଙ୍ଗ ହେଲେ ମହିଳା ଓ ପୁରୁଷ। ଗୋଟିଏ ମୁଦ୍ରାର ଦୁଇଗୋଟି ପାର୍ଶ୍ୱଭଳି । ନାରୀ ଓ ପୁରୁଷର ସମନ୍ୱୟରେ ହିଁ ମାନବ ସମାଜର ଆତ୍ମ ପରିପ୍ରକାଶ ସମ୍ଭବ ହୋଇପାରିଛି । ସମାଜର ସୁପରିଚାଳନା, ପାରିବାରିକ ଜୀବନର ଦାୟିତ୍ୱବଦ୍ଧତା ଓ ବିଶ୍ୱ କଲ୍ୟାଣାର୍ଥେ ଉଭୟ ନାରୀ ଓ ପୁରୁଷଙ୍କର ଗୁରୁତ୍ୱ ସମାନ ଭାବରେ ରହିଥାଏ । ମଧ୍ୟ ଯୁଗରେ ମହିଳାମାନଙ୍କ ସହିତ ଘଟିଯାଇଥିବା ଅନ୍ୟାୟ, ଅତ୍ୟାଚାର ଏକ ନିନ୍ଦନୀୟ ଅଧ୍ୟାୟ ଥିଲା । ସମାଜର ପୁରୁଷମାନଙ୍କ ସହିତ ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରାଯାଇପାରିଲେ ହିଁ ଆମ ଦେଶର ଭବିଷ୍ୟତ ଯଥାଶୀଘ୍ର ଉଜ୍ଜ୍ୱଳ ହୋଇପାରିବ । ମହିଳା ସଶକ୍ତିକରଣର ଅର୍ଥ ହେଉଛି ସେମାନଙ୍କୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ପୁରୁଷମାନଙ୍କ ଭଳି ସମାନ ସୁବିଧା ସୁଯୋଗ ମିଳିବା। ତେବେଯାଇ ଏ ସମାଜର ପ୍ରକୃତ ଅଗ୍ରସର ହୋଇପାରିବ ବୋଲି ମନେ କରାଯାଏ। ଗୋଟିଏ ନାରୀର ଅନେକ ରୂପ ରହିଛି । ଯେମିତିକି- ମାଆ, ଝିଅ, ବୋହୂ, ଭଉଣୀ, ଏବଂ ଦେବୀ ଇତ୍ୟାଦି । ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ ଯେ, 'ଏ ଦେଶ ସେତେବେଳେ ସ୍ୱାଧୀନ ବୋଲି ଆମେ ଜାଣିବା, ଯେତେବେଳେ ଜଣେ ମହିଳା ରାତ୍ରୀ ୧୨:୦୦ ରେ ମଧ୍ୟ ନିର୍ଭୟରେ ସ୍ୱାଧୀନ ଭାବେ ବାହାରେ ବୁଲିପାରୁଥିବ । ସମାଜରେ ଚାଲି ଆସୁଥିବା କୁସଂସ୍କାର ଏବଂ ଅନ୍ଧ ବିଶ୍ୱାସ ହିଁ ନାରୀ ଉତ୍ପୀଡନର ମୂଳ କାରଣ। ନାରୀଟିଏ ସବୁବେଳେ ଫୁଲପରି ପବିତ୍ର ଆଉ ନିର୍ମଳ। କିନ୍ତୁ ଏଠି ତାଙ୍କୁ ପାଦେପାଦେ ଅଗ୍ନୀ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥାଏ। କଥାରେ ଯେପରି କୁହାଯାଏ - 'ଆଜିର ଛାତ୍ର, ଆସନ୍ତାକାଲିର ନାଗରିକ।' ଠିକ୍ ସେମିତି ଏକ ଉକ୍ତି ପରିବେଶରେ ସମାୟିତ ହେବା ଦରକାର ଅର୍ଥାତ୍ 'ଆଜିର ନାରୀ, ଭବିଷ୍ୟତର ସମ୍ମାନ ।' ନାରୀବିନା ସମାଜର ପରିକଳ୍ପନା ଅସମ୍ଭବ । ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ହୁଏ । ଅତଏବ ନାରୀ ଶକ୍ତି ସ୍ୱରୂପିଣୀ, କଲ୍ୟାଣମୟୀ ଓ ଜ୍ଞାନମୟୀ । ସେ ଏକା ଧାରରେ ଜଣେ ମାତା , ଭଗିନୀ , କନ୍ୟା ଏବଂ ଜାୟା। ସମାଜରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଯେଉଁ ପଦକ୍ଷେପଗୁଡ଼ିକ ହାତକୁ ନେଇଛନ୍ତି ତା' ମଧ୍ୟରେ 'ମିଶନ ଶକ୍ତି' ଅନ୍ୟତମ । ମିଶନ ଯାହା ଏକ ଇଂରାଜୀ ଶବ୍ଦ ଓ ଏହାର ଅର୍ଥ ହେଲା - ଜୀବନର ଲକ୍ଷ୍ୟ ଏବଂ 'ଶକ୍ତି' ଅର୍ଥାତ ପାୱାର ବା କ୍ଷମତା। ଏହି ଯୋଜନା ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରାଇ ପାରିବ।

୨୦୦୧ ମସିହା ମାର୍ଚ୍ଚ ୦୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସରକାର W.S.H.G.( Women Self Help Group) ଅର୍ଥାତ୍ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ନାମିତ କଲେ। ନାରୀ ଓ ପୁରୁଷ ଭଗବାନଙ୍କ ଅମୃତ ସୃଷ୍ଟିର ଅମୃତ ସନ୍ତାନ । ନାରୀ ଏକାଧାରରେ ଜଣେ ଜନନୀ, ଜାୟା ଓ ଭଗିନୀ। ନାରୀବିନା ସମାଜର ସାମଗ୍ରିକ ଉନ୍ନତିର କଳ୍ପନା କରିହେବ ନାହିଁ। ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ହୁଏ । ଜଣେ ଜଣକ ବିନା ଅଧା ରହିଥାଏ ଅର୍ଥାତ୍ ପୂର୍ଣ୍ଣମାତ୍ରାରେ ତାହା ପ୍ରତିଫଳିତ ହୋଇ ନପାରେ । ଯଥାର୍ଥରେ ମହର୍ଷି ମନୁ କହିଥିଲେ :-

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତାଃ ।

ନାରୀ ଶକ୍ତିମୟୀ, କଲ୍ୟାଣମୟୀ, ଜ୍ଞାନମୟୀ, ବିଶ୍ୱରୂପା। ତେଣୁ ଶିକ୍ଷାଲାଭରୁ ସେ ବଞ୍ଚିତ ହେବା ଅନୁଚିତ । କାରଣ ଗୋଟିଏ ପୁରୁଷ ଲୋକ ଶିକ୍ଷିତ ହେଲେ ଜଣେ ଲୋକ ଶିକ୍ଷିତ ବୋଲି ଧରାଯାଏ, ମାତ୍ର ଜଣେ ମହିଳା ଶିକ୍ଷିତ ହେଲେ ଗୋଟିଏ ପରିବାର ଶିକ୍ଷିତ ହୋଇଥାଏ । ସନ୍ତାନମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ମା' । ପୃଥିବୀର ଅନେକ ମହାମାନବଙ୍କ ଜୀବନକୁ ସେମାନଙ୍କର ମା' ମାନେ ହିଁ ଗଢି ତୋଳିଥିବାର ଇତିହାସ ରହିଛି । ଅନୁରୂପ ଭାବରେ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ରହିଛି ଏବଂ ଶିକ୍ଷିତା ନାରୀଟିଏ ହିଁ ତା'ର ସମାଧାନ କରିପାରିବ । ପୁରୁଷ ସହିତ ସମକକ୍ଷ ହୋଇ ତାହାର ସହକର୍ମୀ, ସହାୟିକା କିମ୍ବା ବାନ୍ଧବୀ ହୋଇ ସେ ଏକ ଉନ୍ନତ ସଚେତନ ସମାଜ ଗଠନରେ ସହାୟକ ହୋଇପାରିବ । ଏହିସବୁ ଦୃଷ୍ଟିରୁ ନାରୀଶିକ୍ଷାର ଏକାନ୍ତ ଆବଶ୍ୟକତା ରହିଛି ।

ପ୍ରାଚୀନ ଭାରତରେ ପୁରୁଷମାନଙ୍କ ଭଳି ନାରୀମାନେ ମଧ୍ୟ ଉପଯୁକ୍ତ ଶିକ୍ଷାର ଅଧିକାରିଣୀ ହେଉଥିଲେ । ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା ଓ ମଦାଳସା ପ୍ରଭୃତି ବିଦୂଷୀ ନାରୀଗଣ ବେଦମନ୍ତ୍ର ରଚନା କରିବା ସହିତ ସେମାନଙ୍କର ଅନନ୍ୟ ପ୍ରତିଭାପାଇଁ ଚିର ସ୍ମରଣୀୟ ହୋଇ ରହିପାରିଛନ୍ତି।

ମଧ୍ୟ ଯୁଗରେ ବୈଦେଶିକମାନଙ୍କ ଶାସନକାଳରେ ନାରୀ ଶିକ୍ଷାକୁ ଅବହେଳାର ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଇଥିଲା । ଇଂରେଜ ଶାସନ ସମୟରେ ରାଜା ରାମମୋହନ ରାୟ, କର୍ମବୀର ଗୌରୀଶଙ୍କର ରାୟ ଓ ମହର୍ଷି ଦୟାନନ୍ଦ ସରସ୍ୱତୀ ପ୍ରଭୃତିଙ୍କ ପ୍ରୟାସ ଓ ପ୍ରଯତ୍ନ ଫଳରେ ନାରୀଶିକ୍ଷା ବିଷୟ ଉନ୍ନତିର ସ୍ୱାଦ ଚାଖିପାରିଥିଲା।।

ଆଜିକାଲି ନାରୀମାନେ ପୁରୁଷମାନଙ୍କ ଭଳି ଶିକ୍ଷାଲାଭ କରୁଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି । ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ନାରୀ ଆଜି ତାହାର ବୈଶିଷ୍ଟ୍ୟ ପ୍ରତିପାଦନ କରିପାରିଛି । ଆଜିର ଶତାବ୍ଦୀରେ ନାରୀଶିକ୍ଷାର ପ୍ରଚାର ପ୍ରସାର ପାଇଁ ସମସ୍ତେ ନିଜର ଉତ୍ସୁକତା ପ୍ରକାଶ କରିଛନ୍ତି । ବିଭିନ୍ନ ଅନ୍ଧ ବିଶ୍ୱାସ, ବହୁ ବିବାହ, ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ପରି ସର୍ବଗ୍ରାସୀ ଦାନବର କବଳରୁ ଉଦ୍ଧାର କରିବାପାଇଁ ନାରୀଶିକ୍ଷା ଯେ ଏକାନ୍ତ ଅପରିହାର୍ଯ୍ୟ ଏହା ଆଜି ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିସାରିଛନ୍ତି । ନାରୀଶିକ୍ଷା ପାଇଁ ସାରା ମାନବ ଜାତି ଅନୁକୂଳାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ଏବଂ ସେମାନଙ୍କୁ ପୂର୍ଣ୍ଣ ସ୍ୱାକ୍ଷର କରାଇବା ମଧ୍ୟ ଏକାନ୍ତ ଆବଶ୍ୟକ। ସେଥିପାଇଁ ନେପୋଲିୟନ୍ ବୋନାପାର୍ଟ୍ କହିଛନ୍ତି :-

The future destiny of the child is always the works of the mother.

ସେହିପରି ନାରୀକୁ ସକଳ ଶକ୍ତିର ଆଧାର ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । କାରଣ ମାତୃଶକ୍ତି ବିନା ସୃଷ୍ଟି ଅସମ୍ଭବ । କଥାରେ ଅଛି :-

ଜନନୀ ଜନ୍ମ ଭୂମିଶ୍ଚ
ସ୍ୱର୍ଗାଦପି ଗରିୟସୀ ।

ନାରୀ ସହନଶୀଳତା ଆଉ ତ୍ୟାଗର ଏକ ଜ୍ୱଳନ୍ତ ଉଦାହରଣ। କାରଣ ଯେତେବେଳ ଗୋଟିଏ ଛୁଆ ଅଇଁଠା ଛାଡି ଚାଲିଯାଏ, ତା' ମାଆ ହିଁ ତାହାକୁ ଖାଇଦିଏ। ଭାଇ ଅଇଁଠା ଛାଡିଲେ ଭଉଣୀ ଖାଏ, ସ୍ୱାମୀ ଅଇଁଠା ଛାଡିଲେ ସ୍ତ୍ରୀ ଖାଏ। ଯଦି କେତେବେଳେ କୌଣସି ମା ' ଭଉଣୀ, ସ୍ତ୍ରୀ ଅଇଁଠା ଛାଡିଲେ ତାହାକୁ କୌଣସି ପୁରୁଷ କେବେ ଖାଇଛନ୍ତି କି? ନା, ଆଦୌ ଖାଆନ୍ତି ନାହିଁ । କାରଣ ଏଭଳି ତ୍ୟାଗ ଓ ସହନଶୀଳ ଶକ୍ତି ଭଗବାନ କେବଳ ନାରୀମାନଙ୍କୁ ହିଁ ଦେଇଛନ୍ତି । ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଛନ୍ତି - ଲୋକମାନଙ୍କୁ ସଚେତନ କରାଇବାକୁ ହେଲେ ପ୍ରଥମେ ମହିଳାମାନେ ସଚେତନ ହେବା ଜରୁରୀ ଅଟେ। ଥରେ ଯଦି ସେ ନିଜର ପାଦ ଉଠାଏ, ତେବେ ପରିବାର ଆଗକୁ ବଢିଥାଏ , ଗାଁ ଆଗକୁ ବଢେ ଓ ରାଷ୍ଟ୍ର ଉନ୍ନତି ମାର୍ଗରେ ଅଗ୍ରସର ହୋଇଥାଏ। ଐତିହାସିକ ପ୍ରସଙ୍ଗ ଓ ପ୍ରଗତି ଦୃଷ୍ଟିରୁ ମହିଳା ସଶକ୍ତିକରଣ ଏକ ଦୀର୍ଘ ମିଆଦି ଏବଂ ବିକାଶଶୀଳ ସଂଘର୍ଷ ଅଟେ । ଅନେକ ସମାଜରେ ମହିଳାମାନଙ୍କୁ ମତଦାନ କରିବାର ଅଧିକାର, ସଂପତ୍ତିର ମାଲିକାନା ଏବଂ ଉଚ୍ଚ ଶିକ୍ଷା ଲାଭ କଲାଭଳି ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଥିଲା। ଊନବିଂଶ ଏବଂ ବିଂଶ ଶତାବ୍ଦୀରେ ମହିଳାମାନଙ୍କ ମତଦାନ ସଂପର୍କିତ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ବଦଳାଇଲା। ଯେହେତୁ ମହିଳାମାନେ ବିଭିନ୍ନ ଦେଶମାନଙ୍କରେ ରାଜନୈତିକ ଅଧିକାର ହାସଲ କରିବାକୁ ଲାଗିଲେ । ୧୯୬୦ ଏବଂ ୧୯୭୦ ଦଶକର ନାରୀବାଦୀ ଗତିବିଧି ମହିଳାମାନଙ୍କ ଅଧିକାରର କାରଣକୁ ଆହୁରି ବିକଶିତ କରିବା ସହିତ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ସାମ୍ୟତା, ପ୍ରଜନନ ଅଧିକାର ଏବଂ ଲିଙ୍ଗ ଭିତ୍ତିକ ହିଂସାରୁ ମୁକ୍ତି ଦେବାପାଇଁ ପ୍ରୟାସ କରିଥିଲା । ଏସବୁ ଗତିବିଧିଗୁଡିକ ମହିଳା ସଶକ୍ତିକରଣର ଆଧୁନିକ ବୁଝାମଣା ପାଇଁ ମୂଳଦୁଆ ପକାଇଥିଲା, ଯାହା କେବଳ ରାଜନୈତିକ ଏବଂ ଅର୍ଥନୈତିକ ଅଧିକାର ନୁହେଁ, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଶାରୀରିକ ଅଖଣ୍ଡତାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ। ସାଂପ୍ରତିକ ଦଶନ୍ଧିର ମହିଳାମାନଙ୍କ ଶିକ୍ଷା, ରୋଜଗାରକ୍ଷମ ଏବଂ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି । ମିଳିତ ଜାତିସଂଘର ସ୍ଥାୟୀ ବିକାଶର ଲକ୍ଷ୍ୟ ଭଳି ବିଶ୍ୱସ୍ତରୀୟ ପଦକ୍ଷେପଗୁଡ଼ିକ ସର୍ବକାଳୀନ ବିକାଶର ଏକ ପ୍ରମୁଖ ଉପାଦାନ ଭାବରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦେଇଥାଏ । ପୂର୍ବ ସମୟ ଅପେକ୍ଷା ରାଜନୀତି, ବ୍ୟବସାୟ ଏବଂ ନାଗରିକ ସମାଜରେ ଆଜି ଅଧିକ ମହିଳା ନେତୃତ୍ୱ ଗ୍ରହଣ କରିଛନ୍ତି । ବର୍ତ୍ତମାନ ସମୟରେ ମହିଳାମାନଙ୍କର/ଶିଶୁ କନ୍ୟାମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ପ୍ରଶଂସନୀୟ ଯୋଜନାମାନ ଜାରି କରିଛନ୍ତି । ସେଗୁଡ଼ିକ ମଧ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମହିଳା ଶକ୍ତି କେନ୍ଦ୍ର, ସୁଭଦ୍ରା ଯୋଜନା, ଇ-ହାଟ ଯୋଜନା ଓ ସିଲେଇ ମେସିନ ଯୋଜନା ଇତ୍ୟାଦି ଅନ୍ୟତମ । ମାତ୍ର ଏଗୁଡ଼ିକ ସ୍ଥାୟୀ ଯୋଜନା ହେବା ଆବଶ୍ୟକ।

ମହିଳା ସଶକ୍ତିକରଣର ପ୍ରମୁଖ ପ୍ରତିବନ୍ଧକ ହେଲା ଆର୍ଥିକ ପ୍ରତିବନ୍ଧକ। କୋଭିଡ୍- ୧୯ ମହାମାରୀ ଏହି ଅର୍ଥନୈତିକ ଆହ୍ୱାନକୁ ଅନେକମାତ୍ରାରେ ବର୍ଦ୍ଧିତ କରିଛି। କାରଣ ବିଶ୍ୱର ସଂକଟ ସମୟରେ ମହିଳାମାନେ ଅନୁପଯୁକ୍ତ ଭାବରେ ଚାକିରି ଏବଂ ଆୟ ହରାଇ ବସିଛନ୍ତି । ମହିଳା ସଶକ୍ତିକରଣ ଉଭୟର ଏକ ନୈତିକ ଆବଶ୍ୟକତା ଏବଂ ଏକ ନ୍ୟାୟପୂର୍ଣ୍ଣ , ସମାନ ଏବଂ ସମୃଦ୍ଧ ବିଶ୍ୱ ସୃଷ୍ଟିପାଇଁ ଏକ ବ୍ୟବହାରିକ ଦିଗର ଆବଶ୍ୟକତା ରହିଛି । ଦେଶମାନଙ୍କରେ ଅବା ରାଜ୍ୟଗୁଡ଼ିକରେ ଅଦ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବାବେଳେ ପୂର୍ଣ୍ଣ ମହିଳା ସଶକ୍ତିକରଣପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି ଏବଂ ତାହା ସମାଜର ସମସ୍ତ କ୍ଷେତ୍ରରେ ନିରନ୍ତର ପ୍ରତିବଦ୍ଧତା ଆବଶ୍ୟକ କରେ । ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ମହିଳାମାନଙ୍କ ଅଗ୍ରଗତି ମାର୍ଗରେ ଥିବା ପ୍ରତିବନ୍ଧକକୁ ଭାଙ୍ଗିବା ଦ୍ୱାରା ଆମେ ଏକ ପ୍ରକୃତ ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧଶାଳୀ ବିଶ୍ୱ ସମୁଦାୟ ହାସଲ କରିପାରିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଅଗଷ୍ଟ ୨୦୨୫ ସୋମବାର





# ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ । ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି । ହେଲେ ପରିତାପର ବିଷୟ ଏଯାବତ୍ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି । ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି । ଠିକ୍ ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି । ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି । ଇତି ମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରିସାରିଥିବା ବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି । ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି । ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି । ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟ୍‌କୁ ୫ ହଜାର କୋଟି କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହି ସମାବେଶରେ ସାମିଲ୍ ହୋଇଥିବା କାରିଗର ଓ ବୁଣାକାରଙ୍କ ଦାବି ଥିଲା ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା । ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଞ୍ଚ ହଜାର କରିବା । ତତ୍‌ସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଉ । ସୂଚନା ଥାଉକି, ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି । ସେହିଭଳି ୨୦୧୮ ମସିହା ମାର୍ଚ୍ଚ ୨୨ ତାରିଖରେ ଉଦ୍‌ଘାଟିତ ହୋଇଥିଲା ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ । ଯାହାର କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ନିକଟରେ ରହିଛି । ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସଂପର୍କର ସେତୁ ଭାବେ କାର୍ଯ୍ୟ କରିଆସୁଥିବା ଏହି ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନଥିବାରୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡିଛି । ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁର୍ନଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ଦାବି କରାଯାଇଛି ।




# ନୂଆ ବସ୍‌ଷ୍ଟାଣ୍ଡ ରାସ୍ତାରେ ଖାଲ:ରୋଗୀ ଯନ୍ତ୍ରଣାକୁ ବଢ଼ାଉଛି



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାସ୍ତା ସାରା ଖାଲ ଖମା ଭର୍ତି । କେଉଁଠି ନିୟମିତ ଆବର୍ଜନା ପାଣି ଜମି ରହୁଛି ତ, କେଉଁଠି ଡ୍ରେନ୍ କାମ ହୋଇଛି କିନ୍ତୁ ମାଟି ରାସ୍ତା ଉପରେ ପଡ଼ି ରହିଛି । ଏହିପରି ଅବ୍ୟବସ୍ଥା ଭିତରେ ରହିଛି ସହରର ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା । ଏହି ରାସ୍ତା ଗେଟ୍ ବଜାର ଛକରୁ ଆରମ୍ଭ କରି କୋର୍ଟପେଟା ଛକ ପର୍ଯ୍ୟନ୍ତ ରହିଛି । ବର୍ଷା ଆରମ୍ଭରୁ ସହରର ଅନେକ ରାସ୍ତାର ଅବସ୍ଥା ଖରାପ । ସେଥିମଧ୍ୟରୁ କୋର୍ଟପେଟା ଛକରୁ ଗେଟ୍ ବଜାର ସଂଯୋଗ କରୁଥିବା ନୂଆ ବସ୍‌ଷ୍ଟାଣ୍ଡ ରାସ୍ତାର ଅବସ୍ଥା କହିଲେ ନସରେ । ସହରକୁ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍ ଏହି ରାସ୍ତା ଦେଇ ଯାତାୟାତ କରୁଛି । ପ୍ରତିଦିନ ଲକ୍ଷାଧିକ ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ । ଏହି ରାସ୍ତାରେ ଅନେକ ଘରୋଇ ନର୍ସିଂହୋମ୍ ଓ ହସ୍‌ପିଟାଲ୍ ରହିଛି । ଜିଲ୍ଲା ସମେତ ଗଜପତି, କନ୍ଧମାଳ ଓ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଚିକିତ୍ସା ପାଇଁ ରୋଗୀ ଏଠାକୁ ଆସନ୍ତି । ନୂଆ ବସ୍‌ଷ୍ଟାଣ୍ଡ ବିଡ଼ିଏ କମ୍ପ୍ଲେକ୍ସ ସାମ୍ନାରେ ଅଧା ରାସ୍ତା ଫୁଟେ ଖାଲରେ ଭରି ରହିଛି । ସବୁ ସମୟରେ ସେଠାରେ ଆବର୍ଜନା ପାଣି ଜମି ରହୁଛି । କୋର୍ଟପେଟାରୁ ପ୍ରବେଶ କରିବା ସମୟରେ ଗୋଇଲୁଣ୍ଡି ଛକ ପର୍ଯ୍ୟନ୍ତ ରାସ୍ତାରେ ନୂଆ ଡ୍ରେନ୍ ନିର୍ମାଣ ହୋଇଛି । ରାସ୍ତାରେ ମାଟି କିଛି ସ୍ଥାନରେ ରହିଛି । ଗେଟ୍ ବଜାର ଛକରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସାରା ଖାଲ । ଏଣୁ ପୁରା ରାସ୍ତାରେ ପାଣି ଜମୁଛି । ଫଳରେ ବାଇକ୍ ଚାଳକ ଖାଲରେ ପଡ଼ି ଗୁରୁତର ହେଉଛନ୍ତି । ବିଭିନ୍ନ ଗାଡ଼ି ଏହି ରାସ୍ତାର ଉଭୟ ଯାନ ବାହନ ଯାତାୟାତ କରୁଥିବା ଦେଖାଯାଉଛି । ଫଳରେ ରାସ୍ତା ଜାମ୍ ରହୁଛି । ଏଣୁ ଏହାର ମରାମତି ଦାବି ହେଉଛି ।



# ରକ୍ତଦାନ କରି ଜବୀନ ରକ୍ଷକ ସାଜିଲେ ଶୂନ୍ୟରଞ୍ଜନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ନିତ୍ୟାନନ୍ଦପୁର ଗ୍ରାମର ଶୂନ୍ୟରଞ୍ଜନ ଘଣାଙ୍କ ପୈତୃକ ଗ୍ରାମ । ଇଲେକ୍ଟ୍ରିକାଲ୍ ଆଇଟିଆଇ ସାରି ଜିନ୍ଦଲ୍ ମାଇନ୍ସରେ ଟେକ୍‌ନିସିଆନ୍ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟର ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବ୍ୟସ୍ତବହୁଳ କାର୍ଯ୍ୟ ସତ୍ୱେ ଆଜିପର୍ଯ୍ୟନ୍ତ ୨୭ ଥର ବିଭିନ୍ନ ରୋଗୀଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ସହିତ ସଂଗଠନର ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିଯୁକ୍ତ ରଖିଚାଲିଛନ୍ତି । ନିଜେ ରକ୍ତଦାନ କରିବା ସହିତ ଆଜିପର୍ଯ୍ୟନ୍ତ ୬୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଚେତନ କରି ରକ୍ତଦାନ କରେଇସାରିଲେଣି । ସେବା କରିବାର ଇଚ୍ଛାଶକ୍ତି ଥିଲେ, ବ୍ୟସ୍ତତା ମଧ୍ୟରେ ବି ସମୟ ଆପେ ଆପେ ମିଳିଯାଏ ବୋଲି ସେ ପ୍ରମାଣିତ କରିଛନ୍ତି । ସକାଳୁ ସ୍କୁଲ୍ ଛୁଆ ମାନଙ୍କୁ ଚକୋଲେଟ୍ ବାଣ୍ଟିବା ପରେ ଗୋଟେ ଆକ୍ସିଡେଣ୍ଟ କେସ୍ ଶୁଣି ବ୍ଲଡ୍ ବ୍ୟାଙ୍କ୍ ଯାଇ ନିଜ ଦେହ ଖରାପ ସତ୍ୱେ ଗୋଟେ ଜୀବନ ବଞ୍ଚେଇ ପାରୁଥିବାରୁ ଶ୍ରୀ ଘଣାଙ୍କ ନିଃସ୍ୱାର୍ଥପର ସେବା ଭାବନାକୁ ରକ୍ତଭଣ୍ଡାର କର୍ମଚାରୀ, ଭରସା ପରିବାର ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତ, ସମ୍ପାଦକ ସୌମ୍ୟରଞ୍ଜନ ବେହେରା, ଜିଲ୍ଲା ସଭାପତି ମନରଞ୍ଜନ ସାହୁ, ଉପସଭାପତି ତାପସ ବେହେରା, ସଭାନେତ୍ରୀ ବୈଶାଖୀ ମହାନ୍ତ, ଉପସଭାନେତ୍ରୀ ରୁକ୍ମଣୀ ନାୟକ, ସମ୍ପାଦିକା ରଶ୍ମିରେଖା ମହାକୁଡ଼, ରକ୍ତଦାତା ସଂଯୋଜକ ସେକ ତହିଦ, ମୁଖ୍ୟ ଉପଦେଷ୍ଟା ଅଞ୍ଜନ କୁମାର ବେଜ, ଉପଦେଷ୍ଟା ହୃଦାନନ୍ଦ ସେଠୀ, ବଂଶୀଧର ସାହୁ, ସମରେନ୍ଦ୍ର ସିଂହ, ସୁଜଳ ସେଠୀ, ଶିବଶଙ୍କର ମିଶ୍ର, ଦୁଷ୍ମନ୍ତ ଘଣା, ମଣ୍ଟୁ ମହନ୍ତ ଓ ଲୋକସମ୍ପର୍କ ଅଧିକାରୀ ରଜନୀକାନ୍ତ ବେହେରା ପ୍ରଶଂସା କରିଛନ୍ତି ।

# ବ୍ରହ୍ମପୁର ସହରରେ ଘରୋଇ ରେଡ଼ିଓ ଚ୍ୟାନେଲ୍ ପ୍ରତିଷ୍ଠାରେ ବିଳମ୍ବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ଚାରୋଟି ଘରୋଇ ରେଡ଼ିଓ ଚ୍ୟାନେଲ୍ ପ୍ରତିଷ୍ଠାକୁ ଅନୁମୋଦନ ମିଳିବାର ବର୍ଷେ ହୋଇଗଲାଣି । ଏହାରି ଭିତରେ ଦୁଇ ଦୁଇଟି କେନ୍ଦ୍ରୀୟ ଟିମ୍ ବ୍ରହ୍ମପୁର ଆସି ଫିଜିବିଏଟି, ଭିତିଭୂମି ଯାଞ୍ଚ କରି ଯାଇଛନ୍ତି । ଏହା ଭିତରେ ଏକ ବର୍ଷ ଅତିକ୍ରମ କରିଗଲାଣି । ହେଲେ ଘରୋଇ ରେଡ଼ିଓ ଚ୍ୟାନେଲ୍ କାର୍ଯ୍ୟକ୍ରମ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ । ଗୋଟିଏ ପଟେ ଆକାଶବାଣୀ ବ୍ରହ୍ମପୁରରେ କର୍ମଚାରୀ ଅଭାବରୁ ନୂଆ କାର୍ଯ୍ୟକ୍ରମଟିଏ ତିଆରି ହୋଇପାରୁନି । ବ୍ରହ୍ମପୁରରେ ଅଧିକାରୀ ନଥିବାରୁ ଆକାଶବାଣୀ କଟକ କେନ୍ଦ୍ରର ଅଧିକାରୀ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଇଛନ୍ତି । ଅନ୍ୟପଟେ ବର୍ଷେ ପୂର୍ବରୁ ଘରୋଇ ରେଡ଼ିଓ ଚ୍ୟାନେଲ୍ ପ୍ରତିଷ୍ଠାକୁ ଅନୁମତି ମିଳିଥିଲେ ବି ଏହା ବିଳମ୍ବ ହେବାରେ ଲାଗିଛି । ଗତବର୍ଷ ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଘରୋଇ ଏଫ୍‌ଏମ୍ ରେଡ଼ିଓ ତୃତୀୟ ପର୍ଯ୍ୟାୟ ନୀତି ଅଧୀନରେ ଦେଶର ୧୩୪ଟି ସହରରେ ମୋଟ୍ ୭୩୦ଟି ଚ୍ୟାନେଲ୍ ସ୍ଥାପନ ପାଇଁ ତୃତୀୟ ବ୍ୟାଚ୍ ଇ-ନିଲାମ୍ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା । ସେଥିରେ ଓଡ଼ିଶାର ୬ଟି ସହରରେ ୧୯ଟି ପ୍ରାଇଭେଟ୍ ଏଫ୍‌ଏମ୍ ଷ୍ଟେସନ୍ ଆରମ୍ଭ ହେବ ବୋଲି ନିଷ୍ପତି ହୋଇଥିଲା । ବ୍ରହ୍ମପୁର ସହର ପାଇଁ ସର୍ବାଧିକ ୪ଟି ଏଫ୍‌ଏମ୍ ଷ୍ଟେସନ୍‌କୁ ଅନୁମତି ମିଳିଥିବା ବେଳେ ବାଲେଶ୍ୱର, ବାରିପଦା, ପୁରୀ, ଭଦ୍ରକ ଓ ସମ୍ବଲପୁର ସହର ପାଇଁ ୩ଟି ଲେଖାଏଁ ଏଫ୍‌ଏମ୍ ଷ୍ଟେସନ୍‌କୁ ଅନୁମତି ମିଳିବା ପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିକାରୀ ଗତ ବର୍ଷ ଅକ୍ଟୋବ ୨ର ପ୍ରଥମ ସପ୍ତାହରେ ବ୍ରହ୍ମପୁର ଆସି ଫିଜିବିଲିଟି ରିପୋର୍ଟ ସଂଗ୍ରହ କରିଥିଲେ । ସହର ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ ସହ ଏଫ୍‌ଏମ୍ ଷ୍ଟେସନ୍ ପ୍ରତିଷ୍ଠା ପରେ ଏହାର ସଷ୍ଟେନେବିଲିଟି, ବ୍ୟବସାୟିକ ସଫଳତା ବାବଦରେ ତଥ୍ୟ ସଂଗ୍ରହ କରି ଫେରିଥିଲେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟରେ ରିପୋର୍ଟ ଦାଖଲ ପରେ ପ୍ରକ୍ରିୟା ଆଗେଇବ ବୋଲି କୁହାଯାଇଥିଲା । କିନ୍ତୁ ଏଯାଏଁ ନୂଆ ଏଫ୍‌ଏମ୍ ଚ୍ୟାନେଲ୍ ସ୍ଥାପନ ସଂକ୍ରାନ୍ତ କୌଣସି ସୂଚନା ଆକାଶବାଣୀ କେନ୍ଦ୍ରରେ ପହଞ୍ଚିନାହିଁ । ଅନ୍ୟପଟେ ସୂଚନା ମିଳିଛି କିଛି ମାସ ପୂର୍ବରୁ କେନ୍ଦ୍ରୀୟ ଟିମ୍ ସାଇଟ୍ ସିଲେକ୍‌ସନ୍ ପାଇଁ ବ୍ରହ୍ମପୁର ଆସିଥିଲେ । ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ପରିସରରେ ଥିବା କୋଠା ଓ ଅନ୍ୟାନ୍ୟ ଭିତିଭୂମି ସୁବିଧା ଅନୁଧ୍ୟାନ କରିଥିଲେ । କାରଣ ଘରୋଇ ଏଫ୍‌ଏମ୍ ଚ୍ୟାନେଲ୍ ଗୁଡ଼ିକ ଏହି କେନ୍ଦ୍ର ପରିସରରେ ସ୍ଥାପନ ହେବ । ତେଣୁ କେନ୍ଦ୍ରୀୟ ଟିମ୍ ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି । କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନୁମୋଦନକୁ ବର୍ଷେ ହେଲାଣି । ଅଥଚ ଏଫ୍‌ଏମ୍ ଚ୍ୟାନେଲ୍ ପ୍ରତିଷ୍ଠା ବିଳମ୍ବ ହେବାରେ ଲାଗିଛି । ଘରୋଇ ରେଡ଼ିଓ ଚ୍ୟାନେଲ୍ ପ୍ରତିଷ୍ଠା ଫଳରେ ସ୍ଥାନୀୟ ଅଞ୍ଚଳର ଏକାଧିକ ଲାଭ ହେବ । କଳା, ସାହିତ୍ୟ, ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ହେବ । କଳା ଓ କଳାକାରଙ୍କ ପୁନରୁଦ୍ଧାର କ୍ଷେତ୍ରରେ ଏହା ଏକ ପ୍ରମୁଖ ଭୂମିକା ତୁଲାଇବ । ସେହିପରି ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେବ । ସାମ୍ବାଦିକତା ଓ ଗଣଯୋଗାଯୋଗ ଶିକ୍ଷା ଗ୍ରହଣ କରିଥିବା ଏବଂ ରେଡ଼ିଓରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବବର୍ଗଙ୍କ ପାଇଁ ବ୍ୟାପକ କ୍ଷେତ୍ର ତିଆରି ହୋଇପାରିବ । କର୍ମଚାରୀ ଅଭାବରୁ ଆକାଶବାଣୀ ବ୍ରହ୍ମପୁର ତାର ଗୁରୁତ୍ୱ ହରାଇବାରେ ଲାଗିଛି । ଗୋଟିଏ ପରେ ଗୋଟିଏ ଖବର ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ବନ୍ଦ ହେଉଛି । ଏ ସମୟରେ ଘରୋଇ ଏଫ୍‌ଏମ୍ ଷ୍ଟେସନ୍ ପ୍ରତିଷ୍ଠା ଏହି ଅଭାବକୁ ପୂରଣ କରିବ ବୋଲି ଆଶା କରାଯାଉଛି ।

# କବି ଡ଼ଃ ନାରାୟଣ ପତିଙ୍କ ଯଶସ୍ୱିନୀ ସାହିତ୍ୟ ପତ୍ରିକା ଉନ୍ମୋଚିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କବି ଡ଼ଃ ନାରାୟଣ ପତିଙ୍କ ସମ୍ପାଦନାରେ ପ୍ରକାଶିତ ସାହିତ୍ୟ ପତ୍ରିକା 'ଯଶସ୍ୱିନି'ର ଶୁଭ ଉନ୍ମୋଚିତ ହୋଇଯାଇଛି । ଡ଼ଃ ପତି ସମ୍ପ୍ରତି ମାନବାଧିକାର ସୁରକ୍ଷା ଆୟୋଗର ରାଜ୍ୟ ସଭାପତି ଭାବରେ ମନୋନୀତ ହୋଇଥିବା ତଥା ସାହିତ୍ୟ, ଜ୍ୟୋତିଷ, ବାସ୍ତୁ ଶାସ୍ତ୍ର ଭିତ୍ତିକ ଏବଂ ବିଭିନ୍ନ ସମାଜ ସେବାରେ ତାଙ୍କର ସଫଳ ଯୋଗଦାନ ପାଇଁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନବ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନ କର୍ମୀ ବସନ୍ତ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜମଧର ସେବା ସମବାୟ ସମିତିର ସଭାପତି ତଥା ପୂର୍ବତନ ସରପଞ୍ଚ ଧରଣୀଧର ଦାସ, ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଜିତେନ୍ଦ୍ର ପ୍ରସାଦ ପାଗଳ, ଚିନ୍ମୟ ପ୍ରସାଦ ମହାନ୍ତି, ମାନସ କୁମାର ଦାସ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଡ଼ ପତିଙ୍କ ବହୁମୁଖୀ ପ୍ରତିଭା ଓ ସମାଜ ପ୍ରତି ଥିବା ଅବଦାନ ପାଇଁ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ଡ଼ଃ ପତିଙ୍କ ପୁସ୍ତକ ଓ ମାନବିକ ଅଧିକାର ସଂପର୍କରେ ସ୍ୱବକ୍ତବ୍ୟ ରଖିଥିଲେ । ଅକ୍ଷୟ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଦୁଅରେ ଫଂସୁଛି ପରିବା ଗାଡ଼ି

**ଖଣ୍ଡଗିରି, ନ୍ୟୁଜ୍ ବ୍ୟୁରୋ**

କାଦୁଅ, ଧୂଳି ଓ ଖାଲଖମା ରାସ୍ତା ଯୋଗୁ ଆଇଗିଣିଆ କୁବେରପୁରୀରେ ବ୍ୟବସାୟୀ ନାକେଦମ୍ ହେଉଛନ୍ତି । ବର୍ଷବର୍ଷ ଧରି ସମାନ ଅବସ୍ଥା ଲାଗି ରହିଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନି । ପ୍ରତିଦିନ ଖୁଚୁରା ବଜାରକୁ ଆଳୁ, ପିଆଜ, ଅଦା, ରସୁଣ ଯୋଗାଉଥିବା ଏହି କୁବେରପୁରୀରେ ସବୁଥାଇ ବି ଶ୍ରୀହୀନ ପାଲଟିଛି । ତଥାପି କୁବେରପୁରୀ ଉନ୍ନତୀକରଣ ଦିଗରେ ପ୍ରଶାସନ ନିଦାବିଷ୍ଟୁ ସାଜିଛି । ରାସ୍ତା ଏତେ କଦର୍ଯ୍ୟ ଯେ ବାହାର ରାଜ୍ୟରୁ ସାମଗ୍ରୀ ଆଣି ଆସୁଥିବା ଟ୍ରକ୍ ଚାଳକମାନେ ଏଠାକୁ ଥରେ ଆସିଲେ ଦ୍ୱିତୀୟ ଥର ଆସିବାକୁ ଚାହୁନାହାନ୍ତି । ପଚପଚ କାଦୁଅ ଯୋଗୁ ଅର୍ଦ୍ଧାଧିକ ଗୋଦାମ ସମ୍ମୁଖକୁ ମାଲ୍‌ବାହୀ ଟ୍ରକ୍ ଯାଇପାରୁନାହିଁ । ବାରମ୍ବାର କାଦୁଅରେ ଫସିରହିବା ଯୋଗୁ ଏହି ବଡ଼ ଟ୍ରକ୍‌ଗୁଡ଼ିକ ଆଳୁଗଦିରୁ ଶ୍ରୀକ୍ଷେତ୍ରବିହାରକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ଉପରେ ଛିଡ଼ା ହୋଇରହୁଛି । ଫଳରେ ଟ୍ରାଫିକ୍ ଜାମ୍ ଯୋଗୁ ଶ୍ରୀକ୍ଷେତ୍ରବିହାର, ରଶ୍ମି ଆପାର୍ଟମେଣ୍ଟ, ମହାଦେବବିହାର ଆଦି ଅଞ୍ଚଳବାସୀ ନାହିଁନଥିବା ହଇରାଣ ହେଉଛନ୍ତି । ଅନୁରୂପ ଭାବେ କାଦୁଅ ଶୁଖିଯିବା ପରେ ଧୂଳିରେ ଅଣନିଶ୍ୱାସୀ ହେଉଛନ୍ତି । ୨୫ ଏକର ସ୍ଥାନରେ ୧୯୯୧ରେ ପ୍ରତିଷ୍ଠା ହୋଇଥିବା ଆଳୁଗଦିରେ କିଓସ୍କ, ପେଟ୍ରୋଲ୍ ପମ୍ପ, ଶୀତଳଭଣ୍ଡାର, ଗ୍ୟାରେଜ୍, ଟ୍ରକ୍ ପାର୍କିଂ, ଶୌଚାଳୟ, ଗୋଦାମଗୃହ ଆଦି ରହିଛି । ଏଠାରୁ ବାର୍ଷିକ ଶହ ଶହ କୋଟି ଟଙ୍କାର ରାଜସ୍ୱ ଆଦାୟ ମଧ୍ୟ ହୋଇଥାଏ । ପ୍ରଶାସନ ପକ୍ଷରୁ ବ୍ୟବସାୟୀଙ୍କ ଠାରୁ ୧୦ରୁ ୨୦ ହଜାର ଓ ଶୀତଳଭଣ୍ଡାର ମାଲିକଙ୍କ ଠାରୁ ୩୦ରୁ ୪୦ ହଜାର ଟଙ୍କା ଟିକସ ନିଆଯାଏ । ଏତେ ବଡ଼ ବଜାର ହୋଇଥିଲେ ମଧ୍ୟ ଉନ୍ନତମାନର ପକ୍କା ରାସ୍ତାଟିଏ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଏହି ବଜାରର ଉନ୍ନତି କଥା ଯେମିତି ସରକାର ଭୁଲି ଯାଇଛନ୍ତି । ଏପରିକି ସମସ୍ୟାକୁ ନେଇ ସେମାନେ ବିଡିଏ ଏବଂ ବିଏମ୍‌ସିକୁ ବ୍ୟବସାୟୀ ସଂଘ ବାରମ୍ବାର ଦାବିପତ୍ର ଦେଇଥିଲେ ମଧ୍ୟ ଫଳ ଶୂନ୍ । ସେହିପରି ସନ୍ଧ୍ୟାରେ ଏହି ବଜାରରେ ଅସାମାଜିକଙ୍କ ଆଡ଼ା ଜମୁଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଠାରେ ଖୁଲମଖୁଲା ବେଆଇନ୍ ମଦ ବିକ୍ରି ଚାଲୁଛି । ଦୁଇଦିନ ତଳେ ମଦ ପିଇବାକୁ କେନ୍ଦ୍ର କରି କିଛି ଦୁର୍ବୃତ୍ତ ଗୋଦାମ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ପୋଲିସ ପାଟ୍ରୋଲିଂ ହେଉନଥିବାରୁ ବ୍ୟବସାୟୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି ।





# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ସ୍କୁଲ୍‌ରେ ପଡ଼ିଲା ତାଲା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଶିକ୍ଷା ଅଧୀନ ତରଜଙ୍ଗା ପଞ୍ଚାୟତ ତେରତାଙ୍ଗ ଠାରେ ଥିବା ତେରେତାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ନେଇ ସ୍କୁଲ ମୁଖ୍ୟ ଫାଟକରେ ଛାତ୍ର ଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ମାନେ ତାଲା ପକାଇଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଏହି ଶ୍ରେଣୀ ଗୁଡିକରେ ୧୪୨ ଜଣ ଛାତ୍ରଛାତ୍ରୀମାନେ ପଢୁଥିବା ବେଳେ ୫ ଜଣ ଶିକ୍ଷକ ପାଠ ପଢ଼ାଉଥିଲେ । ସେଥିମଧ୍ୟରୁ ଭାସ୍କର ଚନ୍ଦ୍ର ସେଠୀଙ୍କୁ ମଣିଜଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରିଥିବା ଅଭିଭାବକ ମାନେ ଜାଣିବାକୁ ପାଇଥିଲେ । ସକାଳ ୧୦ଟା ସମୟରେ ଶିକ୍ଷକମାନେ ବିଦ୍ୟାଳୟକୁ ଆସିବାବେଳକୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିରହିଥିଲେ । ଏହି ଧାରଣାସ୍ଥଳରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ୱାର୍ଡ ସଭ୍ୟା ତପସ୍ୱିନୀ ଦାସ, ମାନସ ରଞ୍ଜନ ପରିଜା, ଆଶିଷ ରାଉତ, ବିରଞ୍ଚି ମଲ୍ଲିକ, ବିରେନ ପାଲ, ନିରଞ୍ଜନ କୁଣ୍ଡୁ, ତ୍ରିଲୋଚନ କୁଣ୍ଡୁ, ଆଲୋକ ମଲ୍ଲିକ, କାଜଲ ମଲ୍ଲିକ, ସୁଶ୍ରୀ ସଂଗୀତା ସାହୁ, ନିମାଇଁ ଦାସ, ଉର୍ମିଳା କୁଣ୍ଡୁ, ବାସନ୍ତୀ କୁଣ୍ଡୁ, ନଳିନୀ ପ୍ରଭା ମହାନ୍ତି, ମାନସୀ ସ୍ୱାଇଁ, ବିନୋଦିନୀ ପରିଜା, ଜୟନ୍ତୀ ମଲ୍ଲିକ, ପ୍ରକାଶ କାଣ୍ଡି, ରଞ୍ଜନ ସେଠୀ, ବିକାଶ ମଲ୍ଲିକଙ୍କ ସମେତ ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା ।

# ଧର୍ମଶାଳା ପଞ୍ଚାୟତ ସମିତି:ଅଧକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆସିବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ପଞ୍ଚାୟତସମିତି ଅଧକ୍ଷ ପ୍ରଭାତକୁମାର ବଳବନ୍ତରାୟଙ୍କ ପଦବୀକୁ ନେଇ ଆରମ୍ଭ ହୋଇଯାଇଛି କସରତ । ବ୍ଲକର ମୋଟ ୪୫ଟି ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଉଭୟ ବିଜେଡି ଓ ସ୍ଥାନୀୟ ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ଶେଷ ହେବାକୁ ଯାଉଛି । ୧୧ ତାରିଖ ଦିନ ବର୍ତ୍ତମାନ ବିଧାୟକଙ୍କ ସମର୍ଥକ କୁହାଯାଉଥିବା ୩୮ ଜଣ ପ୍ରତିନିଧି ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ । ଅଧକ୍ଷ ସହଯୋଗ କରୁନଥିବାରୁ ସେମାନେ କୌଣସି କାର୍ଯ୍ୟ କରିପାରୁନଥିବା ଅଭିଯୋଗ କରିଥିଲେ । ଉପଜିଲ୍ଲାପାଳ ୩୮ ଜଣଙ୍କ ଦସ୍ତଖତକୁ ସଠିକ୍ ବୋଲି ଜାଣିବା ପାଇଁ ବିଡ଼ିଓଙ୍କୁ ଅବଗତ କରାଇଥିଲେ । ଗୁରୁବାର ଦିନ ସମସ୍ତ ୩୮ ଜଣ ପ୍ରତିନିଧି ଉପଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ଆଧାର କାର୍ଡ ସହ ଦସ୍ତଖତ ଠିକ୍ ଥିବା ଜଣାଇଥିଲେ । ଏହି ୩୮ ଜଣଙ୍କ ମଧ୍ୟରେ ୨୦ ସରପଞ୍ଚ ଓ ୧୮ ଜଣ ସମିତିସଭ୍ୟ ଅଛନ୍ତି । ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଅନାସ୍ଥା ପାଇଁ ପରେ ତାରିଖ ସ୍ଥିର କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ୟୁଥ୍ ବ୍ଲଡ଼ ଡୋନର ଗ୍ରୁପ୍ ପକ୍ଷରୁ ୪୫ ୟୁନିଟ୍ ରକ୍ତ ସଂଗ୍ରହ



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ମୋଟ୍ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ପାଟଣାଗଡ଼ ଡାକ୍ତରଖାନାର ବ୍ଲଡ଼ ବ୍ୟାଙ୍କର ବୁଲା ସାମଲ ଓ ତାଙ୍କର ଟିମ୍ ରକ୍ତ ସଂଗ୍ରହ କରିଥିଲେ । ରକ୍ତଦାନ ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖପ୍ରାଖୋଲ ବିବେକାନନ୍ଦ ଷଡ଼ଙ୍ଗୀ ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ନିରୁପମା ପଟେଲ, ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ପଦ୍ମନ ସିଂ ବରିହା, ୟୁଥ୍ ବ୍ଲଡ଼ ଡୋନର୍ ଗ୍ରୁପ୍ ପ୍ରତିଷ୍ଠାତା ଅକ୍ଷୟ ପ୍ରଧାନ, ଜିପିଇଓ ପରମେଶ୍ୱର ନାୟକ, ଅଭୟ ତ୍ରିପାଠୀ, ତାପସ ରଞ୍ଜନ ବେହେରା, ଉମାକାନ୍ତ ପଧାନ, ବେଦବର ଛତ୍ରିଆ, ସ୍ୱକଲାଲ ସୋରେନ, କୌତୁକ ଛତର, ସ୍ୱାଗତ ସାହୁ, ଲକି ପଧାନ, ଭୀଷ୍ମଦେବ ମାଝୀ, ସୁବୋଧକାନ୍ତ ବାରିକ, ବସନ୍ତ ମେହେର, ଟିକେଶ୍ୱର ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଖପ୍ରାଖୋଲ, ଲାଠୋର ଆଇଆର୍‌ବି, ସିଆର୍‌ପିଏଫ୍‌ର ଯବାନମାନେ ରକ୍ତଦାନ କରି ଶିବିରର ଶୋଭା ବଢ଼େଇଥିଲେ । ୟୁଥ୍ ବ୍ଲଡ଼ ଡୋନର ଗ୍ରୁପ୍ ବଲାଙ୍ଗୀରର ସଦସ୍ୟମାନେ ଜିଲ୍ଲା ତଥା ଜିଲ୍ଲାର ବାହାର ଡାକ୍ତରଖାନାକୁ ଯାଇ ସ୍ୱେଚ୍ଛାକୃତ ରକ୍ତଦାନ କରଥାନ୍ତି । ରକ୍ତଦାନ ବ୍ୟତୀତ ମାଗଣା ସ୍ୱାସ୍ଥ୍ୟ ଶିବିର, ୭୦ରୁ ଉର୍ଦ୍ଧ୍ୱ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରି ସବୁବେଳେ ଚର୍ଚ୍ଚାରେ ରୁହନ୍ତି । ୟୁଥ୍ ବ୍ଲଡ଼ ଡୋନର୍ ଗ୍ରୁପ୍ ବଲାଙ୍ଗୀରର ଯାହା ସବୁ ସେବାକାର୍ଯ୍ୟ ହୁଏ ସେଥିରେ ଗ୍ରୁପ୍‌ର ସମସ୍ତ ସଦସ୍ୟଙ୍କର ସହଯୋଗରେ ସେବାକାର୍ଯ୍ୟ ସମ୍ଭବ ହୁଏ ବୋଲି ୟୁଥ୍ ବ୍ଲଡ଼ ଡୋନର୍ ଗ୍ରୁପ୍ ବଲାଙ୍ଗୀରର ପ୍ରତିଷ୍ଠାତା ଅକ୍ଷୟ ପ୍ରଧାନ କହିଛନ୍ତି । ଏପରି ମହତ କାର୍ଯ୍ୟ ପାଇଁ ୟୁଥ୍ ବ୍ଲଡ଼ ଡୋନର୍ ଗ୍ରୁପ୍ ବଲାଙ୍ଗୀରକୁ ଲୋକେ ବହୁତ ପ୍ରଶଂସା କରୁଛନ୍ତି ।

# ନଦୀରେ ବାଉଁଶ ପୋଲ ତିଆରି କଲେ ଚାଷୀ

**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ଗୁହାରି ସରକାର ଶୁଣିଲେନି । ନଦୀର ଆରପଟେ ଥିବା ଜମିରେ ଚାଷକରି ଶହ ଶହ ଚାଷୀ ଜୀବିକା ନିର୍ବାହ କରୁଛନ୍ତି । କିନ୍ତୁ ନଦୀରେ ବନ୍ୟା ଆସିଲେ ଚାଷୀଙ୍କ ଚିନ୍ତା ବଢ଼ିଯାଏ । ବିପଦପୂର୍ଣ୍ଣ ଭାବେ ପାଣିରେ ପାରହୋଇ ଚାଷୀ ଯା'ଆସ କରନ୍ତି । ପକ୍କା ରାସ୍ତାରେ ଯିବାକୁ ହେଲେ ୫ରୁ ୭ କିଲୋମିଟର ବୁଲିବାକୁ ପଡୁଛି । ଏଠାରେ ଏକ ପୋଲ ନିର୍ମାଣ ପାଇଁ ଚାଷୀ ବାରମ୍ବାର ଦାବି କରି ନିରାଶ ହେବାପରେ ଗ୍ରାମବାସୀ ଶେଷରେ ନିଜ ପରିଶ୍ରମ ଓ ହାତରୁ ଖର୍ଚ୍ଚ କରି ନଦୀ ଉପରେ ବାଉଁଶପୋଲ ତିଆରି କରିଛନ୍ତି । ବାଲିପାଟଣା ବ୍ଲକ୍ ରାଜସ୍ୱ ଗ୍ରାମ ପଞ୍ଚାୟତ ଗରିଆ ଗ୍ରାମ ଦେଇ ଧନୁଆ ନଦୀ ପ୍ରବାହିତ ହେଉଛି । ଧନୁଆ ନଦୀରେ ବନ୍ୟା ଆସିଲେ ଗରିଆ ଗାଁ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ । ନଦୀର ଅପର ପାର୍ଶ୍ୱରେ ଗ୍ରାମବାସୀଙ୍କ ଏକର ଏକର ଚାଷଜମି ରହିଛି । ତେଣୁ ଧାନ, ପନିପରିବା ଫସଲ ପାଇଁ ରାତି ପାହିଲେ ନଦୀର ଅପର ପାର୍ଶ୍ୱରେ ଥିବା ଚାଷଜମିକୁ ଗାଁ ଲୋକେ ଯାଇଥାନ୍ତି । ମାତ୍ର ନଦୀରେ ସ୍ଥାୟୀ ପୋଲ ନଥିବାରୁ ଲୋକେ ପାଣିରେ ପହଁରି ବିପଦପୂର୍ଣ୍ଣ ଭାବେ ଯାତାୟାତ କରନ୍ତି । ଏନେଇ ସ୍ଥାନୀୟ ଲୋକେ ପୂର୍ବ ସରକାର ଅମଳରେ ଗୁହାରି ଜଣାଇଥିଲେ । ହେଲେ କେବଳ ମାପଚୁପରେ ପୋଲ ନିର୍ମାଣ ସୀମିତ ରହିଯାଇଛି । ତୁରନ୍ତ ସରକାର ଏ ଦିଗରେ ଦୃଷ୍ଟି ଦେଇ ଗରିଆ ନିକଟରେ ଧନୁଆନଦୀ ଉପରେ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



# ଓଡ଼ିଶା ହାତରୁ ଖସିଯିବ ସୀମାନ୍ତର ୪ ଗାଁ !

## ବିକାଶକୁ ଅଣଦେଖା:ଆନ୍ଧ୍ର ଉପରେ ଭରସା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆନ୍ଧ୍ର ସୀମାନ୍ତରେ ଥିବା ଓଡ଼ିଶାର ୪ ଖଣ୍ଡ ଗାଁର ଚିତ୍ର ବଦଳି ପାରୁନି । ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀ ନାହିଁନଥିବା ଅସୁବିଧାରେ ଜୀବନ ବିତାଉଛନ୍ତି । ଯାତାୟାତ ପାଇଁ ନିତିଦିନିଆ ରାସ୍ତା ନାହିଁ । ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଝରଣା ଓ ନାଳର ଗୋଳିଆ ପାଣିରେ ମେଣ୍ଟୁଛି ଶୋଷ । ସୀମାନ୍ତ ଗାଁର ବିକାଶକୁ ସରକାର ଫୋକସ୍ କରୁଥିବା ବେଳେ ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ପଛରେ ପଡ଼ିଛି ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଗୋଗୁପାଡୁ ପଞ୍ଚାୟତର ଲାଉଗୁଡ଼ା, ବଡ଼ଗୁଡ଼ା, ଖପିରିଗୁଡ଼ା ଓ ଆମ୍ବଗୁଡ଼ା ଗ୍ରାମ ଆନ୍ଧ୍ରପ୍ରଦେଶ ପାର୍ବତୀପୁର ମାନ୍ୟମ ଜିଲ୍ଲା ସୀମାନ୍ତରେ ଅବସ୍ଥିତ । ପୂର୍ବରୁ ଏହି ଅଞ୍ଚଳରେ ମାଓବାଦୀଙ୍କ ଚଳ ପ୍ରଚଳ ରହିଥିଲା । ମାଓ ଭୟରେ ସରକାରୀ ବାବୁ କିମ୍ବା କୌଣସି ରାଜନେତାଙ୍କ ପାଦ ଏହି ଅଞ୍ଚଳରେ ପଡୁନଥିଲା । ମାଓ ଭୟ ଦୂର ହେବା ପରେ ଲୋକଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଘଟିଛି । କିନ୍ତୁ ବଦଳି ପାରିନି ଗାଁ ବିକାଶର ଚିତ୍ର । ୪ ଖଣ୍ଡ ଗାଁରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ସୁଲୁଡ଼ି ଛକରୁ ବଡ଼ଗୁଡ଼ା ଗାଁକୁ ସଂଯୋଗ କରୁଥିବା ରାସ୍ତା ଉପରେ ୪ ଗ୍ରାମବାସୀ ନିର୍ଭର କରୁଛନ୍ତି । ହେଲେ ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ପଚପଚ ହୋଇପଡୁଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି ଗ୍ରାମବାସୀ । ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ଆସିପାରୁନି । ଫଳରେ ରୋଗୀ ତଥା ଗର୍ଭବତୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି । ପକ୍କା ରାସ୍ତା ପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ଗ୍ରାମବାସୀ ଦାବି ଜଣାଇଛନ୍ତି । ଅଥଚ ସୁଫଳ ମିଳୁନି । ବିଶୁଦ୍ଧ ପାନୀୟ ଜଳ ପାଇଁ ଗ୍ରାମରେ ଥିବା ନଳକୂପ ଏକ ମାତ୍ର ଭରସା । ନଳକୂପ ଅଚଳ ହେଲେ ଝରଣା ଓ ନାଳର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ଗ୍ରାମବାସୀ । ଜୀବନ ଜୀବିକାଠୁ ଆରମ୍ଭ କରି ପ୍ରାୟ ସମସ୍ତ କ୍ଷେତ୍ରରେ ଗ୍ରାମବାସୀ ଆନ୍ଧ୍ର ଉପରେ ନିର୍ଭରଶୀଳ ଥିବାରୁ କେତେବେଳେ ଆନ୍ଧ୍ର ଆଧିପତ୍ୟ ଜାରି କରିବ ତାହା କହିହେବ ନାହିଁ । ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ କହିଛନ୍ତି, ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଜିଲ୍ଲା ପ୍ରଶାସନର ଫୋକସ୍ ରହିଛି । ଖୁବ୍‌ଶୀଘ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଆରମ୍ଭ ହେବ । ମୌଳିକ ସୁବିଧା ସୁଯୋଗ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ । ତେବେ ବିକାଶ ସ୍ରୋତରେ ସାମିଲ ହେବା ପାଇଁ ଦଶନ୍ଧି ଦଶନ୍ଧି ଧରି ଗ୍ରାମବାସୀଙ୍କୁ କେବଳ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହେବାକୁ ପଡୁଥିବାରୁ ଆଉ କେତେ ସମୟ ଦରକାର ବୋଲି ପ୍ରଶ୍ନ କରିଛନ୍ତି ବଡ଼ଗୁଡ଼ା ଗ୍ରାମର ଟୁନା ବିଡ଼ିକା, ହରପ୍ରିୟା ନିମାଲା, ଜୟନ୍ତୀ ଶବର, ଶିବ ବିଡ଼ିକା, ଲାଉଗୁଡ଼ା ଗ୍ରାମର ଜସ୍ମିନ୍ ଶବର । ଜୀବନ ଜୀବିକା ପାଇଁ ଆନ୍ଧ୍ର ଉପରେ ନିର୍ଭରଶୀଳ ।



# ପୁରୁଷ ହକି ବିଶ୍ୱକପ-୨୦୨୬ ଲାଗି ଯୋଗ୍ୟତା ହାସଲ କଲା ଜର୍ମାନୀ

**ନୂଆଦିଲ୍ଲୀ**

ନେଦରଲାଣ୍ଡ୍ସ ଓ ବେଲଜିୟମରେ ଆୟୋଜିତ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ-୨୦୨୬ ଲାଗି ୩ ଥର ଚାମ୍ପିଅନ ଜର୍ମାନୀ ଯୋଗ୍ୟତା ହାସଲ କରିଛି । ୨୦୨୩ ଏଫ୍‌ଆଇଏଚ୍ ହକି ବିଶ୍ୱକପ ବିଜେତା ଜର୍ମାନୀ ୟୁରୋପିଆନ ହକି ଚାମ୍ପିଅନସିପର ଫାଇନାଲରେ ପ୍ରବେଶ କରି ୨୦୨୬ ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିଛି । ୟୁରୋପିଆନ, ଯୋଗ୍ୟତା ପର୍ଯ୍ୟାୟର ସେମିଫାଇନାଲରେ ଜର୍ମାନୀ ୪-୧ରେ ସ୍ପେନ୍‌କୁ ପରାସ୍ତ କରି ଫାଇନାଲରେ ପହଞ୍ଚିବା ସହ ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିଛି । ଏବେ ସୁଦ୍ଧା ୬ଟି ଦଳ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ-୨୦୨୬ ଲାଗି ଯୋଗ୍ୟତା ହାସଲ କରିଛନ୍ତି । ଜର୍ମାନୀ ସହ ଆୟୋଜକ ଭାବେ ନେଦରଲାଣ୍ଡ୍ସ ଓ ବେଲଜିୟମ ଯୋଗ୍ୟତା ହାସଲ କରିଛନ୍ତି । ପାନ ଆମେରିକା କପ୍-୨୦୨୫ ଚାମ୍ପିଅନ ସହ ଆର୍ଜେଣ୍ଟିନା, ଏଫ୍‌ଆଇଏଚ୍ ପ୍ରୋ ଲିଗ ହକି ୨୦୨୪-୨୫ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ତୃତୀୟ ସ୍ଥାନ ହାସଲ କରିଥିବା ସ୍ପେନ ଏଫ୍‌ଆଇଏଚ୍ ହକି ବିଶ୍ୱକପ-୨୦୨୬ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଚଳିତ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବିହାରର ରାଜଗିରରେ ଆୟୋଜିତ ହେବାକୁ ଥିବା ଏସିଆ କପ ହକିରେ ଭାରତ ଚାମ୍ପିଆନ ହେଲେ ୨୦୨୬ ଏଫ୍ ?ଆଇଏଚ୍ ? ହକି ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିବ ।

# ଏସିଆ କପ୍‌ରେ ଭାରତୀୟ ଟି-୨୦ ଦଳର ଅଧିନାୟକ ହେବେ ସୂର୍ଯ୍ୟକୁମାର : ଗମ୍ଭୀର

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଟି-୨୦ ଦଳରେ ବଡ଼ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଗମ୍ଭୀର ସବୁଫର୍ମାଟ ଅଧିନାୟକଙ୍କୁ ପ୍ରାଧାନ୍ୟ ଦେଇ ଦଳରେ ଏକ ସାଧାରଣ ସଂସ୍କୃତି ଗଢ଼ିବାକୁ ଚାହୁଁଛନ୍ତି । ଟି-୨୦ ଫର୍ମାଟରେ ଭାରତ ଆଧୁନିକ ଶୈଳୀରେ ଆଗେଇ ନଥିବା ଅଭିଯୋଗକୁ ଦୂର କରିବା ପାଇଁ ସେ ଟି-୨୦ ବିଶେଷଜ୍ଞ ଖେଳାଳିଙ୍କୁ ଗୁରୁତ୍ୱ ଦେବେ ।



ରିପୋର୍ଟରେ ଶିବମ ଦୁବେଙ୍କ ଉଦାହରଣ ଦିଆଯାଇଛି । ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନ୍‌ଙ୍କୁ ଫିନିସର ଭୂମିକାରେ ସୀମିତ ନ ରଖି ଉପର କ୍ରମରେ ବ୍ୟାଟିଂ ପାଇଁ ପଠାଯାଇ ପାରେ । ଗମ୍ଭୀରଙ୍କ ଯୋଜନା ଅନୁଯାୟୀ, ଖେଳାଳିଙ୍କ ଦକ୍ଷତା ଅନୁସାରେ ଭୂମିକା ନିର୍ଦ୍ଧାରଣ ହେବ, ବ୍ୟାଟିଂ ନମ୍ବର ଅନୁଯାୟୀ ନୁହେଁ । ଦଳରେ ନିର୍ଦ୍ଦିଷ୍ଟ ଫିନିଶର ରହିବେ ନାହିଁ ।

ଏସିଆ କପ୍ ୨୦୨୫ ପାଇଁ ଭାରତୀୟ ଦଳରେ ସୂର୍ଯ୍ୟକୁମାର ଯାଦବ ଅଧିନାୟକ ହେବେ ବୋଲି ରିପୋର୍ଟ ମିଳିଛି । ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ସ୍ଥାନ ପାଇଥିବା ବେଳେ ଶୁଭମନ ଗିଲ୍‌ଙ୍କ ଦଳରେ ସ୍ଥାନ ମିଳିବ କି ନାହିଁ, ତାହା ଅସ୍ପଷ୍ଟ ରହିଛି ।

# ଭଲିବଲ ଟୁର୍ଣ୍ଣାମେଣ୍ଟ : ଜିଲ୍ଲା ଭଲିବଲ ଦଳ ଚାମ୍ପିଅନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପୋଲିସ ପଡ଼ିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଓ ରିଜର୍ଭ ଇନ୍‌ସପେକ୍ଟର ଆଲୋକ କାନୁନଗୋଙ୍କ ତତ୍ତ୍ୱାବଧାନରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ଭଲିବଲ ଦଳ ମା' କିଚକେଶ୍ୱରୀ ଭଲିବଲ ଦଳକୁ ୩-୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ, ଜାତୀୟ ରେଫେରୀ ରାଜେଶ ଦାସ, ନିରଞ୍ଜନ ନାଏକ, ସ୍ନେହାଶିଷ ମହାନ୍ତି, ଦୀପକ ବେହେରା, ଅନିଲ କୁମାର ଗିରି, ହରିହର ମଲ୍ଲିକ ଖେଳ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ, ସହ ସମ୍ପାଦକ ଅମ୍ବିକା ରାଉତ, କ୍ରୀଡ଼ା ସଂଗଠକ ଭାନୁପ୍ରସାଦ ଭଞ୍ଜଦେଓ, କ୍ରୀଡା ପ୍ରଶିକ୍ଷକ ନାରାୟଣ ପୋଦାର, ପ୍ରଭାସ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଚାମ୍ପିଅନ ଓ ରନର୍ସଅପ ଦଳ ସହ ଚନ୍ଦ୍ରଭାନୁ ସେଠି, ସଞ୍ଜୟ ମହାନ୍ତ, ମାନସ ନାୟକ, ମନୋଜ ସାହୁ ଓ ଖଗେଶ୍ୱର ପାତ୍ରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଶାନ୍ତିଲତା ଜୀଉଙ୍କ ମାର୍ଗଦର୍ଶନରେ କୁନିକୁନି ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କ୍ରାଫ୍ଟ, ମ୍ୟୁଜିକ ଚେୟାର, ବେଲୁନ ରେସ, ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଯୋଶୀ ଜୀଉ, ବାପୁନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ରାଜ୍ୟ ସ୍ତରୀୟ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ସେଣ୍ଟ୍‌ଜାଭିୟର୍ସ ପବ୍ଲିକ ସ୍କୁଲରେ ୬୫ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ ଓଡ଼ିଶା ଚେସ୍ ଆସୋସିଏସନ ସହାୟତାରେ ବୌଦ୍ଧ ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ସର୍ବ ଭାରତୀୟ ଚେସ୍ ଫେଡେରେସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଗଷ୍ଟ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚେସ ଚାମ୍ପିଅନସିପ୍‌ର ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ଚେସ୍ ସଙ୍ଘ ଉପ ସଭାପତି ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ



କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍କୁଲ ଅଧ୍ୟକ୍ଷା ସସ୍ମିତା ସେନାପତି, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସ୍କୁଲର ଭାଇସ ପ୍ରିନ୍ସିପାଲ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବୌଦ୍ଧ ଜିଲ୍ଲା ଚେସ୍ ସଙ୍ଘ କୋଷାଧ୍ୟକ୍ଷ ନିରୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଚାମ୍ପିଅନସିପ୍‌ରେ ୧୨୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ରେଟେଡ଼ ଖେଳାଳି ଭାଗ ନେଇଛନ୍ତି । ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ମହାପାତ୍ର, ପିଙ୍କି ମହାପାତ୍ର ପରିଚାଳନା କରୁଛନ୍ତି ।

## ଏସିଆ କପ୍ ୨୦୨୫ ପାଇଁ ପାକିସ୍ତାନ ଦଳ ଘୋଷଣା

# ବାଦ୍ ପଡ଼ିଲେ ବାବର ଆଜମ, ମହମ୍ମଦ ରିଜୱାନ

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏସିଆ କପ୍-୨୦୨୫ ଓ ଆଫଗାନିସ୍ତାନ ତଥା ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ତ୍ରି-ଦେଶୀୟ ସିରିଜ ପାଇଁ ୧୭ ଜଣିଆ ଦଳ ଘୋଷଣା କରିଛି । ଆଶ୍ଚର୍ଯ୍ୟଜନକ ଭାବେ ଷ୍ଟାର ଖେଳାଳି ବାବର ଆଜମ ଓ ମହମ୍ମଦ ରିଜୱାନଙ୍କୁ ଦଳରୁ ବାଦ୍ ଦିଆଯାଇଛି । ସଲମାନ ଅଲି ଆଘା ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ, ଆଉ ମହମ୍ମଦ ହାରିସ ଉଇକେଟ୍ ରକ୍ଷକ ଭାବେ ଦଳରେ ସ୍ଥାନ ପାଇଛନ୍ତି ।

ଦଳରେ ଶାହିନ ଶାହ ଆଫ୍ରିଦି, ଫଖର ଜମାନ, ହାରିସ ରୌଉଫ,



ହାସନ ଆଲି, ଫାହିମ ଆଶ୍ରାଫ, ସାଇମ ଆୟୁବ ଓ ହାସନ ନୱାଜ ସାମିଲ ଅଛନ୍ତି । ଏସିଆ କପ୍ ୨୦୨୫ ୟୁଏଇରେ ୯ରୁ ୨୮ ସେପ୍ଟେମ୍ବର ମଧ୍ୟରେ ହେବ । ପାକିସ୍ତାନ ଗ୍ରୁପ୍ 'ଏ'ରେ ଭାରତ, ୟୁଏଇ ଓ ଓମାନ ସହ ରହିଛି । ସେମାନେ ଓମାନ ବିପକ୍ଷରେ ୧୨, ଭାରତ ବିପକ୍ଷରେ ୧୪ ଓ ୟୁଏଇ ବିପକ୍ଷରେ ୧୭ ସେପ୍ଟେମ୍ବରରେ ଖେଳିବେ ।

୨୦୨୩ ଏସିଆ କପରେ ପାକିସ୍ତାନ ଫାଇନାଲରେ ପହଞ୍ଚି ପାରିନଥିଲେ । ୨୦୨୨ରେ ସେମାନେ ଶ୍ରୀଲଙ୍କାଠାରୁ ଫାଇନାଲରେ ହାରି ରନର୍ସ ଅପ୍ ହୋଇଥିଲେ ।

ପାକିସ୍ତାନ ଦଳ : ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଆହମେଦ, ଫାହିମ ଆଶ୍ରାଫ, ଫଖର ଜାମାନ, ହାରିସ ରାଉଫ, ହାସନ ଆଲି, ହାସନ ନୱାଜ, ହୁସେନ ତାଲାତ, ଖୁଶଦିଲ ଶାହ, ମହମ୍ମଦ ହାରିସ, ମହମ୍ମଦ ନୱାଜ, ମହମ୍ମଦ ୱାସିମ ଜୁନିୟର, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ଶାହିନ ଶାହ ଆଫ୍ରିଦି, ସୁଫୟାନ ମୋକିମ ।

# 'ସମୃଦ୍ଧ ଓ ମଧୁମୟ ସମାଜ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବାଲେଶ୍ୱର, ନ୍ୟୁଜ୍**

ସମାଜକୁ ସମୃଦ୍ଧ, ସଂସ୍କୃତ ଓ ମଧୁମୟ କରି ଗଢ଼ି ତୋଳିବାରେ ଯୁବସମାଜର ଏକ ପ୍ରମୁଖ ଭୂମିକା ରହିଛି । ଯୁବକମାନେ ହିଁ ସମାଜର ମେରୁଦଣ୍ଡ । ଯେଉଁଠି ଯୁବକମାନଙ୍କୁ ପ୍ରକୃତ ସମ୍ମାନ ଓ ସୁଯୋଗ ମିଳେ, ସେଠାରେ ଉଭୟ ଲକ୍ଷ୍ମୀ ଓ ସରସ୍ୱତୀ ନିବାସ କରିଥାନ୍ତି । ରାଷ୍ଟ୍ରର ପୁଞ୍ଜିର ସଦୁପଯୋଗ ହେଉଛି କି ନାହିଁ ସେ ସଂପର୍କରେ ସଜାଗ ଦୃଷ୍ଟି ରଖିବା ସଚେତନ ଯୁବସମାଜର କର୍ତ୍ତବ୍ୟ । ଯୁବକମାନଙ୍କୁ ଆଗକୁ ଯିବାପାଇଁ ଭରପୂର ସୁଯୋଗ ଦେବା ପାଇଁ ସରକାରୀ ଓ ବେସରକାରୀ କର୍ତ୍ତୃପକ୍ଷ ମାନେ ଯତ୍ନବାନ ହେବା ଉଚିତ୍ ବୋଲି ମାନବ ଅଧିକାର ସୁରକ୍ଷା ସଂସଦ 'ମାସ୍' ଏବଂ ପ୍ରକାଶନ ପ୍ରତିଷ୍ଠାନ 'ବିଦ୍ୟାଭାରତୀ' ଆନୁକୂଲ୍ୟରେ ଅନୁଷ୍ଠିତ 'ଆନ୍ତର୍ଜାତିକ ଯୁବ ଦିବସ' ପାଳନ ଅବସରରେ ଅତିଥି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବହିଘର ପରିସରସ୍ଥିତ 'ସଂସ୍କୃତି ସଭାଗୃହ' ଠାରେ ଅଭୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାକ୍ତନ ଲୋକସଭା ସାଂସଦ ଇଂ ରବୀନ୍ଦ୍ର ଜେନା ଆଲୋଚନାଚକ୍ର 'ଆଜିର ଆହ୍ୱାନ : ଏକ ବିଶ୍ୱ-ଏକରାଷ୍ଟ୍ର'ରେ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ କହିଲେ ଯେ ଏକ ଯୁଦ୍ଧ ଓ ରକ୍ତପାତମୁକ୍ତ ବିଶ୍ୱ ଆମ ସମସ୍ତଙ୍କର କାମ୍ୟ ହେବା ଉଚିତ୍ । ଏହି ସଭାରେ ଅନ୍ୟାନ୍ୟ ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ ଓଏଏସ ପ୍ରୋବେସନାରୀ ଅଧିକାରୀ ଅମ୍ବିକା ଭୂୟାଁ, କପ୍ତିପଦା ଉପଖଣ୍ଡର ସହକାରୀ କଲେକ୍ଟର ପ୍ରବୀଣ କୁମାର, ବିଶିଷ୍ଟ ଶିଳ୍ପୀ କେଶୁଦାସ, 'ସମୟର ଚକ୍ର'ର ସମ୍ପାଦକ ସର୍ବେଶ୍ୱର ଜେନା, ସାହିତ୍ୟିକ ବିଜୟ ଦାସ ଅଧିକାରୀ, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ ନାଟ୍ୟକାର ବିଦ୍ୟାଧର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୧୬ ଜଣ ପ୍ରତିଭାଧରଙ୍କୁ ମୁଖ୍ୟ ଅତିଥି ଶ୍ରୀ ଜେନା ସମ୍ମାନିତ କରିଥିଲେ । ଯୁବ ପ୍ରଶାସନିକ ଅଧିକାରୀ ଭାବରେ ଅମ୍ବିକା ଭୂୟାଁ, ବିଶିଷ୍ଟ ତ୍ରିଭାଷୀ ଗୀତିକାର ତଥା ସଂଳାପ ଲେଖକ ଭାବରେ ପ୍ରବୀଣ କୁମାର, ଯୁବ ଚିକିତ୍ସା ବିଜ୍ଞାନୀ ଭାବରେ ଫିଜିଓଥେରାପିଷ୍ଟ ଡାକ୍ତର ହିତାର୍ଥ ପଟ୍ଟନାୟକ, ବିଶିଷ୍ଟ ଉଦ୍ୟୋଗୀ ଭାବରେ ଦାଣ୍ଡକାଳୀ ସର୍ଜିକାଲ୍‌ର ପରିଚାଳନା ନିର୍ଦ୍ଦେଶକ ସତ୍ୟନାରାୟଣ ନାୟକ, ଜିଏଲାର୍ ଇନ୍‌ଫ୍ରର ପରିଚାଳନା ନିର୍ଦ୍ଦେଶକ ମନୋଜ ଜେନା, ସମାଜସେବୀ ଭାବରେ ଆଶ୍ରିତା ତରେଇ, ତପନ ବେହେରା, ମନୋଜ ପୋଦାର, ମାନବାଧିକାର କର୍ମୀ ଓ ସାମ୍ବାଦିକ ତପନ ପତି, ଗୋରକ୍ଷକ ଓ ପଶୁପ୍ରେମୀ ଅର୍ଜୁନ ବାରିକ୍ ଏବଂ ପବନ କୁମାର ଭୋଇ, ଯୁବ ସମ୍ବାଦିକା ଭାବରେ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ଶିକ୍ଷାବିଦ୍ ଭାବରେ ଡ କମଳାକାନ୍ତ ବିଶ୍ୱାଳ, ଯୁବ ସଙ୍ଗୀତଜ୍ଞ ଅମରେଶ ପାତ୍ର, ବିଶିଷ୍ଟ ଯୁବ ଚିତ୍ରଶିଳ୍ପୀ ଅର୍ଚ୍ଚନା ଜେନା ଓ ଯୁବ କଣ୍ଠଶିଳ୍ପୀ ସୁଶ୍ରୀ ଆଫ୍ରିନ୍ ଖାତୁନ୍ ପ୍ରମୁଖଙ୍କୁ ସେମାନଙ୍କର ପ୍ରତିଭା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆରମ୍ଭରେ ସାଇ ସୁହାନୀ ଜେନା ଏବଂ ଆଫ୍ରିନ୍ ଖାତୁନ ଚିତ୍ତାକର୍ଷକ ସଂଗୀତ ଗାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ ।

## ଡିକିରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣା

# ୯.୨୪ ଲକ୍ଷ ଜବତ : ଆସିକାରୁ ଅଭିଯୁକ୍ତ ଗିରଫ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରପାଲି ଜନଗହଳିପୂର୍ଣ୍ଣ ୨୬ ନମ୍ବର ଜାତୀୟ ରାଜପଥ କଡ଼ ଏକ ଦୋକାନ ସମ୍ମୁଖରେ ଥିବା ଏକ ସ୍କୁଟି ଡିକିରୁ ଲୁଟ୍ ହୋଇଥିବା ୧୧ଲକ୍ଷ ଟଙ୍କାରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ



ଲୁଟେରା ଗ୍ୟାଙ୍ଗ ପୁଲିସ ହାତରେ ଧରାପଡ଼ିଛନ୍ତି । ଲେଣ୍ଡା ସମଲେଶ୍ୱରୀ ପାଣି ପଞ୍ଚାୟତ ସଭାପତି ଦଶରଥ ବେହେରା ଓ ସମ୍ପାଦକ କ୍ଷିତିପତି ପ୍ରଧାନ ଗତ ଜୁଲାଇ ୨୯ ତାରିଖ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଶାଖାରୁ ଚେକ୍ ଜରିଆରେ ୧୧ ଲକ୍ଷ ୬୩ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଯୋଗେ ବ୍ୟାଙ୍କ ପରିସରରୁ ବାହାରିଥିଲେ । ଫେରିବା ବାଟରେ ନିକଟସ୍ଥ ହିନ୍ଦୁସ୍ଥାନ ହାର୍ଡୱାର ଦୋକାନ ସମ୍ମୁଖରେ ରହିଥିଲେ ଓ ପରେ କିଛି ଜିନିଷ କିଣିବା ପାଇଁ ଦୋକାନ ଭିତରକୁ ପ୍ରବେଶ କରିଥିଲେ । ପରେ ଦୋକାନ ବାହାରକୁ ଆସି ଦେଖିଲା ବେଳକୁ ସ୍କୁଟି ସିଟ୍ ତଳ ଡିକିରୁ ସମସ୍ତ ଟଙ୍କା ଗାୟବ ହୋଇଯାଇଥିଲା । ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନ ତଥା ଆଖପାଖ ସିସିଟିଭି ଫୋଟେଜ୍‌କୁ ଆଧାରରେ ତଦନ୍ତ କାର୍ଯ୍ୟକୁ ଆଗେଇ ନେଇଥିଲେ । ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଥାନା ଆଇଆଇସି ନେତୃତ୍ୱରେ ପୁଲିସ ଖବରପାଇ ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳର ଦାସ ନିରଜ୍ ନାମକ ଜଣେ ଯୁବକକୁ ଗିରଫ କରିବା ସହିତ ନଗଦ ୯ ଲକ୍ଷ ୨୪ ହଜାର ଟଙ୍କା ଜବତ କରିଥିଲା ।

# ଜଙ୍ଗଲରୁ ଶାଗୁଆନ କାଠ ସହ ମେସିନ୍ ଜବତ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବନାଞ୍ଚଳ ଅନ୍ତର୍ଗତ ହରିଶଙ୍କର ଏବଂ ପଦ୍ମପୁର ବୋଡ଼ର ତଥା ଲୁହାସିଂହା ପଞ୍ଚାୟତ



ଟେଙ୍ଗେରାପଥର ଗାଁ ପାଖ ଜଙ୍ଗଲରୁ ରାତ୍ରିରେ ଚୋରା ଶାଗୁଆନ କାଠ ହରିଶଙ୍କର ରେଞ୍ଜ ତରଫରୁ ଜବତ ହୋଇଛି । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଫରେଷ୍ଟର ରାଜେନ୍ଦ୍ର ଧରୁଆ, ଧଣ୍ଡାମୁଣ୍ଡା ଫରେଷ୍ଟର ଇନ୍ଦ୍ରମଣୀ ବେହେରା, ମଞ୍ଜୁକୁମ୍ଭାର, ସଦଳବଳ ସହ ଟେଙ୍ଗେରାପଥର ଗାଁ ଜଙ୍ଗଲରେ ବେଆଇନ ଭାବରେ ଚାଲୁଥିବା ଚୋରା ଶାଗୁଆନ କାଠ, ଗଣ୍ଡି ଓ ମେସିନକୁ ଜବତ କରିଥିଲା । ଚଢ଼ଉ ସମୟରେ ଆସାମୀ ଫେରାର ହୋଇଯାଇ ଥିବାବେଳେ ଶାଗୁଆନ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ହଜାର ଟଙ୍କା ହେବ ବୋଲି ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ସୂଚନା ଦେଇଛନ୍ତି ।

# ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ସୋନପୁର କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ଦାବିପତ୍ର ପ୍ରଦାନ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାକୁ ସ୍ୱାଧୀନତା ଦିବସ ଅବସରରେ ଗସ୍ତ କରିଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସୋନପୁର ମହାବିଦ୍ୟାଳୟ ଆଲୁମିନୀ ଆସୋସିଏସନ ପକ୍ଷରୁ ସୋନପୁର କଲେଜର ବିଭିନ୍ନ ସମସ୍ୟା ନେଇ ତଥା ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଭିନ୍ନ ସମସ୍ୟା ବିଷୟରେ ଅବଗତ ପରେ ମନ୍ତ୍ରୀ ତୁରନ୍ତ ପ୍ରଥମେ ପିଜି ପାଠ୍ୟକ୍ରମ ଖୋଲିବା, ଗାର୍ଲ୍ସ ହଷ୍ଟେଲ ଓ ଅଡିଟରିୟମ୍ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ସୋନପୁର କଲେଜ ସରକାରୀ ମାନ୍ୟତା ସରକାରଙ୍କ ବିଚାରାଧୀନ ଅଛି ଏବଂ ରାଜ୍ୟରେ ଆଉ କିଛି କଲେଜ ସହ ସୋନପୁର କଲେଜ ମଧ୍ୟ ସରକାରୀ ମାନ୍ୟତା କରାଯିବା ନେଇ ସୂଚନା ଦେଇଥିଲେ ଏବଂ ଏ ନେଇ ମନ୍ତ୍ରୀ ସେପ୍ଟେମ୍ବର ଶେଷ ବେଳକୁ ଆଲୁମିନୀ ସଂଘକୁ ଭୁବନେଶ୍ୱର ଠାରେ କଲେଜର ସମସ୍ତ ତଥ୍ୟ ସହ ସାକ୍ଷାତ କରିବା ପାଇଁ ନିମନ୍ତ୍ରିତ କରିଛନ୍ତି । ଦାବିପତ୍ର ପ୍ରଦାନ ତଥା ସାକ୍ଷାତ୍ ଆଲୋଚନା ସମୟରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଆସୋସିଏସନର ଉପ-ସଭାପତି ଗତିକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ଭାରତ ଭୁଷଣ ଦାଶ, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଝାରୀ, ସଂଯୋଜକ ସୁଦାମ ମିଶ୍ର, ଆଶିଷ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସରୋଜ ପ୍ରଧାନ, ଶ୍ରୀଧର ବାଗ, ସୁଧୀର କୁମାର ପଣ୍ଡା, ନିଶାନ୍ତ ମହାନ୍ତି, ମିଡିଆ ସେଲର ରାଜ କିଶୋର ତ୍ରିପାଠୀ, ରାମ ଶଙ୍କର ଭୋଇ, ଶାଶ୍ୱତ ମିଶ୍ର, ଜ୍ୟୋତିର୍ମୟ ମିଶ୍ର ପ୍ରମୁଖ ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ । ପ୍ରକାଶ ଯୋଗ୍ୟ ଯେ ସୋନପୁର ମହାବିଦ୍ୟାଳୟ ୧୯୬୪ ମସିହାରୁ ସ୍ଥାପିତ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ସରକାରୀ ମାନ୍ୟତା ପାଇ ପାରିନାହିଁ । ଜିଲ୍ଲାର ସର୍ବପୁରାତନ ସୋନପୁର ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି । ବର୍ତ୍ତମାନ ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ପର୍ଯ୍ୟନ୍ତ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ମୋଟ ୨୩୦୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି ।

# ବାଇକ୍ ଦୁର୍ଘଟଣା : ଜଣେ ମୃତ, ୩ ଗୁରୁତର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର କାଇମା ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଏବେ ପାଲଟିଛି ମୃତ୍ୟୁ ଯନ୍ତା । ଭୁବନ ନିକଟରେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ବାଇକ୍ ୨ଟି ନଦୀବନ୍ଧ ରାସ୍ତାର ଦ୍ରୁତଗତିରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି । ମୃତ ଯୁବକଙ୍କ ଘର ଧର୍ମଶାଳା ଥାନା ନୀଳକଣ୍ଠପୁର ଗ୍ରାମର ସୁଧୀର କୁମାର ମିଶ୍ର ବୋଲି ଜଣାପଡ଼ିଛି । ଅନ୍ୟ ୩ଜଣମଧ୍ୟରୁ ୨ଗୁରୁତରଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଧର୍ମଶାଳା ପୋଲିସ ବାଇକକୁ ଜବତକରି ତଦନ୍ତ କରୁଛି ।

# ଗୋ-ମାଂସ ବିକ୍ରି ନେଇ ଉତ୍ତେଜନା : ୬ ଜଣ ଥାନାରେ ଅଟକ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସଦର ଥାନା ଅନ୍ତର୍ଗତ ଶଙ୍ଖାଭଙ୍ଗା ଗ୍ରାମରେ ଗୋ ମାଂସ ବିକ୍ରି ନେଇ ଅଭିଯୋଗ ହୋଇଛି । ଯାହାକୁ ନେଇ ଗ୍ରାମବାସୀ ଓ ଲୋକଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ଶଙ୍ଖାଭଙ୍ଗା ଗ୍ରାମର ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା । ସେଠାରେ ଗ୍ରାମବାସୀମାନେ ମାଂସ ରୋଷେଇ କରୁଥିବା ବେଳେ ତାହା ଗୋ ମାଂସ ବୋଲି କିଛି ଲୋକେ ଅଭିଯୋଗ କରିଥିଲେ । ଯାହାକୁ ନେଇ ଗ୍ରାମବାସୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି



ହୋଇଥିଲା । ଗଣ୍ଡଗୋଳ ହେବାରୁ ଘଟଣାସ୍ଥଳରେ ବାରିପଦା ସଦର ଥାନା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । ଅଭିଯୋଗକ୍ରମେ ୬ଜଣ ଗ୍ରାମବାସୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି । ସେମାନେ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ କୁଆବୁଡା ଗ୍ରାମର ଲକ୍ଷ୍ମଣ ମାର୍ଣ୍ଡି(୧୯), କେଉଟଣମାରି ଗ୍ରାମର ଦୁଲାରୀ ମୁର୍ମୁ(୪୦), ବଡ଼ସାହି ଥାନା ଅନ୍ତର୍ଗତ ଡୁକୁରା ଗ୍ରାମର ମକରା ମୁର୍ମୁ(୩୦), ଶଙ୍ଖାଭଙ୍ଗା ଗ୍ରାମର ଗୋପୀନାଥ ମାର୍ଣ୍ଡି(୨୫), ମୋରଡା ଥାନା ଅନ୍ତର୍ଗତ ଇଟାପୋଖରୀର ଗ୍ରାମର ଚମ୍ପା କିସ୍କୁ(୧୯) ଓ ପୁଣ୍ଟୁ ମାର୍ଣ୍ଡି(୪୫) । ୮୦କିଲୋ ରୋଷେଇ ମାଂସ ଓ ୧କିଲୋ ମାଂସ ଜବତ କରାଯାଇଛି । ଗଣ୍ଡଗୋଳରେ ଆକ୍ରମଣର ଶିକାରମାନେ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ପଶ୍ଚିମବଙ୍ଗ ଅଞ୍ଚଳରୁ ଜଣେ ବ୍ୟକ୍ତି ଗୋ ମାଂସ ଆଣି ଶଙ୍ଖାଭଙ୍ଗା ପଡ଼ିଆ ନିକଟରେ ବିକ୍ରି କରୁଥିବାର ସ୍ୱୀକାର କରିଛନ୍ତି । ତେବେ ତାଙ୍କ ଠାରୁ ମାଂସ କିଣି ରୋଷେଇ କରୁଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । ଏହିପରି ସର୍ବସାଧାରଣ ସ୍ଥାନରେ ଅମାନୁଷିକ ଭାବରେ ଗୋ ମାଂସ ରୋଷେଇ କରି ଭକ୍ଷଣ କରିବା ଅଭିଯୋଗକୁ ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏହି ଘଟଣାରେ ତଦନ୍ତ କରି ଦୋଷୀ ଅଭିଯୁକ୍ତଙ୍କ ବିରୁଦ୍ଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏନେଇ ତଦନ୍ତ ଜାରି ଥିବା ନେଇ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି ।

# ଜିଲ୍ଲା ପ୍ରଶାସନ ତରଫରୁ ହର ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍‌ଙ୍କ ନେତୃତ୍ୱରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା କେନ୍ଦ୍ରାପଡ଼ା ନୂଆ ବସ୍‌ଷ୍ଟାଣ୍ଡଠାରୁ ବାହାରି ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଦେଶାତ୍ମବୋଧକ ଆଧାରିତ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଓ ଦେଶ ପ୍ରେମ ସଂପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ



ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌର ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ଜିଲ୍ଲା-ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବାଣୀକ୍ଷେତ୍ର ଜଗତସିଂହପୁରର ସୁଯୋଗ୍ୟ ସନ୍ତାନମାନଙ୍କୁ ଶ୍ରଦ୍ଧା ଅର୍ଘ୍ୟ ଅର୍ପଣ କଲେ ଜିଲ୍ଲାପାଳ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ୭୯ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ଆନୁଷ୍ଠାନିକ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ଦେଶର ସ୍ୱାଧୀନତା ପାଇଁ ନିଜର ନିଃସ୍ୱାର୍ଥପର ତ୍ୟାଗ, ବଳିଦାନ ଓ ଆଦର୍ଶରେ ଅମର ହୋଇଥିବା ମହାନ୍ ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ନିଜର ପ୍ରଣାମ ଜଣାଇଥିଲେ । ଦେଶର ମହାନ୍ ସ୍ୱାଧୀନ ଚେତା ନେତୃବୃନ୍ଦ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ଲାଲା ଲଜପତ୍ ରାୟଙ୍କ ସମେତ ଓଡ଼ିଶାର ବରେଣ୍ୟ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଧରଣୀ ଧର ଭୂୟାଁ, ବିର୍ସା ମୁଣ୍ଡା ଙ୍କ ପରି ତ୍ୟାଗି ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ବାଣୀକ୍ଷେତ୍ର ଜଗତସିଂହପୁର ର ସୁଯୋଗ୍ୟ ସନ୍ତାନ ଭାଗିରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଡ଼ିଆରୀ, ମା' ରମାଦେବୀ, ସରଳା ଦେବୀ, ନବକୃଷ୍ଣ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣା ଙ୍କ ପରି ଚିର ନମସ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ନିଜର ଶ୍ରଦ୍ଧା ଅର୍ଘ୍ୟ ଅର୍ପଣ କରିଥିଲେ । ସ୍ୱାଧୀନତାର ୭୮ ବର୍ଷ ପରେ ଓଡ଼ିଶାର ଗର୍ବ ଓ ଗୌରବ ଯେ ବିଶ୍ୱ ଦରବାରରେ ବିଦିତ ଏବଂ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବାଣିଜ୍ୟ, କ୍ରୀଡ଼ା ଓ ଶିଳ୍ପ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଜିଲ୍ଲାପାଳ କହିଥିଲେ । ଉପସ୍ଥିତ ଯୁବ ତଥା ଛାତ୍ର ସମାଜକୁ ସ୍ୱାଧୀନତା ର ପ୍ରକୃତ ମୂଲ୍ୟ ବୁଝି ଏହାର ସୁରକ୍ଷା ଦିଗରେ ବ୍ରତୀ ହେବାପାଇଁ ଉପଦେଶ ଦେଇଥିଲେ । ଅନୁସନ୍ଧିତ୍ସୁ ହୋଇ ତଥ୍ୟକୁ ବିଶ୍ଳେଷଣ କରିବା ସହ ପରମ୍ପରାଗତ ରୁଢ଼ିବାଦୀ ଚିନ୍ତାଧାରାକୁ ନିଜର ଉନ୍ନତ, ସୃଜନଶୀଳ ପ୍ରଶ୍ନବାଚୀ ଦ୍ୱାରା ଏକ ପରିବର୍ତ୍ତନର ସ୍ୱର ଆଣିବା ପାଇଁ ସେ ଯୁବଶକ୍ତିକୁ ଉତ୍ସାହିତ କରିଥିଲେ ।

ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା ମୁଖ୍ୟ ଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ଆଣିଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାରାଦୀପର ଛାତ୍ର ଧୃତି ସୁନ୍ଦର ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣ ଚନ୍ଦ୍ର ସ୍ମାରକ ମେଧାବୃତ୍ତି ଏବଂ ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ପୁରସ୍କାର ସ୍ୱରୂପ ନଗଦ ଅର୍ଥ, ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପରେଡ୍‌ରେ ମୋଟ ୨୩ ଟି ଦଳ ଭାଗ ନେଇଥିଲେ ଓ ସେମାନଙ୍କ ମଧ୍ୟରୁ ୟୁନିଫର୍ମ ଗ୍ରୁପ୍‌ରୁ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ସ୍କାଉଟ୍, ସିନିୟର୍ ସିଭିଲିଆନ ଦଳରୁ ଜଗତସିଂହପୁର ପବ୍ଲିକ୍ ସ୍କୁଲ, ଜୁନିୟର୍ ସିଭିଲିଆନ ଦଳରୁ ଶୁଦ୍ଧାନନ୍ଦ ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ସିଲ୍ଡ ଗ୍ରହଣ କରିଥିଲେ ।



# ଗୃହ, ସେତୁ ଓ ରାସ୍ତା ନିର୍ମାଣର ସମୀକ୍ଷା କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ୬୦ ଟି ବିଭାଜନର କାର୍ଯ୍ୟକୁ ବିସ୍ତୃତ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ନାଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଉନ୍ନତମାନକୁ ବଜାୟ ରଖି ସମସ୍ତ ନିର୍ମାଣ କାର୍ଯ୍ୟ ଶେଷକରିବାକୁ ନିର୍ଦ୍ଦେଶ ଦେବାସହ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା କାଟ ହେବ ବୋଲି ତାଗିଦ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ସମସ୍ତ ଯୋଜନାର ସମୀକ୍ଷା ହୋଇଥିଲା । ରାଜ୍ୟର ସମସ୍ତ ୬୦ ଟି ଗ୍ରାମ୍ୟ ନିର୍ମାଣ ବିଭାଜନର ସମସ୍ତ ନିର୍ମାଣ କାର୍ଯ୍ୟକୁ ମନ୍ତ୍ରୀ ସମୀକ୍ଷା କରିଥିଲେ । ପିଏମ୍ ଜିଏସୱାଇ-୪ରେ ରାଜ୍ୟ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ସେ ବିଭାଗର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଯୋଜନାରେ କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲାରେ ସାଚୁରେସନ୍ ମୋଡ୍ ରେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ସେ ପ୍ରସନ୍ନତା ବ୍ୟକ୍ତ କରିଥିଲେ। ଏହା ସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ଅନ୍ୟ ଯୋଜନା ଗୁଡ଼ିକର ନିର୍ମାଣ ଲକ୍ଷ୍ୟ ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୫୨୧ଟି ପ୍ରକଳ୍ପରେ ନିର୍ମାଣ ହେବାକୁଥିବା ୫୦୦୦ କିମି ରାସ୍ତା, ସେତୁ ବନ୍ଧନ ଯୋଜନାରେ ୪୦୦ ସେତୁ ଓ ୨୫୩ଟି କୋଠାର ନିର୍ମାଣ ଅଗ୍ରଗତି ବିଷୟରେ ସବିଶେଷ ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । କିଛି ବିଭାଜନ ଆଶାନୁରୂପ ପ୍ରଦର୍ଶନ କରିନଥିବାରୁ ସେଠାକାର ସ୍ଥିତି ଓ ଉନ୍ନତ ପ୍ରଦର୍ଶନର ମାର୍ଗ ବିଷୟରେ ଆଲୋଚନା ହୋଇଥିଲା।କ୍ଷ ସେହି ବିଭାଜନର ଅଧିକାରୀ ଅଧିକ ଯତ୍ନଶୀଳ ହେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଦିଗଦର୍ଶନ ଦେଇ ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଥିଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ହେଉଛି ଗ୍ରାମାଞ୍ଚଳର ଜନସାଧକ୍ଷରଣଙ୍କ ଜନଜୀବନକୁ ପ୍ରଭାବିତ କରୁଥିବା ବିଭାଗ । ପାଞ୍ଚ ବର୍ଷ ମଧ୍ୟରେ ୩୦,୦୦୦ କିମି ରାସ୍ତା, ୫୦୦ ସେତୁର ନିର୍ମାଣ ଲକ୍ଷ୍ୟକୁ ବିଭାଗ ଯେପରି ସଫଳତାର ସହ ହାସଲ କରିବ ତାହା ବିଭାଗର ସମସ୍ତଙ୍କ ଦାୟିତ୍ୱ । ଏହା ରାଜ୍ୟର ବିକାଶକୁ ବହୁଗୁଣିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ନାଏକ ପ୍ରକାଶ କରିଥିଲେ। ପ୍ରତିଟି ପ୍ରକଳ୍ପ ନିର୍ମାଣରେ ଉତ୍ତରଦାୟିତ୍ୱ ସ୍ଥିର କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭାଜନ ଗୁଡ଼ିକପାଇଁ ମାସିକ ନିର୍ମାଣ ଲକ୍ଷ୍ୟ ସ୍ଥିରୀକୃତ କରାଯିବା ସହ ସେଗୁଡ଼ିକର ମନିଟରିଂ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଯେଉଁ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ବିଳମ୍ବିତ ଅବସ୍ଥାରେ ରହିଛି ସେ ଗୁଡ଼ିକର ସ୍ଥିତି ସମୀକ୍ଷା କରିବାପାଇଁ ଏକ କ୍ଷେତ୍ରୀୟ ଟିମ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତିଟି ପ୍ରକଳ୍ପ ନିର୍ମାଣରେ ମାନ ବଜାୟ ରଖିବା ସହ ସ୍ଥିରୀକୃତ ସମୟରେ ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଦାୟିତ୍ୱରେ ଅବହେଳା ଯୋଗୁଁ ନିର୍ମାଣରେ ବିଳମ୍ବ ଓ ନିର୍ମାଣ ମାନରେ ଅସଂଗତି ରହିଲେ ଉତ୍ତରଦାୟିତ୍ୱ ସ୍ଥିର କରି ଦରମାବନ୍ଦ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପ୍ରାରମ୍ଭିକ ବକ୍ତବ୍ୟ ରଖି ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଶ୍ରୀମତୀ ଯାମିନୀ ଷଡଙ୍ଗୀ ୬୦ ଟି ବିଭାଜନର ନିର୍ମାଣ କାର୍ଯ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ। ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ସମୀକ୍ଷା ବୈଠକକୁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ନିର୍ମାଣ କାର୍ଯ୍ୟ ବିଷୟରେ ତଥ୍ୟ ରଖିଥିଲେ । ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସର୍ବୋଚ୍ଚ ଯନ୍ତ୍ରୀ ଦେବେନ୍ଦ୍ର ସେଠ ବିଭିନ୍ନ ପ୍ରକଳ୍ପ ନିର୍ମାଣ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ବୈଠକରେ ବରିଷ୍ଠ ଅଧିକାରୀଗଣ ସର୍ବେଶ୍ୱର ସିଂ, ଶ୍ରୀମତୀ ଗୀତାରାଣୀ ପଟ୍ଟନାୟକ, ଶ୍ରୀମତୀ ସଂଘମିତ୍ରା ଶତପଥୀ, ସମସ୍ତ ବରିଷ୍ଠ ଯନ୍ତ୍ରୀ, ୬୦ ଟି ବିଭାଜନର କ୍ଷେତ୍ରୀୟ ଅଧିକାରୀ ତଥା ଯନ୍ତ୍ରୀ ଯୋଗଦେଇ ମନ୍ତ୍ରୀଙ୍କଠାରୁ ଦିଗଦର୍ଶନ ପ୍ରାପ୍ତ ହୋଇଥିଲେ।

## ସ୍ୱାଧୀନତା ଦିବସରେ 'ପରବର୍ତ୍ତୀ ସ୍ତରର କୁଶଳତା' ପାଇଁ ମହାପ୍ରବନ୍ଧକଙ୍କ ପ୍ରତିବଦ୍ଧତା

# ପୂର୍ବ ତଟ ରେଳପଥ ରେକର୍ଡ ମାଲ ପରିବହନ ଏବଂ ଯାତ୍ରୀ ଅଭିବୃଦ୍ଧି ହାସଲ କରିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



୭୯ତମ ସ୍ୱାଧୀନତା ଦିବସ ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମଗ୍ର ପୂର୍ବତଟ ରେଳପଥ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ସେ କର୍ମଚାରୀମାନଙ୍କର ଅଟଳ ସମର୍ପଣ ଏବଂ ସାମୂହିକ ପ୍ରୟାସକୁ ପ୍ରଶଂସା କରିଛନ୍ତି, ଯାହା ବର୍ଷ ପରେ ବର୍ଷ ଭାରତୀୟ ରେଳପଥରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଏହି ଜୋନକୁ ନିରନ୍ତର ସ୍ଥାନ ଦେଇଆସୁଛି ।

ପୂର୍ବ ତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ ମାଲ ପରିବହନ ହାସଲ କରିବାରେ ଦେଶର ପ୍ରଥମ ରେଳ ଜୋନ ହୋଇ ଇତିହାସ ସୃଷ୍ଟି କରିଛି - ଯାହା ୨୦୨୪ - ୨୫ରେ ସ୍ଥାପନ ହୋଇଥିବା ୧୪୮ ଦିନର ପୂର୍ବ ରେକର୍ଡ ତୁଳନାରେ ଏକ ଉଲ୍ଲେଖନୀୟ ଉନ୍ନତି। ୧୨ ଅଗଷ୍ଟ ୨୦୨୫ରେ ହାସଲ ହୋଇଥିବା ଏହି ସଫଳତା ଗତ ବର୍ଷ ତୁଳନାରେ ୧୪ ଦିନ ଆଗୁଆ ଏବଂ ସମାନ ଅବଧିରେ ୧୦.୭% ବୃଦ୍ଧିକୁ ପ୍ରତିଫଳିତ କରେ।

୨୦୨୪-୨୫ରେ, ପୂର୍ବତଟ ରେଳପଥ ଲଗାତାର ଅଷ୍ଟମ ବର୍ଷ ପାଇଁ ୨୫୯.୨୫ ଏମ୍‌ଟି ସହିତ ମାଲ ପରିବହନରେ ଏହାର ପ୍ରଥମ ସ୍ଥାନ ବଜାୟ ରଖିଛି, ଯାହା ପୂର୍ବ ବର୍ଷର ୨୫୬.୨୨ ଏମ୍‌ଟିକୁ ଅତିକ୍ରମ କରିଛି । ଯାତ୍ରୀ ପରିବହନ ୯୩.୫୨ ମିଲିୟନ (୮୫.୫୭ ମିଲିୟନରୁ) ବୃଦ୍ଧି ପାଇଛି, ଏବଂ ପ୍ରାରମ୍ଭିକ ଆୟ ୨୯,୫୬୨.୮୫ କୋଟି ଛୁଇଁଛି । ୫୮.୯୮%ର ପରିଚାଳନା ଅନୁପାତ ସମସ୍ତ ଜୋନ୍ ମଧ୍ୟରେ ଦ୍ୱିତୀୟ ସର୍ବୋତ୍ତମ। ୨୦୨୫ ରେ ୮୪୦ ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରାଯାଇଛି; ପୁରୀ-ବାଙ୍ଗିରିପୋଷି ଏବଂ ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସରେ ଏଲଏଚବି କୋଚ୍ ପ୍ରଚଳନ କରାଯାଇଛି । ପ୍ରତୀକ୍ଷାଳୟ ହଲଗୁଡ଼ିକୁ ଉନ୍ନତ କରାଯାଇଛି, ସ୍ଲିପିଂ ପଡ୍ ସ୍ଥାପନ କରାଯାଇଛି ଏବଂ ଦିବ୍ୟାଙ୍ଗ-ଅନୁକୂଳ ସୁବିଧା ଗୁଡିକୁ ଯୋଡାଯାଇଛି । ୧୧ଟି ସ୍ଥାନରେ ପ୍ରମୁଖ ଷ୍ଟେସନ ଗୁଡିକର ଉନ୍ନତି, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୫୭ଟି ଷ୍ଟେସନ ଦ୍ରୁତ ଗତିରେ ଅଗ୍ରଗତି କରୁଛି । ୩୬୮ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା, ଦକ୍ଷ ଭିଡ଼ ନିୟନ୍ତ୍ରଣ ଏବଂ ବର୍ଦ୍ଧିତ ସୁବିଧା ସହିତ ରେକର୍ଡ ୪.୯୧ ଲକ୍ଷ ଯାତ୍ରୀଙ୍କୁ ପରିଚାଳନା କରାଯାଇଛି । ସ୍ୱୟଂଚାଳିତ ଅଗ୍ନି ଚିହ୍ନଟ ପ୍ରଣାଳୀ ସ୍ଥାପନ, କବଚ କାର୍ଯ୍ୟକାରୀ, ଇଣ୍ଟରଲକିଂ ଏବଂ ଅଟୋ-ସିଗନାଲିଂ କାର୍ଯ୍ୟ ସମ୍ପାଦନ, ହାତୀ ଅନୁପ୍ରବେଶ ଚିହ୍ନଟ ଏବଂ ପ୍ରମୁଖ ସେକ୍ସନ ଗୁଡ଼ିକରେ ଗତି ସୀମା କୋହଳ। ମାଲ ପରିବହନ: ଉନ୍ନତ ରେକ୍ ରକ୍ଷଣାବେକ୍ଷଣ ପାଇଁ ଅନୁଗୁଳରେ ଏକ ନୂତନ ରୁଟିନ ଓଭରହଲ ଡିପୋ କାର୍ଯ୍ୟକ୍ଷମ, ସମ୍ବଲପୁର-ବଲାଙ୍ଗୀର ଏବଂ କଟକ-ପାରାଦୀପ ଲୁପ୍ ଲାଇନରେ ଗତି ଉନ୍ନତିକରଣ ଯୋଜନା। ସୋନପୁର-ପୁରୁଣାକଟକ ନୂତନ ଲାଇନ ଉଦ୍ଘାଟନ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପ ଅଧୀନରେ ପ୍ରମୁଖ ଦୋହରୀକରଣ ସେକ୍ସନ ଏବଂ ସବୁଠାରୁ ଦୀର୍ଘ ସୁଡ଼ଙ୍ଗ ଟି-୪ କାର୍ଯ୍ୟକ୍ଷମ କରାଯାଇଛି । ୩,୨୪୬ଟି ସ୍ୱଚ୍ଛତା ଅଭିଯାନ କରାଯାଇଛି, ୪୦,୫୦୦ ଚାରା ରୋପଣ କରାଯାଇଛି, ସୌରଶକ୍ତି ମାଧ୍ୟମରେ ୧.୬୮ କୋଟି ସଞ୍ଚୟ କରାଯାଇଛି, ଏବଂ ଏଚ୍‌ଓଜି-ସଜ୍ଜିତ ରେକ୍ ପ୍ରଚଳନ କରାଯାଇଛି । ପୂର୍ବ ତଟ ରେଳପଥର ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି, ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି, 'ଆଗରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସମର୍ପଣ ଏବଂ ସାମୂହିକ ପ୍ରୟାସ ସହିତ, ଆମେ ଭାରତୀୟ ରେଳପଥ ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିବୁ।' ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କ ପାଇଁ ପୁରସ୍କାର ବଣ୍ଟନ ଉତ୍ସବ, ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ଏକ ଜୀବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରେଳ ସୁରକ୍ଷା ବଳ ଦ୍ୱାରା ଆୟୋଜିତ ଏକ ମନୋରମ କୁକୁର ପ୍ରଦର୍ଶନୀ ସାମିଲ ଥିଲା, ଯାହା ଏହି କାର୍ଯ୍ୟକ୍ରମକୁ ଉତ୍ସାହ ଓ ରଙ୍ଗିନତାରେ ଭରିଦେଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ମାଓବାଦୀଙ୍କ...

ଅଧିକାରୀଙ୍କ ସମ୍ମୁଖରେ ଅସ୍ତ୍ରଶସ୍ତ୍ର ନେଇ ଆତ୍ମସମର୍ପଣ କରିଥିଲେ। ଏମାନେ ହେଲେ ମହିଳା ନକ୍ସଲ ରନୀତା ଓରଫ ପାୟକି, ସୁଜାତା ଓରଫ ଅରେ କୁରାମ, ଦୀପକ ଓରଫ ଭୀମା ମାଣ୍ଡବୀ ଏବଂ କୈଳାସ ଓରଫ ଭୀମା ଭୋଗମ।

## ନବୀନ ବାବୁ ଅସୁସ...

ଆଇନ୍ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ମେଡିକାଲରେ ପହଞ୍ଚି ନବୀନ ବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଅବଗତ ହୋଇଛନ୍ତି। ତାଙ୍କର ଆଶୁ ଆରୋଗ୍ୟ ନିମନ୍ତେ ଡାକ୍ତରଙ୍କ ସହିତ କଥାବାର୍ତ୍ତା କରିଛନ୍ତି।

ବିଜେଡି ସରକାରରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଭୂତି ଭୂଷଣ ବଳବନ୍ତରାୟ, ବରି ବିଧାୟକ ବିଶ୍ୱରଂଜନ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସ୍ୱରୂପ ଦାସ, ପ୍ରଣବ ବଳବନ୍ତ ରାୟ, ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ସୁଲୋଚନା ଦାସ ପ୍ରମୁଖ ନବୀନବାବୁଙ୍କୁ ହସ୍‌ପିଟାଲରେ ଭେଟିଛନ୍ତି।

ତେବେ ନବୀନ ପଟ୍ଟନାୟକ ଅସୁସ୍ଥ ହେବା ଖବର ଜଣାପଡ଼ିବା ପରେ ଧୀରେ ଧୀରେ ହସ୍ପିଟାଲ ଆଡ଼କୁ ଦଳୀୟ ନେତାମାନଙ୍କର ଆଗମନ ହେଉଛି। ଭିଡ଼ ଆଶଙ୍କା କରି କମିସନରେଟ ପୁଲିସ ସତର୍କ ରହିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ପୁଣି ଅସୁସ୍ଥ ହେବାକୁ ତାଙ୍କୁ ଭୁବନେଶ୍ୱରର ସମ୍ ଅଲ୍ଟିମେଟ୍ ମେଡିକେୟାରରେ ରବିବାର ସନ୍ଧ୍ୟା ୫ଟା ୧୫ରେ ଭର୍ତ୍ତି କରାଯାଇଛି। ନବୀନ ପଟ୍ଟନାୟକଙ୍କର ଚିକିତ୍ସା ଡାକ୍ତର ଆଲୋକ ପାଣିଗ୍ରାହୀ କରୁଛନ୍ତି। ତାଙ୍କୁ ଡିହାଇଡ୍ରେସନ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

## ଆଶୁ ଆରୋଗ୍ୟ...

ମାଝୀ ଏକ୍ସରେ ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣିବାକୁ ପାଇଲି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରୁଛି।

## ସି.ପି. ରାଧାକୃଷ୍ଣନ...

ଏଥିରେ ନଦୀ ସଂଯୋଗୀକରଣ, ଆତଙ୍କବାଦର ନିପାତ ଓ ଜାତିପ୍ରଥାକୁ ସଂପୂର୍ଣ୍ଣ ଲୋପ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ। ଏନେଇ ଅଗଷ୍ଟ ୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଥିବା ବେଳେ ୨୨ ତାରିଖରେ ଏହାକୁ ଯାଞ୍ଚ କରାଯିବ। ଅଗଷ୍ଟ ୨୫ ହେଉଛି ନାମାଙ୍କନ ପ୍ରତ୍ୟାହାର କରିବା ଶେଷ ତାରିଖ। ଶେଷରେ ସେପ୍ଟେମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟିଂ ହେବ।

ମତଦାନର ସମୟ ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି। ଭୋଟିଂ ଶେଷ ହେବା ପରେ ସେହିଦିନ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଅର୍ଥାତ ସେପ୍ଟେମ୍ବର ୯ ତାରିଖରେ ଦେଶକୁ ନୂଆ ଉପ ରାଷ୍ଟ୍ରପତି ମିଳିବେ।

ଜୁଲାଇ ୨୧ ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ। ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି। ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି ପଦ ପୂରଣ ପାଇଁ ସେପ୍ଟେମ୍ବର ୯ରେ ଭୋଟ ହେବ ବୋଲି ଘୋଷଣା କରିଛନ୍ତି।

## ବଦଳିବ...

ତୃତୀୟ କାର୍ଯ୍ୟକାଳ ପୂର୍ବରୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପିଏମଓ ଜନସାଧାରଣଙ୍କର ହେବା ଉଚିତ। ଏହା ମୋଦୀଙ୍କ ପିଏମଓ ହୋଇ ରହିଯିବା ଉଚିତ ନୁହେଁ।

ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୃହ ମନ୍ତ୍ରଣାଳୟ ଏବଂ କାର୍ମିକ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ 'କର୍ତ୍ତବ୍ୟ ଭବନ-୩' ଉଦ୍‌ଘାଟନ କରିବା ସମୟରେ କହିଥିଲେ ଯେ ପ୍ରଶାସନିକ ଯନ୍ତ୍ରପାତି ଏବେ ବି ବ୍ରିଟିଶ ସମୟର କୋଠାରୁ କାମ କରୁଛି, ଯେଉଁଠାରେ ଆଲୋକ ଏବଂ ବାୟୁଚଳନର ଅଭାବ ରହିଛି। ନର୍ଥ ବ୍ଲକ ଏବଂ ସାଉଥ ବ୍ଲକ ଗତ ୮ ଦଶନ୍ଧି ଧରି ଭାରତ ସରକାରଙ୍କ କାର୍ଯ୍ୟର କେନ୍ଦ୍ର ହୋଇଆସିଛି। ଉଭୟ ବ୍ଲକକୁ 'ଯୁଗେ ଯୁଗେ ଭାରତ ସଂଗ୍ରହାଳୟ' ନାମକ ଏକ ସାର୍ବଜନୀନ ସଂଗ୍ରହାଳୟରେ ପରିଣତ କରାଯିବ।

## ବଙ୍ଗୋପସାଗରରେ...

ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଯାଇଛି। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିଥିଲା। ବଜ୍ରପାତ ପାଇଁ ସତର୍କ ସୂଚନା ଦିଆଯାଇଥିଲା । ୧୮ରୁ ବର୍ଷା ବଢ଼ିବା ସମ୍ଭାବନା ଥିବାବେଳେ କୋରାପୁଟ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ଣ୍ଣିଂ ରହିଛି। ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଛି।

## ଟାରିଫ : ଭାରତୀୟ ...

ଉଠାଇଥିଲେ। ମାର୍ଚ୍ଚରୁ ଜୁନ ମଧ୍ୟରେ ସେମାନେ ୩୮,୬୭୩ କୋଟି ଟଙ୍କା ନିବେଶ କରିଥିଲେ। ମର୍ନିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି, ବିଶ୍ୱ ଅନିଶ୍ଚିତତା, ଭୂ-ରାଜନୈତିକ ତିକ୍ତତା ଓ ଆମେରିକୀୟ ଡଲାରର ମଜଭୂତି ଭାରତ ଭଳି ଉଭୟ ବଜାରର ଆକର୍ଷଣ କମାଇଛି।

# ଭାରତୀୟ ସଂସ୍କୃତିରେ ମାନବ ଧର୍ମ ଓ ରାଜଧର୍ମ ପୁସ୍ତକ ଉନ୍ମୋଚନ ଓ ଆଲୋଚନା ଚକ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଅବସରରେ ଭାରତୀୟ ସଂସ୍କୃତିରେ ମାନବ ଧର୍ମ ଓ ରାଜଧର୍ମ ସଂପର୍କିତ ଏକ ପୁସ୍ତକ ଉନ୍ମୋଚନ ଓ ଆଲୋଚନା ଚକ୍ର ସହିଦନଗର ଜୟଦେବ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଐତିହାସିକ, ଗବେଷକ ତଥା ସାହିତ୍ୟିକ ଡ଼ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପୌରହିତ୍ୟ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସଂସ୍କୃତି ମହାବିଦ୍ୟାଳୟର ପୂର୍ବତନ କୁଳପତି ଡ଼ ପ୍ରଫୁଲ୍ଲ କୁମାର ମିଶ୍ର, ପୂଜ୍ୟପୂଜା ସଂସ୍କୃତି ପୁରୁଷ ଡ଼ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପଦ୍ମଶ୍ରୀ ଡ଼ ଅଶୋକ ମହାପାତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ଡ଼ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଡ଼ ଅରବିନ୍ଦ ଢାଲି ପ୍ରମୁଖ ଯୋଗଦେଇ ପୂର୍ବତନ ଶାସନ ସଚିବ ଡ଼ ଅଜିତ କୁମାର ତ୍ରିପାଠୀଙ୍କ ଲିଖିତ ପୁସ୍ତକ ଭାରତୀୟ ସଂସ୍କୃତିରେ ମାନବ ଧର୍ମ ଓ ରାଜଧର୍ମକୁ ଉନ୍ମୋଚନ କରିଥିଲେ। ଲେଖକ ଡ଼ ତ୍ରିପାଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ ସମାଜ ତତ୍ତ୍ୱ, ରାଜଧର୍ମ, ପୂଜ୍ୟପୂଜା, ସାମାଜିକ ସୁବାର୍ତ୍ତା, ଧର୍ମୀୟ ଚେତନା, ମାନବିକତା ସହିତ ସାଂପ୍ରତିକ ସମୟରେ କିପରି ଏ ସବୁ ମହନୀୟ ଗୁଣ ଗୁଡିକର ବ୍ୟାପକ ପରିପ୍ରକାଶ ଏବଂ ସାଧାରଣ ମଣିଷଙ୍କ କର୍ମରେ ଆସି ପାରିବ ତାହା ଏହି ପୁସ୍ତକରେ ସ୍ଥାନିତ ହୋଇଛି। ଏଥିରେ ୧୩୫ଟି ଆଲେଖ୍ୟ ଓ ୪୬୮ପୃଷ୍ଠା ରହିଛି ବୋଲି କହିଥିଲେ। ଡ଼ ପ୍ରଫୁଲ୍ଲ ମିଶ୍ର ପୁସ୍ତକଟିର ସମୀକ୍ଷା କରି କହିଥିଲେ ଗଭୀର ତତ୍ତ୍ୱରେ ସଜ୍ଜିତ ସାରସ୍ୱତ ପୁସ୍ତକଟି ପୂଜ୍ୟପୂଜା, ମାନବୀୟ ମୂଲ୍ୟବୋଧ ସହିତ ଏହାର ପ୍ରଭାବ ସମାଜ ଉପରେ ପଡିବ ବୋଲି କହିବା ସହିତ ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରାସଂଗିକତା ରହିଛି ବୋଲି କହିଥିଲେ। ଅନ୍ୟମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଆଦର୍ଶ ଓ ବାଣୀକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିବା ବେଳେ ଏହି ପୁସ୍ତକଟିର ଭୂୟଶୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଗୀତା ବେହେରା ଗୀତ ଗୋବିନ୍ଦ ଗାନ କରିଥିବା ବେଳେ ସଭାର ଅଧ୍ୟକ୍ଷ ଡ଼ ତ୍ରିପାଠୀ ଉକ୍ତ ପୁସ୍ତକର ମହତ୍ତ୍ୱ ଓ ବିଶେଷତ୍ତ୍ୱ ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ବାପୁ ଓଝା, ପଦ୍ମନାଭ ତ୍ରିପାଠୀ ପରିଚାଳନା କରିଥିବା ବେଳେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାହାମା-ପାରାଦୀପ ସେକ୍ସନ ମଧ୍ୟରେ ୨ ଟ୍ରେନ୍ ୨୦ ଯାଏଁ ବାତିଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସୁରକ୍ଷା ବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଉତ୍ତମ ଟ୍ରେନ ପରିଚାଳନା କ୍ଷମତା ପ୍ରଦାନ କରିବା ପାଇଁ, ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରାହାମା, ବଡ଼ବନ୍ଧ ଏବଂ ପାରାଦୀପ ଷ୍ଟେସନରେ ପ୍ରି-ନନ୍ ଇଂଟରଲକିଂ (ପ୍ରି-ଏନ୍‌ଆଇ) ଏବଂ ନନ୍ ଇଂଟରଲକିଂ (ଏନ୍‌ଆଇ) କାର୍ଯ୍ୟ କରିବ। ବଡ଼ବନ୍ଧ ଷ୍ଟେସନରେ ଏକ ଅତିରିକ୍ତ ଲୁପ୍ ଲାଇନ ଯୋଗାଇବା ସହିତ ରାହାମା-ପାରାଦୀପ ସେକ୍ସନ ମଧ୍ୟରେ ଅଟୋ-ସିଗ୍ନାଲିଂ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ନିମ୍ନଲିଖିତ ଟ୍ରେନଗୁଡ଼ିକ ୧୬ ଅଗଷ୍ଟରୁ ୨୦ ଅଗଷ୍ଟ ପର୍ଯ୍ୟନ୍ତ ବାତିଲ ରହିବ। ଟ୍ରେନ୍ ନମ୍ବର ୬୮୪୩୫/୬୮୪୩୬ କଟକ-ପାରାଦୀପ-କଟକ ମେମୁ ପାସେଞ୍ଜର ଟ୍ରେନ ଏବଂ ୫୮୪୦୫/୫୮୪୦୫ କଟକ-ପାରାଦୀପ-କଟକ ପାସେଞ୍ଜର ଟ୍ରେନ ଉଭୟ ପଟୁ ବାତିଲ ରହିବ।

## "ମଧୁଲିତା"ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ଉତ୍ସବ

# ଭୂଦାନ ନେତା କୃଷ୍ଣ ସିଂହ ପାଇଲେ ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମନନଶୀଳ ପାରିବାରିକ ପତ୍ରିକା "ମଧୁଲିତା"ର ସ୍ୱତନ୍ତ୍ର ସଂଖ୍ୟା ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ବର୍ଷିୟାନ୍ ଭୂଦାନ ଓ ସର୍ବୋଦୟ ନେତା, ବିଶିଷ୍ଟ ଶିକ୍ଷାବିତ୍, ସମାଜ ସଂସ୍କାରକ, ବରିଷ୍ଠ କବି ଓ ଲେଖକ ତଥା କୋରାପୁଟର ଗାନ୍ଧୀ ଭାବେ ସୁ-ପରିଚିତ କୃଷ୍ଣ ସିଂହଙ୍କୁ ୨୦୨୫ ମସିହା ପାଇଁ "ମଧୁଲିତା ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଉଦ୍‌ଘାଟକଭାବେ ଯୋଗଦାନ କରି ପ୍ରଖ୍ୟାତ ଭାଷାବିତ୍ ଡ଼ଃ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, "ନାରୀମାନେ ନିଜର ସୁରକ୍ଷା ନିମନ୍ତେ ନିଜକୁ ସଶକ୍ତ କରିବା ସହ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ୍ ।" ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବରିଷ୍ଠ କବି ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଡଃ ଅଲେଖ ଚନ୍ଦ୍ର ପଢିଆରୀ ନାରୀ ସୁରକ୍ଷା ଓ ଆମ ସାମାଜିକ ବ୍ୟବସ୍ଥା ଉପରେ ଆଲୋକପାତ କରି କହିଲେ, "ଆମେ ଏକ ଅସୁସ୍ଥ ସମାଜ ମଧ୍ୟ ଦେଇ ଗତି କରୁଛେ । ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଦୂର କରିପାରିଲେ ଏକ ଉତ୍ତମ ସମାଜ ଗଠନ ହୋଇପାରିବ ।" ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ ଯୋଗଦାନ କରି ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଏସ୍.ସି.ବି. ମେଡ଼ିକାଲ୍ କଲେଜ ନ୍ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡାକ୍ତର ସଂଜୟ ଚୌଧୁରୀ ସଚେତନ ନାଗରିକଟିଏ ସ୍ୱାସ୍ଥ୍ୟ ସଚେତନ ହେବା ଖୁବ୍ ଜରୁରୀ ବୋଲି କହିଥିଲେ । ସେହିପରି ବିଶିଷ୍ଟ ଅତିଥି, ଦୂରଦର୍ଶନ ଖବର ପାଠିକା ଶ୍ରୀମତୀ କଳ୍ପନା ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ଚିତ୍ରକର ଓ ସାହିତ୍ୟିକା ଶ୍ରୀମତୀ ନଳିନୀ ମିଶ୍ର ମହିଳା ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଲେଖିକା ଓ ସାମ୍ବାଦିକା ଶ୍ରୀମତୀ ମଧୁଲିତା ପରିଡ଼ା ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ସାମ୍ବାଦିକା ଦିପ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କବି ମଧମିତା ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶ୍ରୀମତୀ ନଳିନୀ ମିଶ୍ରଙ୍କ ଚିତ୍ରକର ଜୀବନ ଉପରେ ଏହି ସ୍ୱତନ୍ତ୍ର ବିଶେଷାଙ୍କ କରାଯାଇଛି। ଶେଷରେ ସାମ୍ବାଦିକା ଦିପ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ଫେରିଲେ ସୁନାପୁଅ ଗ୍ରୁପ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା

**ନୂଆଦିଲ୍ଲୀ :**



'ଭାରତ ମାତା କି ଜୟ ନାରାରେ କମ୍ପୁଛି ଗଗନ ପବନ । ବାଜୁଛି ଢୋଲ। ସମସ୍ତଙ୍କ ମନରେ ଆନନ୍ଦ-ଉଲ୍ଲାସ । ଭାରତ ଫେରିଛନ୍ତି ଦ୍ୱିତୀୟ ମହାକାଶଚାରୀ ତଥା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଯାଇଥିବା ସୁନାପୁଅ ବାୟୁସେନା ଗ୍ରୁପ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା । ଶନିବାର ବିଳମ୍ବିତ ରାତିରେ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଗ୍ରାଣ୍ଡ ୱେଲକମ୍ କରାଯାଇଛି । ବିମାନ ବନ୍ଦରରେ ତାଙ୍କ ପତ୍ନୀ କାମନା ଶୁକ୍ଳା ଓ ପୁଅଙ୍କ ସହିତ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂହ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଇସ୍ରୋ ମୁଖ୍ୟ ଭି. ନାରାୟଣନ ଉପସ୍ଥିତ ଥିଲେ ।

ଶୁଭାଂଶୁ ଶୁକ୍ଳା ଆସିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ସେଠାରେ ଉପସ୍ଥିତ ଲୋକ ହାତରେ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ ନାରା ଦେଇଥିଲେ । ଏୟାରପୋର୍ଟ ବାହାରେ ବି ତାଙ୍କୁ ଗ୍ରାଣ୍ଡ ୱେଲକମ୍ କରାଯାଇଥିଲା । ନାସାର ଆକ୍ସିଅମ୍-୪ ମହାକାଶ ମିସନର ପାଇଲଟ୍ ତଥା ମହାକାଶରେ ତ୍ରିରଙ୍ଗା ଉଡ଼ାଇଥିବା ଭାରତର ଦ୍ୱିତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଭାରତ ଫେରିଛନ୍ତି । ଆସନ୍ତା ୨୩ ଇସ୍ରୋର ଏକ କାର୍ଯ୍ୟକ୍ରମରେ ସାମିଲ ହେବେ ଶୁଭାଂଶୁ ଶୁକ୍ଳା । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି । ନାସାର ଆକ୍ସିଓମ୍-୪ ସ୍ପେସ୍ ମିଶନ୍‌ର ପାଇଲଟ ଥିଲେ ଶୁଭାଂଶୁ । ଆଇଆଇଏସ୍‌ରେ ୧୮ଦିନ ରହି ୬୦ରୁ ଅଧିକ ବୈଜ୍ଞାନିକ ପ୍ରୟୋଗ ଓ ୨୦ରୁ ଅଧିକ ଅବଜରଭେସନ୍ ସେସନ୍ କରି ଇତିହାସ ରଚିଥିଲେ ଶୁଭାଂଶୁ। ଜୁଲାଇ ୨୫ରେ ସ୍ପେସ୍‌ଏକ୍ସ ଫାଲକନ ରକେଟ୍‌ରେ ମହାକାଶ ଯାତ୍ରା କରିଥିଲେ। ଶୁଭାଂଶୁଙ୍କ ଫେରିବାକୁ ନେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତର ମହାକାଶ କାର୍ଯ୍ୟକ୍ରମ ପାଇଁ ଗର୍ବର ମୂହୁର୍ତ୍ତ ଆସିଥିଲା ଯେବେ ଗଗନଯାନ ମିଶନ ପାଇଁ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଆଜି ଦିଲ୍ଲୀରେ ପହଞ୍ଚିଲେ ।'' ଭାରତ ଫେରିବାକୁ ନେଇ ଶୁଭାଂଶୁ କହିଛନ୍ତି, ଯେତେବେଳେ ମୁଁ ଭାରତ ଫେରିବା ପାଇଁ ବିମାନରେ ବସିଲି, 'ସେତେବେଳେ ମୋ ହୃଦୟ ଭାବନାରେ ଭରି ଯାଇଥିଲା । ଏହି ମିଶନରେ ମୋ ସହ ଥିବା ମୋର ବନ୍ଧୁଙ୍କୁ ଛାଡ଼ି ମୁଁ ଦୁଃଖିତ । ମିଶନ ପରେ ପ୍ରଥମ ଥର ପାଇଁ ମୋର ସମସ୍ତ ବନ୍ଧୁ, ପରିବାର ଏବଂ ଦେଶର ସମସ୍ତଙ୍କୁ ଭେଟିବାକୁ ନେଇ ମୁଁ ଉତ୍ସାହିତ। ମୁଁ ଭାବୁଛି ଜୀବନ ଏହା ହିଁ - ଏକାଥରେ ସବୁକିଛି ।'

NATIONAL HEALTH MISSION

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

No-3376 CACELLATION NOTICE OF IEC-BCC TENDER Date-14/08/2025 E-322

In pursuance to this office Advertisement no-2826 dtd-08.07.2025 the tender for supply of IEC-BCC materials under NHM,Dhenkanal is hereby cancelled due to administrative reasons.

OIPR-10059/11/0021/2526

Sd /-
CDM&PHO cum DMD, Dhenkanal

ସୁଦୃଢ଼ ଓଡ଼ିଶା

ଭୁବନେଶ୍ୱର
୧୮ ଅଗଷ୍ଟ,
ସୋମବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ‘୭ ଦିନ ମଧ୍ୟରେ ଘୋଷଣା ହେବ ଶ୍ରୀମନ୍ଦିର ପରିଚାଳନା କମିଟି’



ପୁରୀ, ୧୭/୮ ନ୍ୟୁଜ ବ୍ୟୁରୋ
ବର୍ଷେ ପୂରିବାକୁ ବସିଲାଣି, ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରୁନି। ଏହାକୁ ନେଇ କଳ୍ପନା ଜଳ୍ପନା ଚାଲିଥିବା ବେଳେ ଆସନ୍ତା ଗୋଟିଏ ସପ୍ତାହ ଭିତରେ ନୂଆ କମିଟି ଗଠନ ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କମିଟି ନଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ପାରୁନି। ଅନେକ କାମ ମଧ୍ୟ ଅଧପନ୍ତରିଆ ପଡ଼ିଛି। ଶ୍ରୀଜୀଉଙ୍କ ନୀତିକାନ୍ତିରେ ଶୃଙ୍ଖଳା ଆଣିବାକୁ ରହିଥିବା ପ୍ରସ୍ତାବ ଉପରେ ମୋହର ବାଜି ପାରୁନାହିଁ। ତା’ ସହିତ ଭକ୍ତଙ୍କ ସୁରକ୍ଷା, ଶ୍ରୀମନ୍ଦିର ସୁରକ୍ଷା ସହ ଶ୍ରୀମନ୍ଦିର ଆଇନରେ ସଂଶୋଧନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅଟକି ରହିଛି। କମିଟି ଗଠନ ହେଲେ ଏହି ସବୁ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। କମିଟି ଗଠନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ। ଆଗାମୀ ରଥଯାତ୍ରା ପାଇଁ ୧୯ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟେ ପରିଚାଳନା କମିଟିକୁ ନେଇ କୋର୍ଟରେ ମାମଲା ଗଡ୍ଡୁଛି। କମିଟିରେ ପୂଜାପଣ୍ଡା ନିଯୋଗ, ଦଇତାପତି ନିଯୋଗ, ସୁଆରମହାସୁଆର ନିଯୋଗ, ପ୍ରତିହାରୀ ନିଯୋଗ ଓ ପୁଷ୍ପାଳକ ନିଯୋଗରୁ ଜଣେ ଲେଖାଏଁ ସଦସ୍ୟଙ୍କୁ ସରକାର ଚୟନ କରୁଛନ୍ତି। ଛାମୁ ଖୁଣ୍ଟିଆ ନିଯୋଗର ଜଣେ ସଦସ୍ୟଙ୍କୁ ପରିଚାଳନା କମିଟିରେ ସାମିଲ କରିବା ଦାବିରେ ନିଯୋଗ ହାଇକୋର୍ଟର ଦ୍ୱାରସ୍ଥ ହୋଇଛି। ସେପ୍ଟେମ୍ବର ୩ରେ ମାମଲାର ଶୁଣାଣି ହେବ । ୩ ତାରିଖରେ ସରକାର ସତ୍ୟପାଠ ଦାଖଲ କରିବେ। ଏଥିରେ ପରିଚାଳନା କମିଟିରେ ସାମିଲ ହେବାକୁ ଥିବା ପ୍ରତିଟି ସଦସ୍ୟଙ୍କ ନାମ ଦାଖଲ କରିବେ। କୋର୍ଟରେ ନାମ ଦାଖଲ ନ କରି ସରକାର କିଭଳି କମିଟି ଗଠନ କରିଦେବେ ବୋଲି ପ୍ରଶ୍ନ କରିଛନ୍ତି ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ। ସେ ଆହୁରି ମଧ୍ୟ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଯଦି ନିଯୋଗ ସଦସ୍ୟଙ୍କୁ ପରିଚାଳନା କମିଟିରେ ସାମିଲ କରାନଯାଏ ତେବେ ଆମେ ସୁପ୍ରିମକୋର୍ଟ ଯିବୁ। ଏଣୁ ଏଥିରେ କମିଟି ଗଠନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଯଦି ଛାମୁଖୁଣ୍ଟିଆ ନିଯୋଗ ସଦସ୍ୟଙ୍କୁ ସୁଯୋଗ ମିଳେ, ତେବେ ଅନ୍ୟ ନିଯୋଗମାନେ ମଧ୍ୟ ଏହାକୁ ପ୍ରସଙ୍ଗ କରି କମିଟି ସଦସ୍ୟ ହେବାକୁ ଦାବି କରିବେ। ଏଭଳି ବିବାଦ ହେଲେ ଅଭାବନୀୟ ସ୍ଥିତି ସୃଷ୍ଟିହେବ। କମିଟି ଯଦି ବିବାଦକୁ ଚାଲିଯାଏ କିମ୍ବା କମିଟି ଗଠନ ଉପରେ କଟକଣା ଲାଗେ ତେବେ ଅଧିକାରୀମାନଙ୍କର ସ୍ୱେଚ୍ଛାଚାରିତା ବଢ଼ିବ, ଯାହା ଅଧିକାରୀମାନେ ଚାହୁଁଛନ୍ତି ବୋଲି ଜଣେ ବରିଷ୍ଠ ସେବାୟତ କହିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ପ୍ରଶାସନର ପ୍ରତିଟି ନିଷ୍ପତ୍ତି ପରିଚାଳନା କମିଟିର ଅନୁମୋଦନ




ଭୁବନେଶ୍ୱର : ଜୟଦେବ ଭବନରେ ଅନୁଷ୍ଠିତ ସାପ୍ତାହିକ ପତ୍ରିକା ‘ରାଷ୍ଟ୍ରଦୀପ’ର ୬୦ ବର୍ଷ ପୂର୍ତ୍ତି ସମାରୋହ ଉତ୍ସବକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

## ସହରାଞ୍ଚଳରେ ନାଗରିକ ସେବାରେ ପରିବର୍ତ୍ତନ ପାଇଁ ଆରଟିପିଏସ୍ ଅଧିନିୟମ ସମ୍ପର୍କରେ ବୈଠକ

# ‘ଆରଟିପିଏସ ଆଇନ ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା’



ଭୁବନେଶ୍ୱର,୧୭/୮
ନ୍ୟୁଜ ବ୍ୟୁରୋ
“ନାଗରିକ-ପ୍ରଥମ” ଶାସନ ପ୍ରତି ପ୍ରତିବଦ୍ଧତାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସହରାଞ୍ଚଳ ଶାସନ ଏବଂ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜନସେବା ଅଧିକାର (ଆରଟିପିଏସ) ଆଇନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବିଭାଗ ପାଇଁ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରି ଶ୍ରୀମତୀ ପାଢୀ କହିଛନ୍ତି, ‘ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା। ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି ଆମେ ଏପରି ସହର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଠାରେ ନାଗରିକମାନେ ଶାସନକୁ ଏକ ଅଧିକାର ଭାବରେ ଅନୁଭବ କରିବେ ଅନୁଗ୍ରହ ନୁହେଁ। ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସ୍‌ଡି)ର ସହ-ପ୍ରତିଷ୍ଠାତା ତଥା ପରାମର୍ଶଦାତା ଶ୍ରୀ ଜଗାନନ୍ଦ ଆର.ଟି.ପି.ଏସ୍ ଅଧିନିୟମର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ପ୍ରଦାନ କରିଥିଲେ। ସୂଚନା ଅଧିକାର ଅଧିନିୟମ ସହିତ ସମାନତା ଦର୍ଶାଇ ସେ ଉଲ୍ଲେଖ କରିଥିଲେ ଯେ ଆରଟିପିଏସ୍ ସହରାଞ୍ଚଳ ଶାସନରେ ଏକ ଉତଃପ୍ରେରକ ଭାବେ କାର୍ଯ୍ୟ କରିପାରିବ। ଏହାକୁ ଆଗକୁ ନେବା ପାଇଁ ଦକ୍ଷତା ବିକାଶ, ସିଷ୍ଟମ ରି-ଇଞ୍ଜିନିୟରିଂ, ପ୍ରଭାବଶାଳୀ ରେକର୍ଡ ରଖିବା ଏବଂ ନାଗରିକ-ଭିତ୍ତିକ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବି.ଡି.ଏର ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସିର କମିସନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ସଚିବ ଏସ୍. ରାଉତ୍ରେଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅଂଶଗ୍ରହଣ କରିଥିଲେ।

# ଆକାଶପଥରେ ଯୋଡି ହେଲା ଭୁବନେଶ୍ୱର-ଝାରସୁଗୁଡ଼ା : ବିମାନ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭/୮
ନ୍ୟୁଜ ବ୍ୟୁରୋ
ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଝାରସୁଗୁଡା ପର୍ଯ୍ୟନ୍ତ ବିମାନ ସେବାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ବିମାନ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱରରୁ ଝାରସୁଗୁଡା ପର୍ଯ୍ୟନ୍ତ ୭୬ ସିଟ୍ ବିଶିଷ୍ଟ ଷ୍ଟାର ଏୟାରର ଏହି ବିମାନଟି ଓଡ଼ିଶା ନିୟୁ ଡେଷ୍ଟିନେସନ ପଲିସି ଅଧୀନରେ ବିମାନ ଯୋଜନାରେ ବିମାନ ଚଳାଚଳ ଆରମ୍ଭ କରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନ ବନ୍ଦରରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ଏମ୍‌ଆରଓ ବ୍ୟବସ୍ଥା ବିକଶିତ କରାଯିବା ପାଇଁ ଯୋଜନା ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେପଟେ ଦୁଇଟି ସିଫ୍ଟରେ କାମ କରିବ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ‘ବର୍ତ୍ତମାନ ବିମାନଟି ସପ୍ତାହରେ ୫ ଦିନ ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଭୁବନେଶ୍ୱରରୁ ଝାରସୁଗୁଡା ଚଳାଚଳ କରିବ । ମାତ୍ର ୪୫ ମିନିଟ ମଧ୍ୟରେ ଏହି ବିମାନଟି ଭୁବନେଶ୍ୱରରୁ ଝାରସୁଗୁଡାରେ ପହଞ୍ଚିବ। ଖୁବ୍‌ଶୀଘ୍ର ଏହାକୁ ଦୈନିକ ବିମାନ ସେବାରେ ମଧ୍ୟ ପରିଣତ କରାଯିବ। ଏହି ଐତିହାସିକ ପଦକ୍ଷେପ ପଶ୍ଚିମ ଓଡ଼ିଶାକୁ ରାଜ୍ୟର ରାଜଧାନୀ ସହିତ ନିକଟତର କରିବ। ଶିଳ୍ପୋନ୍ନତି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନ-ପ୍ରଦାନକୁ ମଧ୍ୟ ଦ୍ରୁତଗତି ଦେବ।’ ଭୁବନେଶ୍ୱର ବିମାନ ବନ୍ଦରରେ ରକ୍ଷଣାବେକ୍ଷଣ, ମରାମତି ଓ ନବୀକରଣ ବ୍ୟବସ୍ଥା ବିକଶିତ କରାଯିବା ପାଇଁ ଯୋଜନା ରହିଛି । ଏମ୍‌ଆରଓ ସୁବିଧା ପ୍ରତିଷ୍ଠା ଓ ଅତିରିକ୍ତ ପ୍ରୋତ୍ସାହନ ପ୍ରସ୍ତାବକୁ ନିକଟରେ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି । ବିମାନ ସେବା ପାଇଁ ଓଡ଼ିଶାକୁ ଏକ ଆଞ୍ଚଳିକ ହବ୍‌ରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କ୍ୟାବିନେଟ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିଶ୍ୱସ୍ତରୀୟ ଏମ୍‌ଆରଓ ସୁବିଧା ପ୍ରତିଷ୍ଠାକୁ ଅନୁମୋଦନ କରିଛି । ବିମାନ ସେବା ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମତ୍ସ୍ୟ ଓ ପଶୁସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡଚଣା ବିଧାୟକ ଅମର ନାୟକ, ନିଆଳୀ ବିଧାୟକ ଛବି ମଲ୍ଲିକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଏବଂ ଭୁବନେଶ୍ୱର ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ସେପଟେ ଭୁବନେଶ୍ୱର ସହିତ ଆକାଶ ମାର୍ଗରେ ଯୋଡ଼ି ହେବା ପରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ବଦଳିଛି କାର୍ଯ୍ୟ କରିବାର ସମୟ। ଝାରସୁଗୁଡ଼ା ବିମାନବନ୍ଦର ୨ଟି ସିଫ୍ଟରେ କାର୍ଯ୍ୟ କରିବା ଆରମ୍ଭ କରିଛି । ମଙ୍ଗଳବାର, ଗୁରୁବାର, ଶୁକ୍ରବାର, ଶନିବାର ସକାଳ ୭ଟା ୩୫ରୁ ରାତି ୧୦ଟା ୧୦ ଯାଏଁ, ବୁଧବାର ସକାଳ ୭ଟା ୩୫ରୁ ସନ୍ଧ୍ୟା ୬ଟା ୩୦ ଯାଏଁ, ରବିବାର ଓ ସୋମବାର ଦିନ ୧୨ଟାରୁ ରାତି ୯ଟା ୪୫ ମିନିଟ୍ ଯାଏଁ ବିମାନବନ୍ଦର କାର୍ଯ୍ୟ କରିବ ବୋଲି କର୍ତ୍ତୃପକ୍ଷ ସୂଚନା ଜାରି କରିଛନ୍ତି ।

# ଯୁବତୀଙ୍କୁ ଘରେ ରଖି ଯୌନ ନିର୍ଯାତନା ଅଭିଯୋଗ : ଥାନାରେ ଏତଲା

ବାରିପଦା, ୧୭/୮ ନ୍ୟୁଜ ବ୍ୟୁରୋ
ଯୁବତୀଙ୍କୁ ଦୀର୍ଘ ଦିନ ଧରି ନିଜ ଘରେ ରଖି ଯୌନ ନିର୍ଯାତନା ଦେଇ ଆସୁଥିବା ନେଇ ଅଭିଯୋଗ ହୋଇଛି। ସରକାରୀ ବାବୁଙ୍କ କାରନାମା ପଦାରେ ପଡ଼ିଯିବ ସେଥିପାଇଁ ତାଙ୍କ ସ୍ତ୍ରୀ ଯୁବତୀଙ୍କୁ ଘରୁ କୁଆଡେ ଛାଡୁନଥିଲେ। ଏନେଇ ପୀଡିତା ଯୁବତୀଙ୍କ ଭଞ୍ଜପୁର ଥାନାରେ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇଛି। ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ବାରିପଦା ରେଡ଼ିଓ ଷ୍ଟେସନରେ କାର୍ଯ୍ୟରତ ଜଣେ ବ୍ୟକ୍ତିଙ୍କ ନାଁରେ। ଅଭିଯୋଗ ଅନୁଯାୟୀ, ଗତ ୩ ବର୍ଷ ତଳେ ମୋରଡା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଘରେ ରଖି ପାଠ ପଢ଼ାଇବା ଓ ବଡ଼ ହେବା ପରେ ଉପଯୁକ୍ତ ପାତ୍ର ଦେଖି ବିବାହ କରାଇଦେବାର ମିଛ ପ୍ରତିଶୃତି ଦେଇ ବାବୁ ଜଣକ ଯୁବତୀଙ୍କୁ ତାଙ୍କ ଘରୁ ନେଇଆସିଥିଲେ। ହେଲେ ଝିଅକୁ ଚାକରାଣୀ କରି ଘରେ ରଖିଥିଲେ। ତାକୁ ଯୌନ ଶୋଷଣ ମଧ୍ୟ କରୁଥିଲେ। ଏବେ ନାବାଳିକା ୧୮ବର୍ଷ ପୁରି ସାବାଳିକା ହେଲେଣି। ଯୁବତୀ ଜଣଙ୍କ ନିର୍ଯାତନା ସହି ନପାରି ସେଠାରୁ ପଳାଇ ଆସି ନିଜ ଘରେ ସବୁ କଥା ପ୍ରକାଶ କରିଥିଲେ। ଯାହାକୁ ନେଇ ପରିବାର ଲୋକେ ଯୁବତୀଙ୍କୁ ନେଇ ମୋରୋଡା ଥାନାରେ ପ୍ରଥମେ ଏତଲା ଦେଇଥିଲେ। ମୋରୋଡା ପୋଲିସ ଘଟଣା ଘଟିଥିବା ବାରିପଦାର ଭଞ୍ଜପୁର ଥାନାକୁ ପଠାଇ ଦେଇଥିଲେ। ଏନେଇ ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଭଞ୍ଜପୁର ଥାନା ଘଟଣାର ତଦନ୍ତ ଜାରି ରଖିଛି।

## କଟକ ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ସେପ୍ଟେମ୍ବର ୨୮ରୁ ଶାରଦୀୟ ଦୁର୍ଗା ପୂଜା, ଅକ୍ଟୋବର ୩ରେ ଭସାଣି



କଟକ,୧୭/୦୮ ନ୍ୟୁଜ ବ୍ୟୁରୋ
ଶାରଦୀୟ ଦୁର୍ଗା ପୂଜାର ଆଦ୍ୟପର୍ବ ମାଟି ଅନୁକୂଳ ସରିଛି। ସେପ୍ଟେମ୍ବର ୨୮ରୁ ଆରମ୍ଭ ହେବ କଟକର ପ୍ରସିଦ୍ଧ ଦୁର୍ଗା ପୂଜା । ଏଥିପାଇଁ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଦୁର୍ଗାପୂଜା ଆୟୋଜନ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ସୂଚନା ଅନୁଯାୟୀ, ରବିବାର କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗା ପୂଜା ପ୍ରସ୍ତୁତି ସଭା ବିଦ୍ୟାଧରପୁରସ୍ଥିତ ଦ୍ୱାରିକାମାୟୀ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଧରପୁର ପୂଜା କମିଟି ନିମନ୍ତ୍ରଣ କ୍ରମେ ପୂର୍ବାଞ୍ଚଳ ଶାନ୍ତି କମିଟି ଅଧୀନ ସମସ୍ତ ପୂଜା କମିଟିର ସଭାପତି, ସଂପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଗାମୀ ଦୁର୍ଗାପୂଜା ଓ ଭସାଣି ଉତ୍ସବର ସଫଳ ଆୟୋଜନ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସର୍ବସମ୍ମତି କ୍ରମେ ସେପ୍ଟେମ୍ବର ୨୮ ତାରିଖରେ କଟକର ପ୍ରସିଦ୍ଧ ଦୁର୍ଗା ପୂଜା ହେବାକୁ ଦିନ ଧାର୍ଯ୍ୟ କରାଯାଇଛି । ଅକ୍ଟୋବର ୩ରେ ମାଆଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ବୈଠକରେ ରାସ୍ତାଘାଟ ମରାମତି, ଭିତ୍ତିଭୂମି ସମସ୍ୟା, ଦୁର୍ଗା ପୂଜା ଆୟୋଜନ ସଂପର୍କିତ ବିଭିନ୍ନ ସମସ୍ୟା, ଭସାଣି ଶୋଭାଯାତ୍ରା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ବୈଠକରେ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ, ଜିଲ୍ଲା ପ୍ରଶାସନ, ସିଏମ୍‌ସି କର୍ତ୍ତୃପକ୍ଷ ଓ କମିସନରେଟ୍ ପୁଲିସ ପ୍ରଶାସନ ମଧ୍ୟ ଯୋଗ ଦେଇଥିଲେ।

# ହୋମ୍ ଲୋନ୍ ସୁଧ ହାର ବୃଦ୍ଧି କଲା ଏସ୍‌ବିଆଇ

ନୂଆଦିଲ୍ଲୀ, ୧୭/୮
ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ନିକଟରେ ତା’ର ହୋମ୍ ଲୋନ୍ ସୁଧ ହାରରେ ୨୫ ବେସିସ ପଏଣ୍ଟ (୦.୨୫%) ବୃଦ୍ଧି କରିଛି, ଯାହା ନୂଆ ଋଣଗ୍ରହୀତାଙ୍କ ମାସିକ କିସ୍ତି (ଇଏମଆଇ) ଉପରେ ପ୍ରଭାବ ପକାଇବ। ଏହି ବୃଦ୍ଧି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)ର ରେପୋ ରେଟ୍ ଅପରିବର୍ତ୍ତିତ ରହିଥିବା ସତ୍ତ୍ୱେ କରାଯାଇଛି, ଯାହା ବର୍ତ୍ତମାନ ୫.୫%ରେ ରହିଛି। ଏସବିଆଇର ହୋମ ଲୋନ ସୁଧ ହାର ବର୍ତ୍ତମାନ ୮.୭୫%ରୁ ଆରମ୍ଭ ହୋଇ ୯.୧୫% ପର୍ଯ୍ୟନ୍ତ ରହିଛି। ଋଣଗ୍ରହୀତାଙ୍କ କ୍ରେଡିଟ ସ୍କୋର ଏବଂ ଋଣର ପ୍ରକାର ଉପରେ ନିର୍ଭର କରି ଏହି ହାର ସ୍ଥିର ହୋଇଥାଏ। ଏହି ବୃଦ୍ଧି ମୁଖ୍ୟତଃ ବ୍ୟାଙ୍କର ଅପରେସନାଲ ଖର୍ଚ୍ଚ ଏବଂ ବଜାର ଅବସ୍ଥାକୁ ଦୃଷ୍ଟିରେ ରଖି ନିଆଯାଇଥିବା ଜଣାପଡିଛି। ତେବେ ଏହି ବୃଦ୍ଧିର ପ୍ରଭାବ ସବୁଠୁ ଅଧିକ ନୂଆ ଋଣଗ୍ରହୀତାଙ୍କ ଉପରେ ପଡିବାକୁ ଯାଉଛି। ଉଦାହରଣ ସ୍ୱରୂପ, ୫୦ ଲକ୍ଷ ଟଙ୍କାର ହୋମ ଲୋନ ପାଇଁ (୨୦ ବର୍ଷ ମିଆଦ) ସୁଧ ହାର ୮.୭୫%ରୁ ୯% ହେଲେ ମାସିକ ଇଏମଆଇ ପ୍ରାୟ ୪୫,୫୦୦ ଟଙ୍କାରୁ ୪୬,୨୦୦ ଟଙ୍କାକୁ ବୃଦ୍ଧି ପାଇବ। ଅର୍ଥାତ୍ ଋଣଗ୍ରହିତାମାନଙ୍କୁ ମାସିକ ୭୦୦ ଟଙ୍କା ଅଧିକ ଦେୟ ରାଶି ପ୍ରଦାନ କରିବାକୁ ପଡିବ। ସେହିଭଳି ୧ କୋଟି ଟଙ୍କାର ଋଣ ପାଇଁ ଏହି ୦.୨୫% ବୃଦ୍ଧି ମୋଟ ସୁଧ ଖର୍ଚ୍ଚକୁ ୨-୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରେ।

# ନିୟମ ଉଲ୍ଲଂଘନକରି ୨୨୭ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ



କଟକ,୧୭/୦୮ ନ୍ୟୁଜ ବ୍ୟୁରୋ
ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କରିବା ଘଟଣାରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କମିଶନରଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ଚଢ଼ଉ କଡ଼ାକଡ଼ି କରାଯାଇଛି। ମାଲ୍‌ବାହୀ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଯାଇ ନ ଥିବାରୁ ଏଭଳି ୨୨୭ଟି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ କରି ଦିଆଯାଇଛି । ଦୁଇ ଦିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଗକୁ ଯଦି ଗାଡ଼ି ମାଲିକମାନେ ଏ ଦିଗରେ ସଚେତନ ନ ହେବେ ତେବେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଗଷ୍ଟ ୧୪ ରାତି ୯ରୁ ୧୨ ଓ ଅଗଷ୍ଟ ୧୫ ତାରିଖ ଭୋର ୪ରୁ ସକାଳ ୬ ଯାଏ କରାଯାଇଥିଲା । ଆରଟିଓ ମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲ୍‌ବାହୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ । ଯେଉଁ ଗାଡ଼ି ବି ଏହି ନିୟମ ଉଲ୍ଲଂଘନ କରିଥିଲେ ସେମାନଙ୍କ ଫିଟନେସ୍ ରଦ୍ଦ କରାଯାଇଛି । ଜଗତସିଂହପୁର ଆରଟିଓଙ୍କ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ାରେ ୨୬, ଭୁବନେଶ୍ୱର-୧ ରେ ୧୫, ରାଉରକେଲାରେ ୧୩, କେନ୍ଦୁଝରରେ ୧୨, କଟକ ଓ ଚଣ୍ଡିଖୋଲରେ ୯ ଟି ଲେଖାଏଁ, ଭୁବନେଶ୍ୱର-୨ରେ ୮, ଗଞ୍ଜାମରେ ୭, ବଲାଙ୍ଗିର, ତାଳଚେର ଓ କେନ୍ଦ୍ରାପଡ଼ାରେ ୬ ଟି ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ଟି ଲେଖାଏଁ ଗାଡ଼ିର ଫିଟ୍‌ନେସ୍ ରଦ୍ଦ କରାଯାଇଛି । ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ାରେ ଏବଂ ଖୋର୍ଦ୍ଧାରେ ୪ଟି ଲେଖାଏଁ ଗାଡ଼ିର ଫିଟ୍‌ନେସ୍ ରଦ୍ଦ କରାଯାଇଛି । ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଥିବା ଗାଡ଼ି ଗୁଡ଼ିକରୁ ଅନେକ ଆଦୌ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନଥିଲେ ଏବଂ କିଛି ଏହାକୁ ଠିକ୍ ଭାବେ ଲଗାଇ ନ ଥିଲେ । ସେହି ଗାଡ଼ି ଗୁଡ଼ିକ ପୁଣି ଫିଟ୍‌ନେସ୍ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି । ମୋଟର ଯାନ ଆଇନ ଅନୁଯାୟୀ, ସମସ୍ତ ବାଣିଜ୍ୟିକ ଯାନ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇବା ବାଧ୍ୟତାମୂଳକ । ଗାଡ଼ିର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଇବା ପାଇଁ ନିୟମ ରହିଛି । ଯେମିତି ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି, ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ । ବିଶେଷକରି ଜାତୀୟ ରାଜପଥରେ ରାତି ଓ ଭୋର ସମୟରେ ଭାରୀଯାନ ଚଳାଉଥିବା ଚାଳକଙ୍କ ପାଇଁ ଅନ୍ୟ ଗାଡ଼ିର ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ।

## ଅସ୍ତରଙ୍ଗ ଏବଂ ଛତ୍ରପୁର ଆଇଆଇସି ନିଲମ୍ବିତ

# ତଦନ୍ତ ରିପୋର୍ଟ ଦେବାକୁ ୨ ରେଞ୍ଜ ଆଇଜିଙ୍କୁ ଡିଜିପିଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୭/୦୮
ନ୍ୟୁଜ ବ୍ୟୁରୋ
ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଓ ଗଞ୍ଜାମ ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି ନିଲମ୍ବିତ ହୋଇଛନ୍ତି। ଉଭୟଙ୍କୁ ଡିଜିପି ୱାଇ. ବି ଖୁରାନିଆ ନିଲମ୍ବନ କରିଛନ୍ତି । ସେମାନଙ୍କ ବିରୋଧରେ ତଦନ୍ତ କରି ରିପୋର୍ଟ ଦେବାକୁ ଦୁଇ ରେଞ୍ଜ ଆଇଜିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି ।
ଇନ୍ସପେକ୍ଟର ରାଜେଶ କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନାର ଏସ୍‌ଆଇ ଥିଲାବେଳେ ଗଞ୍ଜେଇ ବେପାରକୁ ନେଇ ତାଙ୍କ ବିରୋଧରେ ଏକ ମାମଲା ହୋଇଥିଲା। ଏହା ଭିତରେ ତାଙ୍କର ପଦୋନ୍ନତି ହୋଇଥିଲା। ସେଠାରୁ ବଦଳି ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ଥିଲେ। ତାଙ୍କ ପତ୍ନୀ ଭିଜିଲାନ୍ସରେ ଅଛନ୍ତି। ସେଥିପାଇଁ ସେ ଏକାଧିକ ବାର ଭିଜିଲାନ୍ସ ପଞ୍ଝାରୁ ବର୍ତ୍ତିଯାଇଛନ୍ତି । ଗତ ୧୩ ତାରିଖ ଦିନ ଜୟପୁର ଥାନା ପୁଲିସ୍ ଭୁବନେଶ୍ୱର ୟୁନିଟ୍-୨ କ୍ୱାର୍ଟରରୁ ରାଜେଶଙ୍କୁ ଧରି କ୍ୟାପିଟାଲ ଥାନାକୁ ନେଇଥିଲା। ତାଙ୍କ ଠାରୁ ଗଞ୍ଜେଇ ମାଫିଆଙ୍କର ଏକ କାର୍ ଜବତ ହୋଇଥିଲା। ୧୪ ତାରିଖ ଦିନ କ୍ୟାପିଟାଲ ଥାନାରୁ ସେ ଚମ୍ପଟ ମାରିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପରେ ଡିଜିପି ତାଙ୍କୁ ନିଲମ୍ବିତ କରିଛନ୍ତି। କୋରାପୁଟ ଜିଲ୍ଲାରେ ଥିବା ସମୟରେ ଗଞ୍ଜେଇ ବେପାରୀଙ୍କୁ ରାକେଶ ସୁରକ୍ଷା ଦେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ୨୦୨୩ ଅଗଷ୍ଟ ୨୧ରେ ସେ ଅସ୍ତରଙ୍ଗ ଥାନାରେ ଯୋଗ ଦେଇଥିଲେ। ସେ ୫ ଦିନ ପାଇଁ ଛୁଟି ନେଇ ଭୁବନେଶ୍ୱର ସ୍ତ୍ରୀଙ୍କ କ୍ୱାର୍ଟରକୁ ଆସିଥିଲେ । ୧୫ ଅଗଷ୍ଟରେ ଯୋଗଦାନ କରିଥାନ୍ତେ । କିନ୍ତୁ ଜୟପୁର ଟାଉନ୍ ଥାନା ଏକ ମାମଲାରେ ପଚରାଉଚରା ବେଳେ ସେ କ୍ୟାପିଟାଲ ଥାନାରୁ ଫେରାର ହୋଇଗଲେ । ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଜଣାପଡିଛି । ସେହିଭଳି ଛତ୍ରପୁର ଥାନା ଇନ୍ସପେକ୍ଟର ଦେବାଶିଷଙ୍କ ନାଁରେ ବିଭିନ୍ନ ଅଭିଯୋଗ ଥିଲା। ଗଞ୍ଜେଇ ବେପାରୀଙ୍କୁ ଥାନାରୁ ଖସାଇ ଦେବା, ଏତଲା ନେଇ ଥାନାକୁ ଯାଇଥିବା ଯୁବତୀଙ୍କୁ ଅଶ୍ଳୀଳ ବ୍ୟବହାର କରିବା, ଗିରଫ ଭୟ ଦେଖାଇ ଧମକ ଚମକ ଦେଇ ବ୍ୟବସାୟୀଙ୍କ ଠାରୁ ଟଙ୍କା ଆଦାୟ କରିବା ଆଦି ଅଭିଯୋଗ ଥିଲା । ତେଣୁ ଡିଜିପି ତାଙ୍କୁ ନିଲମ୍ବିତ କରିଛନ୍ତି ।

# ଇସ୍ରାଏଲ ଆକ୍ରମଣରେ ଗାଜାରେ ୨୨ ମାସରେ ଗଲାଣି ୬୧,୮୨୭ ଜୀବନ

ନୂଆଦିଲ୍ଲୀ,୧୭/୦୮
ନ୍ୟୁଜ ବ୍ୟୁରୋ
ବୋମା, ଭୋକ ଓ ଅସହାୟତା ଭିତରେ ପ୍ରତିଦିନ ଆକାଶରୁ ଖସୁଛି ମୃତ୍ୟୁ । ପ୍ରତି ମୂହୁର୍ତ୍ତରେ ଜୀବନ ପ୍ରତି ବିପଦ । ଭୟ ଭିତରେ ବିତୁଛି ଜୀବନ । ଗାଜା ପଟ୍ଟିରେ ଲଗାତାର ଇସ୍ରାଏଲୀ ଆକ୍ରମଣର ନିଆଁ ସହ ଲଢେଇ ଚାଲିଛି। ହମଲା ଏତେ ଭୟଙ୍କର ହୋଇଛି ଯେ ପ୍ରତିଦିନ ଜୀବନ ଯାଉଛି । ରିପୋର୍ଟ ଅନୁସାରେ ୨୨ ମାସରେ ଇସ୍ରାଏଲ-ଗାଜା ସଂଘର୍ଷରେ ୬୧ ହଜାର ୮୨୭ ଜଣଙ୍କର ମୃତ୍ୟୁ ହୋଇଛି । ଗତ ୨୪ ଘଣ୍ଟାରେ ୫୧ ପାଲେଷ୍ଟିନୀଙ୍କର ମୃତ୍ୟୁ ହୋଇଥିବା ବେଳେ ୩୬୯ ଗୁରୁତର ଆହତ ହୋଇଛନ୍ତି । ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁତାବିକ ୨୦୨୩ ଅକ୍ଟୋବରରୁ ଜାରି ରହିଥିବା ସଂଘର୍ଷରେ ଏବେ ସୁଦ୍ଧା ୬୧ ହଜାର ୮୨୭ ପାଲେଷ୍ଟିନୀଙ୍କର ମୃତ୍ୟୁ ହୋଇଛି । ଖାଲି ସେତିକି ନୁହେଁ ୧ ଲକ୍ଷ ୫୫ ହଜାର ୨୭୫ ଜଣ ଗୁରୁତର ଆହତ ହୋଇଛନ୍ତି। ଲଗାତାର ବୋମାବର୍ଷା, ଗୁଳିମାଡ଼ରେ ଗାଜାକୁ ଶଶ୍ମାନରେ ପରିଣତ କରିଛି। ଧ୍ୱଂସଲୀଳା ରଚିଛି । ସୁଉଚ୍ଚ ଅଟ୍ଟାଳିକା ଏବେ ଧ୍ୱଂସାବଶେଷ ଗଦାରେ ପରିଣତ ହୋଇଛି । ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ପ୍ରକାଶ କରିଛି ଯେ, ମେ’ ମାସରୁ ମାନବିକ ସହାୟତା ପାଇବା ପାଇଁ ଅପେକ୍ଷା କରିଥିବା ସମୟରେ ୧୭୬୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଅଗଷ୍ଟ ଆରମ୍ଭରେ ଏହି ସଂଖ୍ୟା ୧,୬୧,୮୨୭ ଥିଲା । ମେ’ ପରେ ୧୮୯୮ ଲୋକଙ୍କ ମୃତ୍ୟୁ ସହାୟତା ମାଗିବା ସମୟରେ ହୋଇଛି । ହଜାର ହଜାର ଲୋକ ଆହତ ହୋଇଛନ୍ତି । ଭୋକ ସହ ଲଢେଇ-ଗାଜାରେ କେବଳ ଗୁଳି ଏବଂ ବୋମା ଯୋଗୁଁ ମୃତ୍ୟୁ ଘଟୁନାହିଁ ବରଂ ଭୋକରେ ମଧ୍ୟ ଜୀବନ ଯାଉଛି । ମହିଳା ଏବଂ ବୃଦ୍ଧଙ୍କ ଲମ୍ବା ଧାଡ଼ିରେ ରିଲିଫ୍ ସମଗ୍ରୀ ପାଇଁ ଅପେକ୍ଷା କରିଥିବା ଦେଖିବାକୁ ମିଳୁଛି । ଗୋଟିଏ ମୁଠା ଖାଇବା ବି ମିଳୁନାହିଁ । ଆକାଶରୁ ରିଲିଫ୍ ସାମଗ୍ରୀ ପହଞ୍ଚାଯାଉଛି । କିଛି ଲୋକ ପାଉଛନ୍ତି କିଛି ପାଉନାହାନ୍ତି । ସ୍କୁଲ ଉପରେ ଆକ୍ରମଣ- ଗାଜା ପଟ୍ଟିରୁ ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଇସ୍ରାଏଲୀ ହମଲାରେ ଗୋଟିଏ ସ୍କୁଲ ଧ୍ୱଂସ ହୋଇଛି। ସେଠାରେ ବିସ୍ଥାପିତ ପରିବାର ଶରଣ ନେଇଥିଲେ । ଏଥିରେ ମହିଳା ଓ ଶିଶୁ ସମେତ ଏକାଧିକଙ୍କର ମୃତ୍ୟୁ ହୋଇଛି । ସ୍କୁଲ ପରିସରରେ ଜୀବନ ବଞ୍ଚାଇବାକୁ ଆର୍ତ୍ତ ଚିତ୍କାର ଶୁଣାଯାଇଥିଲା। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଗଷ୍ଟ ୧୪ରେ ଦେଇଥିବା ବିବୃତ୍ତିରେ କୁହାଯାଇଛି କି, ଏବେ ସୁଦ୍ଧା ଭୋକ ଓ ଅପପୁଷ୍ଟିରେ ୨୩୯ ଜଣଙ୍କର ମୃତ୍ୟୁ ହୋଇଛି । ଯେଉଁଥିରେ ୧୦୬ ଶିଶୁ ରହିଛନ୍ତି। ଇସ୍ରାଏଲ ଡିଫେନ୍ସ ଫୋର୍ସ ଦାବି କରିଛି ଯେ, ଉତ୍ତରଗାଜାର ବେତ୍ ହନୁନ ଅଞ୍ଚଳରେ ହମାସର ଏକ ବଡ ସୁଡଙ୍ଗକୁ ବ୍ଲକ କରିଦିଆଯାଇଛି । ୨.୪ କିମି ଲମ୍ବ ସୁଡ଼ଙ୍ଗ ଧ୍ୱଂସ ହୋଇଛି। ଆଇଡିଏଫ କହିଛି ଯେ, ତା’ର ଅପରେସନରେ ନିକଟରେ ଖାନ ୟୁନିସ ଅଞ୍ଚଳରେ ହମାସ କମାଣ୍ଡର ନାସିର ମୁସାର ମୃତ୍ୟୁ ହୋଇଛି। ଲୋକେ ବାସହରା ହୋଇଛନ୍ତି, ଭୋକିଲା ଅଛନ୍ତି, ଭାଙ୍ଗି ପଡ଼ିଛନ୍ତି । ଗାଜାରୁ ସାରା ବିଶ୍ୱରେ ସେମାନଙ୍କ ଚିତ୍କାରର ପ୍ରତିଧ୍ୱନି ଶୁଣାଯାଉଛି। ବିଶ୍ୱର ଅନେକ ଦେଶ ସାହାଯ୍ୟ କରିବାକୁ ଚାହୁଁଛନ୍ତି, କିନ୍ତୁ ସମସ୍ତେ ଖାଲି ହାତ।

# ବେଆଇନ ଗୋଚାଲାଣ : ୫ଟି ଗୋରୁ ଉଦ୍ଧାର, ଡ୍ରାଇଭର ଗିରଫ

ବାରିପଦା, ୧୭/୦୮ ନ୍ୟୁଜ ବ୍ୟୁରୋ
ବାରିପଦାରେ ବେଆଇନ ଗୋଚାଲାଣକୁ ରୋକିବାରେ ବାରିପଦା ସଦର ଥାନା ପୁଲିସକୁ ସଫଳତା ମିଳିଛି। ଗୋରୁ ଉଦ୍ଧାର କରିବା ସହ ଟେମ୍ପୋ ଜବତ କରିଛନ୍ତି। ଏହାସହିତ ଗାଡି ଚାଳକ ବଡ଼ସାହି ଥାନା ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମର ପ୍ରଧାନ ସିଂ(୨୯)କୁ ଗିରଫ କରି ପୁଲିସ ତଦନ୍ତ ଜାରି ରଖିଛନ୍ତି। ରାତିରେ ବାରିପଦା ନିକଟରେ ପୁଲିସ ଦ୍ୱାରା ପେଟ୍ରୋଲିଂ ଜାରି ଥିଲା। ଉକ୍ତ ସମୟରେ ଏକ ପିକଅାପ ଗାଡିରେ ଗୋଚାଲାଣ ହେଉଥିବା ନେଇ ପୁଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇ ମହୁଲିଆ ଅଞ୍ଚଳରେ ଅଟକାଇ ଥିଲେ। ପିକଅପ ଡ଼ାଲାରେ ୫ଗୋଟି ଗୋରୁକୁ ଅମାନବୀୟ ଭାବେ ନେଉଥିବା ବେଳେ ଏନେଇ କୋଣସି କାଗଜପତ୍ର ମଧ୍ୟ ଦେଖାଇ ପାରିନଥିଲେ। ପୁଲିସ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ବାରିପଦା ସଦର ଥାନା ପୁଲିସ ଦ୍ୱାରା ଅଧିକ ତଦନ୍ତ ଜାରି ରହିଛି। ତେବେ ଗୋରୁ ଗୁଡ଼ିକ ମୟୂରଭଞ୍ଜ ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବାର ନେଇ ସନ୍ଦେହ କରାଯାଉଛି। ଏହାର କିଙ୍ଗପିନକୁ ଧରିବାକୁ ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି। ଉଦ୍ଧାର ଗୋରୁକୁ ଗୋଶାଳାରେ ପଠାଇବା ବ୍ୟବସ୍ଥା କରାଯାଇଛି।